ଦେବଦତ୍ତ ପଡ଼ିକ୍କଲଙ୍କ ଦମ୍ଦାର ବ୍ୟାଟିଂ
ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ମଜବୁତ ସ୍ଥିତିରେ ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
E-mail : sambadkalikanews@gmail.com
● ବର୍ଷ–୩୩ ● ସଂଖ୍ୟା–୧୯୭ ● ୧୭ ଅଗଷ୍ଟ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-197 ● 17th August 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ସ୍ଥିତି ଗମ୍ଭୀର

ଭୁବନେଶ୍ୱର, ୧୬।୮
ନ୍ୟୁଜ୍ ବ୍ୟୁରୋ



ଲଗାଣ ବର୍ଷା ଫଳରେ ଉତ୍ତର ଓଡ଼ିଶାର ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ସୁବର୍ଣ୍ଣରେଖା ନଦୀର ଜଳସ୍ତର ବିପଦ ସଂକେତ ଅତିକ୍ରମ କରିଥିବାବେଳେ ବୁଢ଼ାବଳଙ୍ଗ ଓ ଜଳକାର ଜଳସ୍ତର ହ୍ରାସ ପାଇଛି। ବସ୍ତା ତହସିଲ କାଦରାୟା ଗାଁ ପାର୍ଶ୍ୱରେ ୨୦ ଫୁଟ ଓସାରରେ ସୁବର୍ଣ୍ଣରେଖା ନଦୀ ବନ୍ଧ ଦବିଯିବାରୁ ସ୍ଥାନୀୟ ଅଞ୍ଚଳରେ ଲୋକେ ଭୟଭୀତ ହୋଇଛନ୍ତି। ରାଜଘାଟରେ ସୁବର୍ଣ୍ଣରେଖା ନଦୀର ସତର୍କ ସଙ୍କେତ ୯.୫ ମିଟର ଥିବାବେଳେ, ସକାଳ ୧୦ଟା ସୁଦ୍ଧା ଏହା ୧୦.୧୨ ମିଟର ଉପରେ ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗରେ ଜଳସ୍ତର ୭.୬୪ ମିଟର ଓ ଜଳକାରେ ୬.୯୮ ମିଟରରେ ପ୍ରବାହିତ ହେଉଛି। ତଳିଆ ଅଞ୍ଚଳରେ ଏବେ ବି ଲାଗି ରହିଛି ଜଳବନ୍ଦୀ ସମସ୍ୟା। ଚାନ୍ଦବାଲି ବ୍ଲକରେ ଦ୍ୱିତୀୟ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଓ ଓଳଗ ପଞ୍ଚାୟତର ୩୦ରୁ ଅଧିକ ଗାଁ ପାଣି ଘେରରେ ରହିଛି। ଏନ୍ଏଚ୍- ୨୦ର ବୋଡ଼କ ରାସ୍ତା ଉପରେ ପ୍ରାୟ ୫ ଫୁଟର ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଛି।

ଯାଜପୁରରେ ବୈତରଣୀର ଚତୁର୍ଥ ବନ୍ୟା ଆସିବା ଫଳରେ ଲୋକଙ୍କ ସମସ୍ୟା ବଢ଼ିଛି। ବଲ୍ଲଭିଘାଟ ଓ ଦଶରଥପୁରରେ ବିପଦ ସଂକେତ ଉପରେ ପାଣି ପ୍ରବାହିତ ହେଉଛି। ଦଶରଥପୁର ଡୋଭାବିଲ ପାଟଣାରେ ପୂର୍ବ ବନ୍ୟାରେ ସୃଷ୍ଟି ହୋଇଥିବା ଘାଇକୁ ବନ୍ଦ କରିବାକୁ ପ୍ରଶାସନ ଚେଷ୍ଟା କରିଥିଲେ ମଧ୍ୟ, ଘାଇ ଉପର ଦେଇ ପାଣି ଗାଁ ଭିତରକୁ ପ୍ରବେଶ କରୁଛି। ପ୍ରାୟ ୧୫ଟି ପଞ୍ଚାୟତ ବନ୍ୟା ପାଣିରେ ବୁଡ଼ି ରହିଥିବାବେଳେ ଗାଁ ଦାଣ୍ଡରେ ଲହଡ଼ି ମାରୁଛି ପାଣି। ଅନେକ ପରିବାର ବନ୍ଧ ଉପରେ, ଆଶ୍ରୟସ୍ଥଳୀ ଓ ଘର ଛାତ ଉପରେ ଜୀବନ କାଟୁଛନ୍ତି। ଘରେ ପାଣି ପଶିଥିବାବେଳେ *(ପୃଷ୍ଠା ୭ରେ)*

## ଅଫିସରଙ୍କ ଛୁଟି ବାତିଲ୍ : ୩ ଜିଲ୍ଲାରେ ୩ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୧୬।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି।



ନିର୍ଦ୍ଦେଶ ଅନୁଯାୟୀ, ଯେଉଁ ସରକାରୀ ଅଧିକାରୀ ଓ କର୍ମଚାରୀ ବର୍ତ୍ତମାନ ଛୁଟିରେ ଅଛନ୍ତି, ସେମାନେ *(ପୃଷ୍ଠା ୭ରେ)*

ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଉତ୍ସବ ପାଳନ ଅବସରରେ ଦେଶବାସୀଙ୍କୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ

# ଆମର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିଛି ବିଶ୍ୱ

ନୂଆଦିଲ୍ଲୀ, ୧୬।୮
ନ୍ୟୁଜ୍ ବ୍ୟୁରୋ



ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କରି କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ପ୍ରତିରକ୍ଷା ଉତ୍ପାଦନ ପ୍ରାୟ ଚାରି ଗୁଣା ହୋଇଥିବାବେଳେ, ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦନ ପ୍ରାୟ ପାଞ୍ଚ ଗୁଣା ହୋଇଛି। ସେହିପରି ଇଲେକ୍ଟ୍ରୋନିକ୍ ଉତ୍ପାଦନ ପ୍ରାୟ ସାତ ଗୁଣା, ଆଧୁନିକ ରେଳ କୋଚ୍ ନିର୍ମାଣ ୨୧ ଗୁଣା ଏବଂ ମୋବାଇଲ୍ ଫୋନ୍ ନିର୍ମାଣ ୩୩ ଗୁଣା ବୃଦ୍ଧି ପାଇଛି। ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ଚାରି ଗୁଣା ବୃଦ୍ଧି ପାଇଛି, ପେଟେଣ୍ଟ ୪ ଗୁଣା ପ୍ରଦାନ କରାଯାଇଛି ଏବଂ ଡିଜିଟାଲ୍ କାରବାର ୧୦୦ ଗୁଣା ବୃଦ୍ଧି ପାଇଛି। ଆଜି ଭାରତ ଏକ ବଡ଼ ସ୍ୱପ୍ନ ଦେଖୁଛି। ସେହି ସ୍ୱପ୍ନ ହେଉଛି, ଯେତେବେଳେ ଭାରତ ୨୦୪୭ ରେ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ, ଆମେ ନିଶ୍ଚିତ ଭାବରେ ଏକ ବିକଶିତ ଭାରତ ନିର୍ମାଣ ସ୍ୱପ୍ନକୁ ସାକାର କରିବୁ। ଆମକୁ ୧୪୦ କୋଟି ଦେଶବାସୀଙ୍କ କଠିନ ପରିଶ୍ରମ ଏବଂ ପ୍ରୟାସ ମାଧ୍ୟମରେ ଏହି ଲକ୍ଷ୍ୟ ହାସଲ କରିବାକୁ ପଡିବ।

ଆମେ ପାଞ୍ଚଟି ନୂତନ ପରମାଣୁ ରିଆକ୍ଟରକୁ କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ନେଇ ଆଗକୁ ବଢୁଛୁ। ଚଳିତ ବର୍ଷ ଭାରତ ଫାଷ୍ଟ ବ୍ରିଡର ନ୍ୟୁକ୍ଲିୟର ଟେକ୍ନୋଲୋଜିରେ ବିଶେଷ ସଫଳତା ହାସଲ କରିଛି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଫଳସ୍ୱରୂପ, ଆମେ ପରମାଣୁ ଇନ୍ଧନରେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ସଫଳ ହୋଇଛୁ। ପରମାଣୁ ଶକ୍ତି ସୁରକ୍ଷାର ଏକ ପ୍ରମୁଖ ଉତ୍ସ। ଆମେ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ ପରମାଣୁ ଶକ୍ତି ପାଇଁ ଲକ୍ଷ୍ୟ ରଖିଛୁ।

ଆଜି ଦେଶକୁ ଆମଦାନୀ ହୋଇଥିବା ଅଶୋଧିତ ତୈଳଉପରେ ନିର୍ଭର କରିବାକୁ ପଡୁଛି ଏବଂ ଏହା ମୁଖ୍ୟତଃ ଅତୀତର ଭୁଲ ଚିନ୍ତାଧାରା ଯୋଗୁଁ ହେଉଛି। *(ପୃଷ୍ଠା ୭ରେ)*

## ଓଡ଼ିଶା ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ନେଲେ ବିନୟତୋଷ ମିଶ୍ର

# ଅପରାଧ ନିୟନ୍ତ୍ରଣ ଓ ଜନସୁରକ୍ଷାକୁ ଗୁରୁତ୍ୱ

କଟକ, ୧୬।୮
ନ୍ୟୁଜ୍ ବ୍ୟୁରୋ

ବିନୟତୋଷ ମିଶ୍ର (ଆଇପିଏସ୍) ରବିବାର ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଠାରୁ ଓଡ଼ିଶା ପୁଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ବିନୟତୋଷ ମିଶ୍ର ପୁଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଉପସ୍ଥିତ ବରିଷ୍ଠ ଅଧିକାରୀଗଣ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ତାଙ୍କୁ "ଗାର୍ଡ ଅଫ୍ ଅନର" ପ୍ରଦାନ କରାଯାଇଥିଲା । ପରେ ଡିଜିପି



ଶ୍ରୀ ମିଶ୍ର ଶହୀଦ ସ୍ମୃତିସ୍ତମ୍ଭ ଠାରେ ମାଲ୍ୟାର୍ପଣ କରି ଦେଶପାଇଁ ବଳିଦାନ ଦେଇଥିବା ପୁଲିସ କର୍ମଚାରୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଶ୍ରୀ ମିଶ୍ର କ୍ରାଇମବ୍ରାଞ୍ଚ ଡିଜି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ।

ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଡିଜିପି ଶ୍ରୀ ମିଶ୍ର ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ରାଜ୍ୟ ସରକାରଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଦାୟିତ୍ୱକୁ ସେ ନିଷ୍ଠାର ସହ ସମ୍ପାଦନ କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ରହିବ। ପ୍ରାୟ ଦୁଇ ବର୍ଷ ଧରି ଡିଜିପି, କ୍ରାଇମ୍ ବ୍ରାଞ୍ଚ ଭାବେ କାର୍ଯ୍ୟ କରି ଅପରାଧ ନିୟନ୍ତ୍ରଣ ଓ ନିରାକରଣ ଦିଗରେ ନିରନ୍ତର ପ୍ରୟାସ କରାଯାଇଥିବା ସେ କହିଥିଲେ। ନାରୀ ସୁରକ୍ଷା, ସଂଗଠିତ ଅପରାଧ ଦମନ, ନିଶାମୁକ୍ତ ଓଡ଼ିଶା ଗଠନ ଏବଂ ସାଇବର ଅପରାଧ ନିୟନ୍ତ୍ରଣ ଉପରେ ଆଗାମୀ ଦିନରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

## ଆଜି ଶ୍ରୀଜୀଉଙ୍କ ଖସାପଡା ନୀତି : ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ, ୧୬।୮
ନ୍ୟୁଜ୍ ବ୍ୟୁରୋ

ସୋମବାର ଶ୍ରାବଣ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

## ଆଜିର ମୁଖ୍ୟ ଖବର

- ଆମେ ସୁନିଶ୍ଚିତ କରିବୁ ଯେ ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ: ପ୍ରଧାନମନ୍ତ୍ରୀ
- ଇଣ୍ଡୋନେସିଆରେ ୭.୭ ତୀବ୍ରତାର ଭୂମିକମ୍ପ, ଲୋକେ ଆତଙ୍କିତ।
- ନେପାଳର ଜଜାରକୋଟରେ ଭୂସ୍ଖଳନରେ ତିନି ଜଣଙ୍କର ମୃତ୍ୟୁ, ଚାରି ଜଣ ନିଖୋଜ।
- ପୂର୍ବତନ ବିଧାୟକ ସୁଜୟ ହାଜରାଙ୍କ ବାସଭବନ ପରିଦର୍ଶନ କଲା ସିଆଇଡି ଟିମ୍ ।
- ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆଶିଷ ବାନାର୍ଜୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ଦୁର୍ଭାଗ୍ୟଜନକ ବୋଲି କହିଲେ।
- ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରେହମାନ ଅଗଷ୍ଟ ମାସରେ ଦୁଇ ଦିନିଆ ଭାରତ ଗସ୍ତରେ ଆସିବାର ସମ୍ଭାବନା।
- ମଧ୍ୟପ୍ରଦେଶର ରତଲାମରେ ଏକ୍ସପ୍ରେସୱେରେ ଟ୍ରକ ଧକ୍କାରେ ୪ମୃତ।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

# ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି

ଭୁବନେଶ୍ୱର, ୧୬।୮
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ରାଜ୍ୟ ଓ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସେ କହିଛନ୍ତି, ୮୦ତମ ସ୍ୱାଧୀନତା ଦିବସରେ ଆଜି ଆଉ ଏକ ପୃଷ୍ଠା ଯୋଡ଼ି ହୋଇଯାଇଛି। 'ବନ୍ଦେ ମାତରମ୍'କୁ ଉପଯୁକ୍ତ ସମ୍ମାନ ମିଳିଛି।

ମହାତ୍ମାଗାନ୍ଧୀ ମାର୍ଗରେ ଆୟୋଜିତ




ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା କରିଛି। ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ୨୨୦୦ଟି ବିଦ୍ୟାଳୟ ନିର୍ମାଣ କରାଯିବ। ଆମ *(ପୃଷ୍ଠା ୭ରେ)*

## ତିସ୍ତା ନେଇ ଉଚ୍ଚସ୍ତରୀୟ କମିଟି ଗଠନ କଲା ଭାରତ

ନୂଆଦିଲ୍ଲୀ, ୧୬।୮

ପଶ୍ଚିମବଙ୍ଗର ତିସ୍ତା ବ୍ୟାରେଜ୍ ପ୍ରକଳ୍ପର ପୁନରୁଦ୍ଧାର ଓ ଭବିଷ୍ୟତ ପରିଚାଳନା ନେଇ ଭାରତ ସରକାର ଏକ ୧୨ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ତିସ୍ତା ନଦୀ ପରିଚାଳନା ପାଇଁ ବାଂଲାଦେଶର ଯୋଜନାରେ ଚୀନର ସହଯୋଗ ବଢୁଥିବା ସମୟରେ ଭାରତର ଏହି ପଦକ୍ଷେପ ସାମ୍ନାକୁ ଆସିଛି। ଜୁଲାଇ ୧୦ରେ ଗଠିତ ଏହି କମିଟିର ଅଧ୍ୟକ୍ଷ ହେଉଛନ୍ତି କେନ୍ଦ୍ରୀୟ ଜଳ ଆୟୋଗର ଅଧ୍ୟକ୍ଷ। କମିଟିକୁ ୬ ମାସ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି।

କମିଟି ତିସ୍ତା ବ୍ୟାରେଜ୍ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ଜଳ *(ପୃଷ୍ଠା ୭ରେ)*

## ମସ୍କୋ ଉପରେ ୬୦୦ ଡ୍ରୋନ୍ ଆକ୍ରମଣ କଲା ୟୁକ୍ରେନ୍

କିଭ୍, ୧୬।୮

ଆକାଶମାର୍ଗରୁ କ୍ରମାଗତ ବୋମାବର୍ଷଣକୁ ନେଇ ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଅଧିକ ଭୟାନକ ରୂପ ନେଇଛି। ରବିବାର ଋଷ ପକ୍ଷରୁ କରାଯାଇଥିବା ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅତିକମରେ ୭ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଗୃହ ସହର କିଭ୍‌ର ଦୁଇଟି ଶିଳ୍ପାଞ୍ଚଳକୁ ଲକ୍ଷ୍ୟ କରି ଋଷ ସେନା ପ୍ରବଳ ବୋମାବର୍ଷଣ କରିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ଏବଂ ୬ ଜଣ ଆହତ ହୋଇଛନ୍ତି। ସେହିପରି ରାଜଧାନୀ କିଭ୍‌ରେ ମିସାଇଲ୍ ମାଡ଼ ଯୋଗୁଁ ବିଭିନ୍ନ ସ୍ଥାନରେ ନିଆଁ ଲାଗିଯିବା ସହ ଜଣେ ବ୍ୟକ୍ତି ଆହତ ହୋଇଥିବା ମେୟର ଭିଟାଲି କ୍ଲିଚକୋ ସୂଚନା ଦେଇଛନ୍ତି।

ଅନ୍ୟପଟେ ୟୁକ୍ରେନ ସେନା ମଧ୍ୟ ଋଷ ଭିତରକୁ ପଶି ଏକ ବଡ଼ଧରଣର ପ୍ରତିଶୋଧମୂଳକ ଆକ୍ରମଣ କରିଛି। ଋଷର ରାଜଧାନୀ ମସ୍କୋ ଓ ଏହାର ଆଖପାଖ ଅଞ୍ଚଳକୁ ଲକ୍ଷ୍ୟ କରି ୟୁକ୍ରେନ ରାତିସାରା ପାଖାପାଖି ୬୦୦ ଡ୍ରୋନ୍ ମାଡ଼ କରିଥିବା ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ପ୍ରକାଶ କରିଛନ୍ତି। ଏଥିମଧ୍ୟରୁ ୨୦୧ଟି ଡ୍ରୋନକୁ ରୁଷୀୟ ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇ ଦେଇଥିବା ବେଳେ ଏହି ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। *(ପୃଷ୍ଠା ୭ରେ)*

## ରଘୁନାଥପୁରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ଗାଈଗୁହାଳରେ ପରିଣତ




## ଏକାଳ ପଖାଳ



ଆକାର ବଢେଇ ଆମ ରାଜଧାନୀ
ହେବ ଯେ ବିଶ୍ୱସ୍ତର
କଥାଗୁଡା ସବୁ ବଢିଆ ଲାଗୁଛି
ଝିଲିମିଲି ସପନର
ହେଲେ ଦ୍ୱନ୍ଦ୍ୱ ଜନତାର
ଗପ ଶୁଣେଇକି କହୁ ନାହାନ୍ତି ତ
ପାଣିରେ ପକେଇ ସର।

# ସମୁଦ୍ରରେ 'ସାଇଲେଣ୍ଟ୍ କିଲର' ମୁତୟନ କରିବ ଭାରତ



ନୂଆଦିଲ୍ଲୀ, ୧୬।୮

ଭାରତ ମହାସାଗରରେ ଚୀନର ବଢୁଥିବା ଚ୍ୟାଲେଞ୍ଜ ମଧ୍ୟରେ ଭାରତୀୟ ନୌସେନାର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବାକୁ ଯାଉଛି। ଭାରତ ଏବଂ ଜର୍ମାନୀ ମଧ୍ୟରେ ଛଅଟି ଅତ୍ୟାଧୁନିକ ପାରମ୍ପରିକ ବୁଡ଼ାଜାହାଜ ନିର୍ମାଣ ପାଇଁ ଦୀର୍ଘ ପ୍ରତୀକ୍ଷିତ ମେଗା-ଡିଲ୍, 'ପ୍ରୋଜେକ୍ଟ ୭୫-ଆଇ' ଏବେ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି।

ପ୍ରାୟ ୭୦ ହଜାର କୋଟି ଟଙ୍କାର ଏହି ପ୍ରତିରକ୍ଷା ଚୁକ୍ତି ପାଇଁ ପ୍ରସ୍ତାବ ଖୁବ୍ ଶୀଘ୍ର ସୁରକ୍ଷା ପ୍ରସଙ୍ଗର କ୍ୟାବିନେଟ୍ କମିଟି (ସିସିଏସ) ସମ୍ମୁଖରେ ଉପସ୍ଥାପିତ ହେବାର ଆଶା କରାଯାଉଛି। ସିସିଏସ ସବୁଜ ସଙ୍କେତ ଦେବା ପରେ, ଆନୁଷ୍ଠାନିକ ଚୁକ୍ତି ସ୍ୱାକ୍ଷରିତ ହେବ ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଅନ୍ତର୍ଗତ ଛଅଟି ବୁଡ଼ାଜାହାଜ ମୁଖ୍ୟତଃ ଭାରତରେ ମୁମ୍ବାଇ-ଭିତ୍ତିକ ମାଜାଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ୍ (ଏମଡିଏଲ) ଦ୍ୱାରା ଜର୍ମାନ ବିଶାଳ ଥାଇସେନକ୍ରୁପ୍ ମାରିନ୍ ସିଷ୍ଟମ୍ସ (ଟିକେଏମଏସ) ସହ ମିଳିତ ଭାବେ ରଣନୈତିକ ସହଭାଗୀତାରେ ନିର୍ମାଣ କରାଯିବ।ଏହି ଚୁକ୍ତି ନୌସେନାର ଶକ୍ତି ବୃଦ୍ଧି କରିବା ସହିତ ଘରୋଇ ପ୍ରତିରକ୍ଷା ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଭାରତର ପ୍ରାଥମିକ ଲକ୍ଷ୍ୟ ହେଉଛି ଉପକରଣଗୁଡ଼ିକୁ ଏକତ୍ର କରି ଭବିଷ୍ୟତରେ ବୁଡ଼ାଜାହାଜ ନିର୍ମାଣ, ରକ୍ଷଣାବେକ୍ଷଣ, ଅପଗ୍ରେଡ୍ ଏବଂ ନିର୍ମାଣ କରିବା ପାଇଁ *(ପୃଷ୍ଠା ୭ରେ)*

# ଲଘୁଚାପ ଅଧିକ ଘନୀଭୂତ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୬।୮
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହୋଇଛି। ରବିବାର ଅପରାହ୍ନ ୨ଟା ୩୦ ସୁଦ୍ଧା ଏହା ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଥିବା ଜଣାପଡ଼ିଛି।

ବର୍ତ୍ତମାନ ଏହି ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ପ୍ରଭାବ ପକାଉଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ରହିଛି।

ବିଶେଷକରି ଉତ୍ତର ଓଡ଼ିଶାର ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଲଘୁଚାପର ପ୍ରଭାବ ଅଧିକ ଅନୁଭୂତ ହୋଇପାରେ। କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ପ୍ରଶାସନ ଓ ଲୋକଙ୍କୁ ସତର୍କ ରହିବା ଆବଶ୍ୟକ ହୋଇଛି।

ଲଘୁଚାପ ପ୍ରଭାବରେ ରାଜ୍ୟର ଅନେକ ଅଞ୍ଚଳରେ ବର୍ଷା ଜାରି ରହିପାରେ। ଲଗାଣ ବର୍ଷା ଯୋଗୁଁ ନଦୀନାଳରେ ଜଳସ୍ତର ବୃଦ୍ଧି ସହ ତଳିଆ ଅଞ୍ଚଳରେ ଜଳବନ୍ଦୀ ଓ ବନ୍ୟା ଆଶଙ୍କା ମଧ୍ୟ ଦେଖାଦେଇପାରେ। ଏଥିସହ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯିବା ସମୟରେ ପାଣିପାଗ ବିଭାଗର ସତର୍କ ସୂଚନା ପ୍ରତି ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୭ ଅଗଷ୍ଟ, ୨୦୨୬ ସୋମବାର





# ବଡ଼ଗଡ଼ ପାଲଟିଛି ମଶାଙ୍କ ଏନ୍ତୁଡ଼ିଶାଳ : ଘରଠୁ ବଜାର ସବୁଠି ଲୋକେ କଲବଲ

**ଭୁବନେଶ୍ୱର୍, ନ୍ୟୁଜ୍ ବ୍ୟୁରୋ**

ବଡ଼ଗଡ଼ ଗ୍ରାମ ସହିତ ଏହାର ଆଖପାଖ ଅଞ୍ଚଳ ମଶାଙ୍କ ଅନ୍ତୁଡ଼ିଶାଳ ପାଲିଟିଛି। ଦିନରାତି ରାସ୍ତାଘାଟ, ଘର, ବଜାର ସବୁଠି ମଶା କାମୁଡ଼ାରେ ଲୋକେ କଲବଲ ହେଲେଣି। ଏଭଳି ମଶା ଉପଦ୍ରବ ଆମେ କେବେ ଦେଖିନଥିଲୁ ବୋଲି ବଡ଼ଗଡ଼ ଗ୍ରାମବାସୀ କହୁଛନ୍ତି।

ବିଏମ୍‌ସି ୪୪ ନମ୍ବର ୱାର୍ଡରେ ଥିବା ଏହି ଗ୍ରାମର ପଶ୍ଚିମ ପଟେ ଦଳ ଓ ଆବର୍ଜନାରେ ଭର୍ତ୍ତି ଦୟା ୱେଷ୍ଟ ବ୍ରାଞ୍ଚ କେନାଲ ଏବଂ ଦକ୍ଷିଣ ପଟେ ଗଙ୍ଗୁଆ ନାଳ ରହିଛି। ଦକ୍ଷିଣ-ପଶ୍ଚିମ ପଟେ ବିଏମ୍‌ସିର ୩ଟି ଅଳିଆ ପ୍ରକ୍ରିୟାକରଣ କେନ୍ଦ୍ର, ଗ୍ରାମ ଭିତରେ ଥିବା ନୂଆ ସାହିର ନୂଆ ପୋଖରୀ ଓ ବଡ଼ଗଡ଼ ଗ୍ରାମରେ ଥିବା ଶ୍ମଶାନ, ଏସବୁ ସ୍ଥାନରୁ ବର୍ଷ ବର୍ଷ ଧରି ମଶା ମାଡ଼ି ଆସନ୍ତି। କିନ୍ତୁ ଚଳିତବର୍ଷ ସମସ୍ୟାକୁ ବଢ଼ାଇ ଦେଇଛି ବିଏମ୍‌ସିର ୬ନମ୍ବର ଡ୍ରେନ୍। ଏହି ଡ୍ରେନ୍‌ଟି



ବଡ଼ଗଡ଼ ଗ୍ରାମ ମଧ୍ୟ ଦେଇ ଗଙ୍ଗୁଆ ନଦୀରେ ପଡିଛି। ରାଜଧାନୀର ଏକ ବଡ଼ ଅଞ୍ଚଳରୁ ସମସ୍ତ ନର୍ଦ୍ଦମା ପାଣି ଏହି ଡ୍ରେନ୍ ପଟେ ନିଷ୍କାସିତ ହେଉଛି। କିନ୍ତୁ ବର୍ଷାଦିନ ପୂର୍ବରୁ ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ସତ୍ତ୍ୱେ ୬ ନମ୍ବର ଡ୍ରେନ୍ ସଫା କରାଗଲାନି। ଡ୍ରେନରେ ଜରି, ପଙ୍କ, ଅଳିଆ, ପଶୁ ପକ୍ଷୀଙ୍କ ଶବ ପକାଯାଉଛି। ଫଳରେ ଡ୍ରେନ୍ ପୂରା ଅବରୋଧ ହୋଇ ଯାଇଛି। ତେଣୁ ଉପର ମୁଣ୍ଡରୁ ଆସୁଥିବା ନର୍ଦ୍ଦମା ପାଣି ଗଙ୍ଗୁଆରେ ପଡି ନ ପାରି ବଡ଼ଗଡ଼ ଅଞ୍ଚଳକୁ ଜଳବନ୍ଦୀ କରି ପକାଇଛି। ଦୀର୍ଘଦିନ ଧରି ଏହି ନର୍ଦ୍ଦମା ପାଣି ଜମି ରହିବା ଫଳରେ ତାହା ମଶାଙ୍କ ଅନ୍ତୁଡ଼ିଶାଳ ପାଲଟିଛି। ଶହ ଶହ ଏକର ଜମିରେ ନର୍ଦ୍ଦମା ପାଣି ଜମି ରହିଛି।

୬ ନମ୍ବର ଡ୍ରେନ ଗଙ୍ଗୁଆ ନାଳ ଯାଏ ସଫା ନ ହେଲେ ବଡ଼ଗଡ଼ ଅଞ୍ଚଳରୁ ପାଣି ଯିବାର ବାଟ ନାହିଁ। ବର୍ଷା ଦିନ ପରେ ମଧ୍ୟ ଏହି ଅଞ୍ଚଳରୁ ନର୍ଦ୍ଦମା ପାଣି ଶୁଖିବାର ଆଶା ଦେଖାଯାଉନି। ବର୍ତ୍ତମାନ ଦୟା ୱେଷ୍ଟ ବ୍ରାଞ୍ଚ କେନାଲ, ବିଏମ୍‌ସିର ୩ ଅଳିଆ ପ୍ରକ୍ରିୟାକରଣ କେନ୍ଦ୍ର, ନୂଆ ସାହିର ନୂଆ ପୋଖରୀ, ବଡ଼ଗଡ଼ ଶ୍ମଶାନ, ଗଙ୍ଗୁଆ ନାଳ ସହିତ ଶହ ଶହ ଏକର ଜମିରେ ଥିବା ନର୍ଦ୍ଦମା ପାଣି ଗ୍ରାମ ଚାରିପଟେ ଘେରି ରହିଛି। ଚାରି ଦିଗରୁ ମଶା ଜନ୍ମ ହୋଇ ଲୋକଙ୍କୁ ଅତିଷ୍ଠ କରି ପକାଇଲେଣି। ଏ ଭିତରେ ବଡ଼ଗଡ଼ ଅଞ୍ଚଳରେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଲେଣି। ମଶା ଭୟରେ ଲୋକେ ସନ୍ଧ୍ୟା ନ ହେଉଣୁ ଘର କବାଟ, ଝରକା ବନ୍ଦ କରୁଛନ୍ତି। ତୁରନ୍ତ ନିରାକରଣ କରା ନ ଗଲେ ଆଗକୁ ବହୁ ସଂଖ୍ୟାରେ ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବେ।

# ଶେରଗଡ଼, ହିଞ୍ଜିଳିକାଟୁ ଓ କବିସୂର୍ଯ୍ୟ ନଗର ଅଞ୍ଚଳରେ ନିର୍ମିତ ରାସ୍ତା ନିମ୍ନମାନର ଅଭିଯୋଗ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଶେରଗଡ଼, ହିଞ୍ଜିଳିକାଟୁ ଓ କବିସୂର୍ଯ୍ୟ ନଗର ଅଞ୍ଚଳରେ ଗତ ପାଞ୍ଚ ବର୍ଷ ମଧ୍ୟରେ ନିର୍ମାଣ ହୋଇଥିବା ସଡ଼କଗୁଡ଼ିକ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଫଳରେ କେତେକ ସ୍ଥାନରେ ରୋଡ୍‌ଗୁଡ଼ିକ ନଷ୍ଟ ହେବାରେ ଲାଗିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରା ଓ ବୁଝାମଣାରେ ଏ ଧରଣର ନିମ୍ନମାନର କାର୍ଯ୍ୟ ହୋଇଥିବା ମଧ୍ୟ ସାଧାରଣରେ ଦାବି ହେଉଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ଘଟଣାର ତଦନ୍ତ କରିବାକୁ ଦାବି ହେଉଛି।

# ।। ବରଗଡ଼ରେ ଚାଞ୍ଚଲ୍ୟ ।।

# ନିରାମୟରେ ଦିଆଯାଉଛି ଏକ୍ସପାୟାରୀ ମେଡିସିନ !




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ନିରାମୟରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏଠାରେ ରୋଗୀଙ୍କୁ ଏକ୍ସପାୟାରୀ ମେଡିସିନ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଠାକୁ ଆସିଥିବା ଜଣେ ଆହତ ବାଳକଙ୍କୁ ସେଭଳି ମେଡିସିନ୍ ଦିଆଯିବା ଏବଂ ତାହା ଖାଇବା ପରେ ରୋଗୀଙ୍କ ମୁଣ୍ଡ ବୁଲାଇବା ଜଣାପଡିବା ପରେ ଜନ ଅସନ୍ତୋଷ ବଢ଼ି ଚାଲିଛି। ମେଡିସିନର ଏକ୍ସପାୟାରୀ ତାରିଖ ଗତ ମେ' ମାସରେ ସରିଯାଇ ଥିବାବେଳେ ସେହି ମେଡିସିନ୍ ରୋଗୀଙ୍କୁ ଦିଆଯାଇଥିଲା ବୋଲି ରୋଗୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ବାପା-ମା'ଙ୍କ ଯିବା ପରେ ବଦଳିଗଲା ଜୀବନର ଗତିପଥ

# କୁଲି କାମରେ ଉଚ୍ଚଶିକ୍ଷିତା ଆଦିବାସୀ ଯୁବତୀ ସୁକାନ୍ତି

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

ହାତରେ ଡିପ୍ଲୋମା ଡିଗ୍ରୀ। ଆଖିରେ ଆଖିଏ ସ୍ୱପ୍ନ। ଇଚ୍ଛା ଥିଲା ଭଲ ଚାକିରିଟିଏ କରିବେ। ବଦଳିଯିବ ତାଙ୍କ ଭାଗ୍ୟ। ଅଥଚ ନିୟତିର ନିୟମ ଥିଲା କିଛିଟା ଅଲଗା। ବାପା-ମାଆଙ୍କ ମୃତ୍ୟୁ ପରେ ବଦଳିଯାଇଛି ତାଙ୍କ ଜୀବନର ଗତିପଥ। ସବୁ ଆଶା ଧୂଳିସାତ୍ ହୋଇଯାଇଛି। ହାତରେ ଡିଗ୍ରୀ ଥିଲେ ବି ମୁଣ୍ଡରେ ସିମେଣ୍ଟ, ବାଲି ଓ ପଥରର ବୋଝ। କୁଲି କାମ କରିବାକୁ ବାଧ୍ୟ ହୋଇଛନ୍ତି କୋରାପୁଟ ବ୍ଲକ ମହାଦେଇପୁଟ ପଞ୍ଚାୟତ ମୁଣ୍ଡାଗୁଡ଼ାର ଉଚ୍ଚଶିକ୍ଷିତା ଆଦିବାସୀ ଯୁବତୀ ସୁକାନ୍ତି ପରଜା।

ଛୋଟବେଳୁ ପଢ଼ାରେ ପାରଙ୍ଗମ ଥିଲେ ସୁକାନ୍ତି। ଅଭାବ ଅନଟନ ଭିତରେ ବି ଆତ୍ମବିଶ୍ୱାସକୁ ଆଣ୍ଟ କରି ମାଟ୍ରିକ୍ ପାସ୍ କରିଥିଲେ। ସ୍ଥାନୀୟ ଏକ ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ବିଶ୍ୱାସ ଥିଲା ଶିକ୍ଷା ହିଁ ତାଙ୍କ ଭାଗ୍ୟ ବଦଳାଇଦେବ। ପାଠ ପଢ଼ିବା ସମୟରେ ହିଁ ବାପାମା' ଦୁହେଁ ଆରପାରିକୁ ଚାଲିଗଲେ। ଜୀବନରେ ମାଡ଼ିଆସିଥିଲା ଅନ୍ଧକାର। ପରିବାରର ଆଉ ଆର୍ଥିକ ସହଯୋଗ ମିଳିଲାନି। ଆଗକୁ ପଢ଼ିବାର ସ୍ୱପ୍ନ ଅଧାରେ ଅଟକି ଯାଇଥିଲା। ଡିପ୍ଲୋମା ଶିକ୍ଷା ସାରିବା ପରେ ସୁକାନ୍ତି ବହୁ ସରକାରୀ ଓ ଘରୋଇ ସଂସ୍ଥାରେ ଚାକିରି ପାଇଁ ଆବେଦନ କରିଥିଲେ। ଅନେକ ସ୍ଥାନରେ ସାକ୍ଷାତକାର ମଧ୍ୟ ଦେଇଥିଲେ। ଅଥଚ ମିଳିନଥିଲା ସଫଳତା। ଗୋଟିଏ ପରେ ଗୋଟିଏ ସୁଯୋଗ ହାତଛଡ଼ା ହୋଇଯାଇଥିଲା। ଶେଷରେ ପେଟର ଭୋକ ଆଗରେ ହାର୍ ମାନିଥିଲା ଉଚ୍ଚଶିକ୍ଷା। ବଞ୍ଚିବା ପାଇଁ ବାଧ୍ୟ ହେଲେ କୁଲି ଲାଗିବାକୁ। ବର୍ତ୍ତମାନ ସୁକାନ୍ତି କୋରାପୁଟ ସହରରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଗୋଡ଼ି, ବାଲି, ଇଟାପଥର ବୋହୁଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଖରା, ବର୍ଷାରେ ଅନ୍ୟ ଶ୍ରମିକଙ୍କ ଭଳି କାମ କରୁଛନ୍ତି।

ସୁକାନ୍ତି କହିଛନ୍ତି, ତାଙ୍କ ଭଳି ଅନେକ ଆଦିବାସୀ ଶିକ୍ଷିତ ଯୁବକଯୁବତୀ ଚାକିରି ଅଭାବରୁ କୋରାପୁଟ ସହରକୁ ଆସି କୁଲି କାମ କରୁଛନ୍ତି। ଶିକ୍ଷାଥିଲେ ବି ଦକ୍ଷତା ଅନୁଯାୟୀ କାମ ନମିଳିବାରୁ ସେମାନେ ଦିନମଜୁରିକୁ ବିକଳ୍ପ ଭାବେ ବାଛି ନେଉଛନ୍ତି। କାମ ଛୋଟ କି ବଡ଼ ନୁହଁ, ପରିଶ୍ରମ କଲେ ଦୁଇଓଳି ଖାଇବାକୁ ମିଳୁଛି। ତଥାପି ଆଶା ଛାଡ଼ିନାହାନ୍ତି। କୁଲି ଲାଗୁଥିଲେ ବି କେବେ ନା କେବେ ତାଙ୍କ ଶିକ୍ଷାର ମୂଲ ମିଳିବ ବୋଲି ଭାବୁଛନ୍ତି। ସୁକାନ୍ତିଙ୍କ କାହାଣୀ କେବଳ ଜଣେ ଯୁବତୀଙ୍କ ସଂଘର୍ଷ ନୁହଁ। ଏହା କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉଚ୍ଚଶିକ୍ଷିତ ବେକାର ଯୁବପିଢ଼ିର ବାସ୍ତବ ଚିତ୍ର। ସରକାର ଶିକ୍ଷା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଅଥଚ ଶିକ୍ଷା ସମାପ୍ତ ପରେ ନିଯୁକ୍ତି ଅଭାବ ଅନେକ ପ୍ରତିଭାଙ୍କୁ ନିରାଶାର ଅନ୍ଧକାରକୁ ଠେଲି ଦେଉଛି।

ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି, କୋରାପୁଟ ଏକ ପଛୁଆ ଜିଲ୍ଲା। ଶିକ୍ଷିତ ଆଦିବାସୀ ଯୁବକଯୁବତୀଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ମେଳା, କୌଶଳ ବିକାଶ ପ୍ରଶିକ୍ଷଣ ଏବଂ ଘରୋଇ ଶିଳ୍ପସଂସ୍ଥା ସହ ସଂଯୋଗ ବଢ଼ାଇବା ଆବଶ୍ୟକ। ନଚେତ୍ ଶିକ୍ଷା ଗ୍ରହଣ କରିଥିବା ଯୁବପିଢ଼ି ଶେଷରେ ଦିନମଜୁରିକୁ ଆପଣାଇବାକୁ ବାଧ୍ୟ ହେବେ। ଏ ଭିତରେ ସୁକାନ୍ତି ମସ୍ତିପୁଟ ପଞ୍ଚାୟତ ଡଙ୍ଗରି ଗାଁର ଖଗ ମୁଦୁଲିଙ୍କୁ ବିବାହ କରିଛନ୍ତି। ସେ ମଧ୍ୟ କୁଲି କାମ କରୁଛନ୍ତି। ଜିଲ୍ଲା ପ୍ରଶାସନ ସୁକାନ୍ତିଙ୍କୁ ନିଯୁକ୍ତି ସୁବିଧା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଶ୍ରାବଣରେ ଗଞ୍ଜେଇ ଡିମାଣ୍ଡ : ଉତ୍ତର ଭାରତରୁ ଧାଇଁ ଆସୁଛନ୍ତି ବେପାରୀ

**ଭୁବନେଶ୍ୱର/ବୌଦ୍ଧ/ ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**

ଉତ୍ତର ପ୍ରଦେଶର ଆଣ୍ଟି ନାର୍କୋଟିକ୍ସ ବ୍ୟୁରୋ କିଛି ଦିନ ତଳେ ମଧ୍ୟପ୍ରଦେଶ ପୁଲିସ ସହାୟତାରେ ୪୬ ନମ୍ବର ରାଜପଥରେ ଦୁଇ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୭୫.୧୩ କିଲୋ ଗଞ୍ଜେଇ (ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା) ଜବତ ହୋଇଥିଲା। ଜେରା ପରେ ସେମାନେ ସ୍ୱୀକାର କରିଥିଲେ, ଏହି ଗଞ୍ଜେଇ ଓଡ଼ିଶାରୁ ନେଇଥିଲେ। କିଛି ଦିନ ତଳେ ସେମାନେ ଏକ ବୋଲେରୋରେ ଓଡ଼ିଶା ଆସି ଜଣେ ମଧ୍ୟସ୍ଥି ଜରିଆରେ ଏହା କ୍ରୟ କରିଥିଲେ।

ଉତ୍ତର ପ୍ରଦେଶର ଗାଜିପୁର ଅଞ୍ଚଳରେ ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ ଏକ ପିକ୍ ଅପ୍ ଭ୍ୟାନରୁ ୫୦ କିଲୋ ୫ ଶହ ଗ୍ରାମ୍ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୨୮ ବର୍ଷ ବୟସର ଜଣେ ଯୁବକକୁ ଗିରଫ କରାଯାଇଥିଲା। ସେ ଓଡ଼ିଶାରୁ ଗଞ୍ଜେଇ ନେଇ ଶ୍ରାବଣମାସରେ ଭକ୍ତମାନଙ୍କୁ ବିକ୍ରି କରିବାକୁ ପ୍ରୟାଗରାଜ ଯାଉଥିଲା। ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶର ଅନେକ ସ୍ଥାନରୁ ଗତ ଏକ ମାସ ମଧ୍ୟରେ ଏଭଳି ଅନେକ ଯୁବକ/ଯୁବତୀ ଗଞ୍ଜେଇ ସହ ଗିରଫ ହୋଇଛନ୍ତି। ତେବେ ସେମାନଙ୍କ ଠାରୁ ବିପୁଳ ପରିମାଣ ବଦଳରେ ସ୍ୱଳ୍ପ ଓଜନର ଗଞ୍ଜେଇ ମିଳିଛି। ଏମାନଙ୍କ ମଧ୍ୟରୁ ୯୦ ପ୍ରତିଶତଙ୍କର ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନାହିଁ। ଅନେକ ମଧ୍ୟ ଗଞ୍ଜେଇ ନିଶାରେ ଅଭ୍ୟସ୍ତ ନୁହନ୍ତି ଏବଂ ଆଭିଜାତ୍ୟ ପରିବାରର ସଦସ୍ୟ। ଏହା ଜାଣିବା ପରେ ଆଣ୍ଟି ନାର୍କୋଟିକ୍ସ ବ୍ୟୁରୋର ଅଧିକାରୀମାନେ ଚକିତ ହୋଇଛନ୍ତି। ଅଧିକ ଜେରା ପରେ ଜଣାପଡ଼ିଲା କେବଳ ଶ୍ରାବଣ ମାସରେ ସହଜରେ ଦି' ପଇସା କମାଇବା ପାଇଁ ସେମାନେ ଓଡ଼ିଶା ଆସି ଗଞ୍ଜେଇ ସଂଗ୍ରହ କରିଥିଲେ।

ଏହା କେବଳ ଉତ୍ତର ପ୍ରଦେଶର କଥା ନୁହେଁ, ସମଗ୍ର ଉତ୍ତର ଭାରତରେ ଶ୍ରାବଣରେ ବଢ଼ିଯାଇଛି ଗଞ୍ଜେଇ ଚାହିଦା। ଆଉ ସହଜ ଓ ସୁଲଭ ମୂଲ୍ୟରେ ଗଞ୍ଜେଇ ପାଇବା ପାଇଁ ଓଡ଼ିଶା ହୋଇଛି କୁଖ୍ୟାତ। ଟ୍ରକ୍ ଭଳି ବଡ଼ ବଡ଼ ଗାଡ଼ି ତୁଳନାରେ କାର୍, ଜିପ୍, ଏସୟୁଭି ଭଳି ଯାନରେ ସହଜରେ ଗଞ୍ଜେଇ ଯାଇପାରୁଛି। ବେଶୀ ଲୋଭ ନ କରି ଅଳ୍ପ ପରିମାଣର ଗଞ୍ଜେଇ



ନେଇ ମଧ୍ୟ ଭଲ ଦି' ପଇସା ଲାଭ ମିଳିପାରୁଥିବା ଗିରଫ ଯୁବକମାନେ କହିଛନ୍ତି। କିଛି ଦିନ ତଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି 'ନଶାମୁକ୍ତ ଯୁବା ଫର ବିକଶିତ ଭାରତ ସଂକଳ୍ପ ଅଭିଯାନ'। କିନ୍ତୁ ବାସ୍ତବତା ଏହା ଯେ ଓଡ଼ିଶାରେ ଚାଲିଛି 'ନଶା ବିସ୍ତାର' ଅଭିଯାନ। ଉତ୍ତର ଭାରତର ଛୋଟ ଛୋଟ ବେପାରୀ ଓ ଶିକ୍ଷିତ ଯୁବପିଢ଼ି ବିଶେଷ କରି ଗଜପତି ଓ କନ୍ଧମାଳ ଜିଲ୍ଲାରେ ପହଞ୍ଚି ଯାଉଛନ୍ତି। ଗଜପତି ଜିଲ୍ଲାର ମୋହନା, ଅଡ଼ବା ଏବଂ ଆର. ଉଦୟଗିରି, କନ୍ଧମାଳ ଜିଲ୍ଲାର ଗୋଛାପଡ଼ା, ଦାରିଙ୍ଗିବାଡ଼ି, ବାଲିଗୁଡ଼ା, ଫିରିଙ୍ଗିଆ, ଟିକାବାଲି ଆଦି ଅଞ୍ଚଳରେ ନିଶା ବେପାରର ମଧ୍ୟସ୍ଥିଙ୍କ ଅଭାବ ନାହିଁ। ସେମାନଙ୍କ ମାଧ୍ୟମରେ ଖୁଚୁରା ଗଞ୍ଜେଇ ବେପାରୀଙ୍କ ଠାରୁ ଭିନ୍ନ ଭିନ୍ନ କ୍ୱାଲିଟିର ଗଞ୍ଜେଇ ମିଳିଯାଉଛି।

ଏଭଳି କିଛି ଲୋକଙ୍କ ସୂଚନାନୁସାରେ, କନ୍ଧମାଳ ଜିଲ୍ଲାରେ ମଞ୍ଜି ଥିବା ଗଞ୍ଜେଇ (କମ୍ କ୍ୱାଲିଟି ଭାବେ ପରିଚିତ) କିଲୋ ୧୪ ଶହ ଟଙ୍କାରେ ମିଳୁଛି। ବଡ଼ କଳି ଥିବା ଗଞ୍ଜେଇ କିଲୋ ପ୍ରତି ୪ ହଜାର ଟଙ୍କା ଏବଂ ଛୋଟ କଳି ଥିଲେ ଦର ରହିଛି ୫ ହଜାର ଟଙ୍କା। ବୌଦ୍ଧ ଜିଲ୍ଲାରେ ବେପାରର କୋଡ୍ ନାମ ଟିକେ ଅଲଗା। ସେଠାରେ ଖୁଚୁରାରେ ପଗଡ଼ି (ଗୁଣ୍ଡ) ଗଞ୍ଜେଇ କିଲୋ ୪ ହଜାର ଟଙ୍କାରେ ମିଳୁଛି। ମିଡିଲ ଗଞ୍ଜେଇ (ଛୋଟ କଳି) ୫ ହଜାର ଟଙ୍କା ଏବଂ ସିଙ୍ଗ କ୍ୱାଲିଟି (ବଡ଼ କଳି) ପାଇଁ ୬ ହଜାର ଟଙ୍କା ଦେବାକୁ ପଡୁଛି। ଗଜପତି ଜିଲ୍ଲାରେ ଭାଙ୍ଗ ପତ୍ର ଓ ମଞ୍ଜି କିଲୋ ୩ ହଜାର ପଡୁଛି। ଗଞ୍ଜେଇ ଫୁଲ କିଲୋ ୧୨ ହଜାର ଥିବା ବେଳେ କନ୍ଧମାଳର ସୁନାଫୁଲ ଶିଳାବତୀ କିଲୋ ୧୮ ହଜାର ଟଙ୍କାରେ ମିଳୁଛି। କିନ୍ତୁ ମାଲକାନଗିରି ଶିଳାବତୀ ନାମରେ ବିକ୍ରି ହେଉଥିବା ଗଞ୍ଜେଇ ଏଠାରେ କିଲୋ ପ୍ରତି ୩୦ ହଜାର ଟଙ୍କାରେ ବିକ୍ରି ହେଉଛି। ଉତ୍ତର ପ୍ରଦେଶରେ ଏବେ ୨୫ ଗ୍ରାମର ଗଞ୍ଜେଇ ପୁଡ଼ିଆର ଦର ଅତି କମ୍‌ରେ ୩ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଯଦି ସେଥିରେ ଶିଳାବତୀ ବ୍ରାଣ୍ଡ ଲାଗୁଛି ତେବେ ଦର ଯଥେଷ୍ଟ ବଢ଼ିବା ନିଶ୍ଚିତ। କିଣା ଦରରୁ ୬ ରୁ ୧୦ ଗୁଣ ଅଧିକ ରେଟରେ ଏହାକୁ ବିକ୍ରି କରାଯାଉଛି। ଓଡ଼ିଶାର ଗଞ୍ଜେଇ ଜିଲ୍ଲାରେ ନଭେମ୍ବର ଡିସେମ୍ବରରେ ଅମଳ ପରେ ଗଞ୍ଜେଇକୁ ଷ୍ଟକ୍ ରଖିଥିବା ବେପାରୀମାନେ ଏବେ ଲାଭରେ ରହୁଛନ୍ତି।

# ଚାଲିଗଲେ ମା', ବାପା ନିଖୋଜ, ଜଗା ଦୁଆରେ ନାତୁଣୀକୁ ଧରି ଭିକ୍ଷା ମାଗୁଛନ୍ତି ଜେଜେ !

**ପୁରୀ, ନ୍ୟୁଜ୍ ବ୍ୟୁରୋ**

କୁନି ଝିଅ 'ପରୀ'। ବୟସ ମାତ୍ର ୧ ବର୍ଷ ୧୦ ମାସ। ବଞ୍ଚି ଶିଖିବା ପୂର୍ବରୁ ମାଡ଼ି ବସିଛି ଜୀବନର ବୋଝ। ଶ୍ରୀମନ୍ଦିର ସମ୍ମୁଖ ବ୍ୟାରିକେଡ୍ ପାଖରେ ବୁଲୁଛି। ବଡ଼ଦାଣ୍ଡର ଧୂଳି ବୋଳି ହେଉଛି। ମେଞ୍ଚା ମେଞ୍ଚା ପାନ ଛେପ ଉପରେ ହାତ ବୁଲାଉଛି। ନିକଟରେ ଅସହାୟ ତଥା ଅକର୍ମଣ୍ୟ ଜେଜେ। ଯାତ୍ରୀଟିଏ ଦେଖିଲେ ଜେଜେବାପା ହାତ ପତାଉଛନ୍ତି। ବଡ଼ ପାଟିରେ ମାଗିବାକୁ ମଧ୍ୟ ବଳ ନାହିଁ। ଷ୍ଟେସନ ନିକଟରେ ୧୦ ମାସ କାଳ ଆଶ୍ରୟ ନେଇଥିଲେ। ଏବେ ଜଗା ଭରସାରେ ଦୁହେଁ ସିଂହଦ୍ୱାର ସମ୍ମୁଖରେ। ସମସ୍ତେ ଦେଖୁଛନ୍ତି। କେହି କେହି ଶିଶୁଟିକୁ ଏଭଳି ଅବସ୍ଥାରେ ଦେଖି କୋଳକୁ ଟାଣି ନେଉଛନ୍ତି। ହେଲେ ଅସହାୟଙ୍କୁ ସହାୟତାର ହାତ କେହି ବଢ଼ାଇ ନାହାନ୍ତି। ବଡ଼ଦାଣ୍ଡରେ ଲୋଟୁଛି



'ପରୀ'ର ଶୈଶବ।

ସନ୍ତାନଟିଏ ଜନ୍ମ ହେଲେ ପିତାମାତାଙ୍କ ସ୍ୱପ୍ନ ଲମ୍ବିଯାଏ ଅପହଞ୍ଚ ଆକାଶ ପର୍ଯ୍ୟନ୍ତ। ବଡ଼ ସ୍ନେହରେ ଶିଶୁର ନାମକରଣ କରାଯାଏ। ହେଲେ ସମୟର କଠୋରତା କେବେକେବେ ସୁନ୍ଦର ଶୈଶବକୁ ଶୋଷଣ କରି ନିଷ୍ପାପ ଶିଶୁକୁ କଣ୍ଟକିତ ପଥରେ ଚାଲିବାକୁ ବାଧ୍ୟ କରେ। ଯେପରି ଆମର ଏହି କନ୍ୟାରତ୍ନ 'ପରୀ'। ନିଜକୁ 'ପରୀ'ର ଜେଜେ ବାପା କହୁଥିବା ଜିତେନ୍ଦ୍ର ମହାରଣା କୁହନ୍ତି, ତାଙ୍କ ଘର ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ଘୋରଡ଼ିଆ ଗ୍ରାମରେ। ବହୁ ବର୍ଷରୁ ସେ ପୁରୀରେ ରୁହନ୍ତି। ମହାରଣା କାମ କରନ୍ତି। ବୟସ ୮୦ ଛୁଇଁବ। 'ପରୀ' ହେଉଛି ତାଙ୍କ ସାନପୁଅ ଗଙ୍ଗାର ଝିଅ। ପ୍ରାୟ ଏକ ବର୍ଷ ହେଲା ବୋହୂ କର୍କଟ ରୋଗରେ ମରିଗଲେ। ୪୦ ବର୍ଷର ପୁଅ ଗଙ୍ଗା ମାନସିକ ଭାରସାମ୍ୟ ହାରାଇ କୁଆଡ଼େ ଯାଇଛି ତା'ର ଖୋଜଖବର ନାହିଁ। ଅଧିକ ବୟସ ଓ ଜଖମ ଗୋଡ୍ ଯୋଗୁଁ ସେ ରୋଜଗାର ପାଇଁ ଅକ୍ଷମ। ଏବେ ନାତୁଣୀ ଚିନ୍ତାରେ ଜେଜେବାପା ଏପାଖସେପାଖ ହେଉଛନ୍ତି। ଅସହାୟ ବାପା ନାତୁଣୀର ଜୀବନ ବଞ୍ଚାଇବାକୁ ବିକଳ ହେଉଛନ୍ତି।

ପରୀକୁ ଧରି ରେଲୱେ ଷ୍ଟେସନ ନିକଟରେ ତାଙ୍କର ୧୦ ମାସ ବିତିଛି। ଗଛ ମୂଳେ ଓ ରାସ୍ତା ପାର୍ଶ୍ୱ ନାଳ ପନ୍ଦାଡ଼ରେ ଆଶ୍ରୟ ନେଇଥିଲେ। ସେଠାରେ ଭିକ୍ଷା କରି ଚଳିବା ଅସମ୍ଭବ ହେବାରେ ଅନ୍ୟମାନେ ତାଙ୍କୁ କହିଲେ ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡକୁ ଚାଲିଯିବାକୁ। ଏଣୁ ଶ୍ରୀଜଗନ୍ନାଥଙ୍କୁ ଆଶ୍ରା କରି ଦୁହେଁ ସେଠାରେ ପଡ଼ିଛନ୍ତି। ଜିତେନ୍ଦ୍ର କୁହନ୍ତି, ଭିକ୍ଷା ନମାଗିଲେ ନାତୁଣୀ ଓ ମୋର ଖାଦ୍ୟ କେଉଁଠୁ ଯୋଗାଡ଼ିବି? ପିଲାଟିକୁ ତ ଛାଡ଼ି ଦେବିନି। ମୋର କୌଣସି ସମ୍ବଳ ନାହିଁ। ପିଲାଟି କିପରି ବଡ଼ ହେବ କିଛି ଚିନ୍ତା କରିପାରୁନି। ସମସ୍ତେ କହିବେ, ଦେବେନି କେହି। ସରକାରୀ ସୁବିଧା କିଛି ପାଇନି। କେହି ମଧ୍ୟ ମୋତେ ଯୋଗାଯୋଗ କରିନାହାନ୍ତି। ଯଦି କୌଣସି ପ୍ରକାରେ 'ପରୀ'ର ଲାଳନ ପାଳନ ବ୍ୟବସ୍ଥା ହୋଇପାରନ୍ତା, ମୁଁ ଉପକୃତ ହୁଅନ୍ତି। ପିଲାଟିର ସୁରକ୍ଷା ହୋଇ ବଡ଼ ହୋଇଗଲେ ତେଣିକି ତା'ର ଭାଗ୍ୟ।

# କରେଣ୍ଟ କଟିଲେ ଠପ୍ ହୋଇଯାଉଛି ମୋବାଇଲ ସେବା

**କେସିଙ୍ଗା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିରଜାପାଲି ଗ୍ରାମରେ ଥିବା ଜିଓ ଟାୱାର ବିଦ୍ୟୁତ ଚାଲିଗଲେ ଠପ୍ ହୋଇଯାଉଛି। ଯାହାଦ୍ୱାରା ମୋବାଇଲ ସେବା ପ୍ରଭାବିତ ହେଉଛି। ଟାଟା ପାୱାର ରାତିସାରା ବିଦ୍ୟୁତ କାଟ୍ କଲେ ଜିଓ ନେଟୱାର୍କ ରାତିସାରା ଚାଲୁନଥିବା ଦେଖାଯାଉଛି। ଉତ୍ତମ ଟେଲିକମ୍ ସେବା ଯୋଗାଇଦେଉଥିବା ଜିଓ ଡିଣ୍ଡିମ ପିଟୁଥିବା ବେଳେ ପ୍ରାୟ ଦୁଇମାସ ହେଲା ଟାଟା ପାୱାର ଯେତେବେଳେ ବିଦ୍ୟୁତ କାଟ୍ କରିବ ଦିନ ହେଉ କି ରାତି ଜିଓ ଆଉ ଚାଲୁନାହିଁ। ବର୍ତ୍ତମାନ ସିରଜାପାଲି ଜିଓ ଟାୱାର ଅଧୀନରେ ଥିବା ପ୍ରାୟ ୫ଟି ଗ୍ରାମର ହିତାଧିକାରୀ ଜିଓ ସିମ୍ ବ୍ୟବହାର କରୁଥିବାରୁ କୌଣସି ଆମ୍ବୁଲାନ୍ସ କିମ୍ବା କୌଣସି ଆପାତ୍ତ କାଳୀନ ସେବାରେ କାହା ସହିତ ଯୋଗାଯୋଗ କରିପାରୁନାହାନ୍ତି। ଜିଓ ଟାୱାର ତଳେ ଦୁଇଟି ବଡ଼



ଜେନେରେଟର ଥିବା ସତ୍ତ୍ୱେ ତାହା ୨ ମାସ ହେଲା କାମ କରୁନାହିଁ ତେଣୁ ଲୋକଙ୍କ ଜିଓ ପ୍ରତି ଆଗ୍ରହ କମି ଯାଉଛି। ଅନେକ ଗ୍ରାହକ ଜିଓ ସିମ୍‌କୁ ଅନ୍ୟ ସେବା ପାଇଁ ବଦଳାଇବା ଆରମ୍ଭ କରିଦେଇଥିବା ଜଣାପଡିଛି। ଯଦି ଜିଓ ତା'ର ନେଟୱର୍କ ସେବା ଠିକ୍ ନ କରେ ତା'ହେଲେ ଜିଓ ସିମକୁ ପୋର୍ଟ କରି ଅନ୍ୟ ଟେଲିକମ୍ ସେବା ବ୍ୟବହାର କରିବାକୁ ଅଞ୍ଚଳବାସୀ ଅଭିଯୋଗ କରିଥିବା ସହ ଟାଟା ପାୱାରର ମନମୁଖୀ ବିଦ୍ୟୁତ କାଟ୍‌କୁ ମଧ୍ୟ ଲୋକେ ବିରୋଧ କରିଛନ୍ତି। ରାତିରେ ବିଦ୍ୟୁତ ଗଲେ ଆଉ ଆସୁନାହିଁ କି କୌଣସି ଅଧିକାରୀ ଶୁଣୁ ନାହାନ୍ତି, ବର୍ଷା ଦିନ ମଶା ମାଛି, ସାପ ଏବଂ ବିଭିନ୍ନ ବିଷଧର ଜୀବଜନ୍ତୁର ପ୍ରକୋପ ଅଧିକ ଥିବା ବେଳେ ଟାଟା ପାୱାରର କେନ୍ଦୁବାହାଲୀ ଫିଡ଼ରରୁ ବାରମ୍ବାର ବିଦ୍ୟୁତ କାଟ୍ ଲୋକଙ୍କୁ ଅତିଷ୍ଠ କରି ସାରିଲାଣି।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ଦାବି

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକ ଅନ୍ତର୍ଗତ ମାଳିବେଲଗାଁ ପଞ୍ଚାୟତର ଛେଲିଆମୁଣ୍ଡା ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀଙ୍କ କହିବାନୁସାରେ, ନନ୍ଦପୁର ତହସିଲର ଛେଲିଆମୁଣ୍ଡା ମୌଜାର ଖାତା ନମ୍ବର୮୫ ଓ ପ୍ଲଟ ନମ୍ବର ୭୫୫ରେ ୫ ଏକର ସରକାରୀ ଜମି ବିଦ୍ୟାଳୟ ନିର୍ମାଣ ପାଇଁ ଉପଲବ୍ଧ ରହିଛି। ଏହି ବିଦ୍ୟାଳୟ ସ୍ଥାପନ ହେଲେ ଛେଲିଆମୁଣ୍ଡା ସହ ବିଲେଇପୁଟ, ମେହେଦ୍ରିପୁଟ, ବଡ଼ ଟାଙ୍କୁଆ, ବଡଲିପଣ୍ଡି, ଗୁଲପଣ୍ଡି ଓ ସିଡ଼ାପୁଟ ଆଦି ଗ୍ରାମର ଶିଶୁମାନେ ଉନ୍ନତ-ମାନର ଶିକ୍ଷା ପାଇବାର ସୁଯୋଗ ପାଇବେ। ତେଣୁ ରାଜ୍ୟ ସରକାର ଛେଲିଆମୁଣ୍ଡା ଗ୍ରାମରେ ଶୀଘ୍ର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଗ୍ରାମର ଡମ୍ବରୁ ଗୁଣ୍ଟା ଓ ଦାମୋଦର ମୁଦୁଲି ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି ଯେ, ଘଟଣାର ତଦନ୍ତ କରାଯିବ ଏବଂ ତଦନ୍ତ ରିପୋର୍ଟ ଆଧାରରେ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରାଯିବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ବିଭାଗୀୟ ଯାନ୍ତ୍ରିକ ସହାୟକ ନନ୍ଦପୁର ବ୍ଲକର ଛେଲିଆମୁଣ୍ଡା ଗ୍ରାମକୁ ଯାଇଥିବା ସୂଚନା ମିଳିଛି।



# ରିଷିଡ଼ା ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ : ରୋଗୀ ହନ୍ତସନ୍ତ

**ରିଷିଡ଼ା, ନ୍ୟୁଜ୍ ବ୍ୟୁରୋ**

କର୍ଲାମୁଣ୍ଡା ବ୍ଲକର ରିଷିଡ଼ା ସ୍ଥିତ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଆଜକୁ ପ୍ରାୟ ୨ମାସ ହେଲା ଛୁଟିରେ ରହିଛନ୍ତି। ଫଳରେ ରୋଗୀ ସେବାରେ ଗୁରୁତର ପ୍ରଭାବ ପଡୁଛି। ଡାକ୍ତର ଛୁଟିରେ ଥିବାରୁ ତାଙ୍କ ବଦଳରେ ଆଉ ଜଣେ ଡାକ୍ତରଙ୍କୁ ସାମୟିକ ଭାବେ ନିୟୋଜିତ କରିବା କଥା। କିନ୍ତୁ ଏ ଦିଗରେ ସ୍ୱାସ୍ଥ୍ୟବିଭାଗ ତତ୍ପରତା ଦେଖାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କେବେ କେମିତି ଜଣେ ଆୟୁଷ ଡାକ୍ତରଙ୍କୁ ଏଠାକୁ ପଠାଇ ବିଭାଗ ନିଜ ଦାୟିତ୍ୱ ସାରିଦେଉଥିବା ଦେଖିବାକୁ ମିଳିଛି। ଅଞ୍ଚଳରେ ରିଷିଡ଼ା ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ଆଖପାଖ ଅଞ୍ଚଳର ୩୦ହଜାରରୁ ଅଧିକ ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ଏଠାରେ ମଧ୍ୟ ପ୍ରସୂତୀ ଚିକିତ୍ସା ହୋଇଥାଏ। ସ୍ଥାୟୀ ଭାବେ ଅନ୍ତତଃ ଜଣେ ଏମବିବିଏସ ଡାକ୍ତର ରହିବା କଥା କିନ୍ତୁ କାହିଁକି ଅଣଦେଖା କରାଯାଉଛି। ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭବାନୀପାଟଣା ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମଜନଶୁଣାଣୀ ଶିବିରରେ ସ୍ଥାନୀୟ ଯୁବସଂଗଠକ ସଲିମ ଶେଖର ରଣା ଏନେଇ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିଏମଓ ସାତଦିନ ମଧ୍ୟରେ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ କରିଥିଲେ। ବର୍ତ୍ତମାନ ସମୟରେ କର୍ଲାମୁଣ୍ଡା ସିଏଚସିରୁ ଜଣେ ଡାକ୍ତରଙ୍କୁ ଏଠାରେ ସାମୟିକ ଭାବେ ନିୟୋଜିତ କରିବା ସହ ଏଠାରେ ଆବଶକୀୟ ଖାଲି ପଦବୀ ପୂରଣ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଦୃଷ୍ଟିଦେବାକୁ ଦାବି ହେଉଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ପଦକ୍ଷେପ ନିଆଯିବ ବୋଲି ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି।

# ୧୦୨ କୋଟିର ପ୍ରକଳ୍ପ, ତଥାପି ଅନ୍ଧାରରେ ପୁରୀ ବେଳାମାର୍ଗ !

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଦୈନିକ ପୁରୀରେ ଲକ୍ଷଲକ୍ଷ ପର୍ଯ୍ୟଟକଙ୍କ ସମାଗମ ହେଉଛି। ଶ୍ରୀମନ୍ଦିର ପରେ ପୁରୀ ବେଳାଭୂମି ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ। ଏଣୁ ପୁରୀ ବେଳାଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ଏହି ଟଙ୍କାର ସଦୁପଯୋଗ ହୋଇପାରୁନି। ପୁରୀ ବେଳାଭୂମିକୁ ଉଚ୍ଚକ୍ଷମତା ସମ୍ପନ୍ନ ଆଲୋକରେ ଆଲୋକିତ କରିବା ପାଇଁ ଲଗାଯାଇଥିବା ଲାଇଟ୍ ସବୁଦିନ ଜଳି ପାରୁନାହିଁ କେବଳ ବିଶେଷ ଦିନକୁ ଛାଡ଼ିଦେଲେ ଅଧିକାଂଶ ସମୟରେ ଏହି ଆଲୋକ ସବୁ ବନ୍ଦ ରହୁଛି। ରଥଯାତ୍ରା ପାଇଁ ବେଳାଭୂମି ଉଜ୍ଜ୍ୱଳ ଆଲୋକରେ ଝଲସୁଥିଲା। ହେଲେ ରଥଯାତ୍ରା ସରିବା ପରେ ଏସବୁ ବନ୍ଦ ହୋଇଯାଇଛି। ନୀଳାଦ୍ରି ବିଜେ ପର ଦିନଠାରୁ ବେଳାଭୂମିରେ ଥିବା ଗୋଟିଏ ହେଲେ ବି ଲାଇଟ ଜଳୁନାହିଁ।

ପାଖାପାଖି ୪ ବର୍ଷ ତଳେ ବେଳାମାର୍ଗକୁ ସୁନ୍ଦର, ସୁସଜ୍ଜିତ ଓ ଆଲୋକିତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ବିଚ୍



ଡେଭ୍‌ଲପ୍‌ମେଣ୍ଟ ପ୍ରକଳ୍ପ ଅଧୀନରେ ଦିଗବାରେଣୀ ଛକଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ରାସ୍ତାକୁ ଉଚ୍ଚ କ୍ଷମତା ସଂପନ୍ନ ଆଲୋକରେ ଚମକାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରକଳ୍ପରେ ପାଖାପାଖି ୧୦୨ କୋଟି ଟଙ୍କା ବ୍ୟୟ ହୋଇଥିଲା। ଏଥିରେ ବେଳାମାର୍ଗରେ ଲାଇଟ୍ ଲଗାଯିବା ସହ ବେଳାମାର୍ଗ ସୌନ୍ଦର୍ଯ୍ୟୀକରଣ, ପାର୍କିଂ ଓ ଦୋକାନ ନିର୍ମାଣ ମଧ୍ୟ ସାମିଲ ଥିଲା। ଓବିସିସି ଏହି ପ୍ରକଳ୍ପକୁ ପ୍ରସ୍ତୁତ କରି ସାରିବା ପରେ ପୌରପାଳିକାକୁ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରିଥିଲା। ହେଲେ ସବୁଦିନ ବେଳାଭୂମିକୁ ଆଲୋକିତ ରଖିବାରେ ପୁରୀ ମହାନଗର ନିଗମ ବିଫଳ ହୋଇଛି। ଅଚଳ ଲାଇଟ୍ ଯୋଗୁଁ ଅନ୍ଧାରର ଫାଇଦା ଉଠାଇ ବେଳାମାର୍ଗରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। ସଞ୍ଜ ନଇଁଲେ ମଦ୍ୟପମାନେ ଫୁଟ୍‌ପାଥ୍ ଦାଢ଼ରେ ବସି ଲୁଟ୍ ଛିନ୍ତାଇ କରିବା ସହ ପର୍ଯ୍ୟଟକଙ୍କୁ ଖରାପ ବ୍ୟବହାର କରୁଛନ୍ତି।

ବୃହତ୍ ବେଳାଭୂମି ପଡ଼ିଥିଲେ ମଧ୍ୟ ଯେଉଁଠି ଦୋକାନ ବଜାର ଅଛି ଓ ଲାଇଟ୍ ଜଳୁଛି କେବଳ ସେଠାକୁ ହିଁ ପର୍ଯ୍ୟଟକ ଆସୁଛନ୍ତି। ଯାହାଦ୍ୱାରା ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହେଉଛି। ବେଳାମାର୍ଗ ଦେଇ ବୃହତ ଡ୍ରେନ୍ ଯାଇଛି। ଅଧିକାଂଶ ସମୟରେ ସଫେଇ କର୍ମଚାରୀ ଡ୍ରେନ୍ ସଫା କରି ସ୍ଲାବକୁ ନଘୋଡ଼େଇ ଖୋଲା ଛାଡ଼ି ଦେଉଥିବାର ମଧ୍ୟ ଦେଖିବାକୁ ମିଳୁଛି। ଏଣୁ ଅନ୍ଧାରରେ ଡ୍ରେନରେ ପର୍ଯ୍ୟଟକ ପଡ଼ିଯିବାର ମଧ୍ୟ ଆଶଙ୍କା ବଢୁଛି। ଏନେଇ ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା କହିଛନ୍ତି, ରଥଯାତ୍ରା ସମୟରେ ବେଳାମାର୍ଗରେ ବ୍ୟାପକ ସିସିଟିଭି ଓ ଏଲ୍‌ଇଡି ଟିଭିର ବ୍ୟବସ୍ଥା ହୋଇଥିଲା। ସିସିଟିଭି ଓ ଏଲ୍‌ଇଡି ସ୍ଥାପନ କରିଥିବା ସଂସ୍ଥା ଏଥିପାଇଁ ବେଳାମାର୍ଗର ଆଲୋକ ଖୁଣ୍ଟିରୁ କନେକ୍ସନ ନେଇଥିଲା। ଏଣୁ ଓଭରଲୋଡ୍ ହୋଇ ବିଭିନ୍ନ ସ୍ଥାନରେ ଆଲୋକ ପୋଡ଼ି ଯାଇଛି। ସେମାନଙ୍କୁ ଅଲଗା ସ୍ଥାନରୁ ବିଜୁଳି ସଂଯୋଗ ନେବାକୁ କୁହାଯିବା ସହ ସିସିଟିଭି ଓ ଏଲ୍‌ଇଡି ସଂଯୋଗ କାଟି ଦିଆଯାଇଛି। ପୁଣି କେମିତି ଆଲୋକ ସବୁ ଜଳିପାରିବ ସେ ବ୍ୟବସ୍ଥା କରାଯାଉଛି।





ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ

# ଦଶକୋଟି ନିଶା ମୁକ୍ତି ପ୍ରତିଜ୍ଞା




କବିସୂର୍ଯ୍ୟନଗର, ନ୍ୟୁଜ ବ୍ୟୁରୋ

ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରେ ଦଶକୋଟି ନିଶା ମୁକ୍ତି ପ୍ରତିଜ୍ଞା ସମାରୋହ ଅଧକ୍ଷ ଅବନୀ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ସ୍ୱାଗତ ଭାଷଣ ଦେବା ସହ କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ସମଗ୍ର ଦେଶରେ ନିଶା ମୁକ୍ତି ପ୍ରତିଜ୍ଞା ଅଭିଯାନ ଆରମ୍ଭ ହୋଇଥିବା ଯୋଗୁଁ କୋମଳମତି ଛାତ୍ର - ଛାତ୍ରୀ ଓ ଯୁବସମାଜ ସଚେତନ ହେବା ସହ ସମଗ୍ର ଦେଶ ନିଶାର ରାକ୍ଷସ କବଳରୁ ମୁକ୍ତି ପାଇ ପାରିବ। ଯାହାଫଳରେ ଏକ ସୁସ୍ଥ ସମାଜ ଗଠନ ହେବାରେ ସକ୍ଷମ ହେବ। ଏପରି କାର୍ଯ୍ୟକ୍ରମ ଭାରତ ସରକାର ତଥା ଓଡ଼ିଶା ସରକାର ହାତକୁ ନେଇଥିବା ଯୋଗୁଁ ଅଧ୍ୟାପକ ଗନ୍ତାୟତ ଉଭୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେ'ପରି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ଓମ୍ ଶାନ୍ତି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କବିସୂର୍ଯ୍ୟ ନଗରର ବ୍ରହ୍ମା କୁମାରୀ ସୁଜ୍ଞାନୀ ଭଉଣୀ ନିଶା କିପରି ସଭ୍ୟ ସମାଜକୁ ଅସଭ୍ୟ କରୁଛି କହିବା ସହ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ନିଶା ମୁକ୍ତିର ପ୍ରତିଜ୍ଞା କରାଇଥିଲେ। ସେଭଳି ବ୍ରହ୍ମାକୁମାରୀ ଭଉଣୀ ପ୍ରମିଳା, ଭଉଣୀ ଜୟଶ୍ରୀ, ଭାଇ ମନୋଜ, ଭାଇ ଚରଣ ଓ ଭାଇ କପିଳେନ୍ଦ୍ର ନିଶା ଠାରୁ କିପରି ଦୂରେଇ ରହିହେବ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହି ପ୍ରତିଜ୍ଞା ସମାରୋହକୁ ଅଧ୍ୟାପକ ଶ୍ରୀପ୍ରଭାତ କୁମାର ନନ୍ଦ ସଞ୍ଚାଳନା କରିଥିବା ବେଳେ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ନରସିଂହ ପାଢ଼ୀ, ଅଧ୍ୟାପିକା ଶ୍ରୀମତୀ ରୁନି ପାଣିଗ୍ରାହୀ, ଡଃ. ସୌଭାଗ୍ୟ ମଞ୍ଜରୀ ନାଥ, କିରାଣୀ ଶ୍ରୀମତୀ ଧରିତ୍ରୀ ପ୍ରଧାନ, ଗ୍ରନ୍ଥାଗାରିକା ସୁଶ୍ରୀ ସୁଇଟି ସ୍ୱାଇଁ, ପିଅନ ସୀତାପତି ମହାରଣା, ବାବୁଲା ମଣ୍ଡଳ ଏବଂ ଶତାଧିକ ଛାତ୍ରୀ ଓ ଛାତ୍ର ଯୋଗଦାନ କରିଥିଲେ। ଶେଷରେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିବାରୁ ଅଧକ୍ଷ କୃତଜ୍ଞତା ଜ୍ଞାପନ ଜଣାଇଥିଲେ।

## ରାଷ୍ଟ୍ର ନିର୍ମାଣର ପ୍ରତିବଦ୍ଧତା ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ

# ସଶକ୍ତ ଭାରତ ଗଠନରେ ଯୋଗଦାନ ଦେଉଛି ଜିନ୍ଦଲ ଷ୍ଟିଲ୍ : ନବୀନ ଜିନ୍ଦଲ




ଅନୁଗୋଳ, ନ୍ୟୁଜ ବ୍ୟୁହେରା

ରାଷ୍ଟ୍ର ନିର୍ମାଣ ଏବଂ ଏକ ସଶକ୍ତ, ଆତ୍ମନିର୍ଭର ଭାରତର ସ୍ୱପ୍ନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରି ଜିନ୍ଦଲ ଷ୍ଟିଲ୍ ଅନୁଗୁଳସ୍ଥିତ ଇସ୍ପାତ କାରଖାନାରେ ପତାକା ଉତ୍ତୋଳନ ସମାରୋହ ଏବଂ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ସହ ୮୦ତମ ସ୍ୱାଧୀନତା ଦିବସ ପାଳନ କରିଛି । ଜିନ୍ଦଲ ଷ୍ଟିଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ରାଜୀବ କୁମାର ଜିନ୍ଦଲ ନଗରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କମ୍ପାନୀର ବରିଷ୍ଠ ନେତୃତ୍ୱ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ, ସ୍କୁଲ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଉପସ୍ଥିତ ଥିଲେ। ସାଂସଦ ସଦସ୍ୟ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ବାର୍ତ୍ତାରେ କହିଛନ୍ତି, "ଆମେ ସ୍ୱାଧୀନତା ଦିବସ ପାଳନ କରୁଥିବା ସମୟରେ, ଆମେ ରାଷ୍ଟ୍ର ନିର୍ମାଣ ଏବଂ ଏକ ସଶକ୍ତ, ଆତ୍ମନିର୍ଭରଶୀଳ ଭାରତ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରୁଛୁ। ଆମର ଦୃଷ୍ଟିକୋଣ ଏବଂ ଆମର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ.ପି. ଜିନ୍ଦଲଙ୍କ ମୂଲ୍ୟବୋଧରେ ଅନୁପ୍ରାଣିତ ହୋଇ, ଜିନ୍ଦଲ ଷ୍ଟିଲ କେବଳ ଇସ୍ପାତ ଉତ୍ପାଦନ କରୁନାହିଁ; ଆମେ ଏକ ସଶକ୍ତ ଭାରତର ଗଠନରେ ଯୋଗଦାନ ଦେଉଛୁ।" ସେ ସ୍ୱାଧୀନତା ସଂଗ୍ରାମୀ ଏବଂ ସହିଦମାନଙ୍କୁ ମଧ୍ୟ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ଯାହାଙ୍କ ବଳିଦାନ ଏବଂ ଅଟଳ ସଂକଳ୍ପ ଭାରତର ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରିଥିଲା। ଜାତୀୟ ପତାକା ସମ୍ପର୍କରେ ନାଗରିକମାନଙ୍କୁ ଆହ୍ୱାନ ଜଣାଇ ଶ୍ରୀ ଜିନ୍ଦଲ କହିଥିଲେ, "ଆସନ୍ତୁ, ତ୍ରିରଙ୍ଗାରୁ ପ୍ରେରଣା ନେଇ ଅତ୍ୟନ୍ତ ସଚ୍ଚୋଟତା ଓ ନିଷ୍ଠାର ସହ ଆମର କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ଆମ ସ୍ୱପ୍ନର 'ବିକଶିତ ଭାରତ' ଗଢ଼ିବାରେ ଅବଦାନ ରଖିବା। ଦେଶର ଏହି ପବିତ୍ର ପ୍ରତୀକ ତ୍ରିରଙ୍ଗାକୁ କେବଳ ଅଗଷ୍ଟ ୧୫ କିମ୍ବା ଜାନୁଆରୀ ୨୬ରେ ସୀମିତ ରଖନ୍ତୁ ନାହିଁ। ଏହାକୁ ପ୍ରତିଦିନ ସମ୍ମାନର ସହ ପ୍ରଦର୍ଶନ କରନ୍ତୁ।" ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଉତ୍ସବକୁ ଆହୁରି ଜୀବନ୍ତ କରିଥିଲା। ସେମାନଙ୍କ ପ୍ରଦର୍ଶନ ଉପସ୍ଥିତ ଦର୍ଶକମାନଙ୍କୁ ମୁଗ୍ଧ କରିବା ସହ ଜାତୀୟ ଗର୍ବ ଓ ଦେଶପ୍ରେମର ଭାବନାକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମରେ ଆଇରନ୍ ଜୋନ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସ୍ୱତନ୍ତ୍ର ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ବରିଷ୍ଠ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ, ସ୍କୁଲ ଛାତ୍ରଛାତ୍ରୀ ଏବଂ ସମୁଦାୟର ସଦସ୍ୟମାନେ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ମିତ୍ତଲ କହିଥିଲେ ଯେ, କର୍ମଚାରୀ, ସଂଗଠନ ଏବଂ ପରିବେଶର ସୁରକ୍ଷା ପାଇଁ, ପରିଚାଳନାର ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏଥିସହ ସେ ଭାରତର ଅଧିକ ସମୃଦ୍ଧିର ଯାତ୍ରାରେ ସମସ୍ତଙ୍କୁ ନିଜର ଯୋଗଦାନ ଦେବାକୁ ଆହ୍ୱାନ କରିଥିଲେ। ସ୍ୱାଧୀନତା ଦିବସର ଉତ୍ସାହକୁ କାରଖାନା ପରିସର ବାହାରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ୍, ଏହାର ଅଧକ୍ଷା ଶ୍ରୀମତୀ ଶଲଲୁ ଜିନ୍ଦଲଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲାର ବିଭିନ୍ନ ସମୁଦାୟ ନିକଟରେ ପହଞ୍ଚିଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବକ ସଂଘରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ ୧୭ଟି ପଞ୍ଚାୟତ ଅଧୀନରେ ଥିବା ୧୨୦ଟି ସ୍କୁଲ ଏବଂ ୫୬ଟି ଅଙ୍ଗନବାଡ଼ି କେନ୍ଦ୍ରରେ ୭୦,୦୦୦ରୁ ଅଧିକ ପ୍ୟାକେଟ୍ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ସମସ୍ତ ପଦକ୍ଷେପ ଶିଳ୍ପ ବିକାଶକୁ ସାମାଜିକ ଦାୟିତ୍ୱ, ସମୁଦାୟ ସହଭାଗିତା ଏବଂ ସମାବେଶୀ ବିକାଶ ସହ ଯୋଡ଼ିବା ପ୍ରତି ଜିନ୍ଦଲ ଷ୍ଟିଲ୍‌ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନିଜର ଶିଳ୍ପ କାର୍ଯ୍ୟକଳାପ ଓ ସାମାଜିକ ପଦକ୍ଷେପ ମାଧ୍ୟମରେ କମ୍ପାନୀ ଦେଶର ପ୍ରଗତି ଏବଂ ଏକ ସାମୂହିକ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣରେ ନିଜର ଅବଦାନ ଜାରି ରଖିବାକୁ ପ୍ରତିବଦ୍ଧ।

# ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହରେ ଯାଜପୁର ଜିଲ୍ଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଯାଜପୁର, ନ୍ୟୁଜ ବ୍ୟୁରୋ

ସ୍ଥାନୀୟ ପ୍ରଶାସନିକ ଭବନ ପଡ଼ିଆରେ ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସଙ୍ଗୀତ ଏବଂ ବନ୍ଦେ ମାତରଂ ଗାନ କରାଯାଇଥିଲା। ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ନିଜ ଅଭିଭାଷଣରେ ସ୍ୱାଧୀନତା ଦିବସ ଅବସରରେ ଐତିହ୍ୟ ସମୃଦ୍ଧ ଯାଜପୁର ଜିଲ୍ଲାବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ କର କହିଥିଲେ ଯେ ଅଗଷ୍ଟ ୧୫ କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରରେ କେବଳ ଗୋଟିଏ ଦିନ ନୁହେଁ। ଏହାକୁ ଭାରତର ପୁନର୍ଜନ୍ମର ଦିନ କହିବାରେ କୌଣସି ଦ୍ୱିଧା ନାହିଁ। ଏହା ପରେ ମୁଖ୍ୟ ଅତିଥି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ମନୋଜ କୁମାର ସେନାପତିଙ୍କୁ ଆକୁଳି ଚରଣ ମେକାପ ମେମୋରିଆଲ ଟ୍ରଫି ଓ ମାନପତ୍ର, ଯାଜପୁର ଜିଲ୍ଲାରେ ୨୦୨୬ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶୁଭମ ସାହୁ, ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ, କାକୁଡିକୁଦଙ୍କୁ ଉର୍ମିଳା ସାହୁ ସ୍ମାରକୀ ମାନପତ୍ର ଓ ପ୍ରୋତ୍ସାହନ ରାଶି ଟ. ୩,୦୦୦/- ଖଗେଶ୍ୱର ସାମଲ ମେମୋରିଆଲ ସିଲ୍ଡ ଓ ପ୍ରୋତ୍ସାହନ ରାଶି ଟ. ୫,୦୦୦/- ଛାତ୍ରୀ ସଯୋମ ଶ୍ରୀ ମହାପାତ୍ର, ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରପୁରଙ୍କୁ ଶୁଭଶ୍ରୀ ନନ୍ଦ ମେମୋରିଆଲ ଟ୍ରଫି, ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ରାଶି ଟ. ୧,୫୦୦/- ଜିଲ୍ଲାର ଶ୍ରେଷ୍ଠ କ୍ରୀଡ଼ାବିତ ଗୋଲାପୀ ଶିର୍କା, ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଏବଂ ଶିକ୍ଷୟତ୍ରୀ ସୁପ୍ରଭା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମିଳିତ ପ୍ୟାରେଡରେ ସଶସ୍ତ୍ର ବାହିନୀ, ପୋଲିସ ବ୍ୟାଣ୍ଡ ପାର୍ଟି, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଏନ୍.ସି.ସି. ସ୍କାଉଟ୍ ଓ ଗାଇଡ, ସିଭିଲିଆନ ଦଳଙ୍କୁ ନେଇ ମୋଟ ୫୪ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ କବିବର ଦେହୁରୀ ଓ ସର୍ଜେଣ୍ଟ ମନୋଜ କୁମାର ସାହୁ ପ୍ୟାରେଡ ପରିଚାଳନା କରିଥିଲେ। ପ୍ୟାରେଡ୍ ପରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଏହାସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ବାଲାଶ୍ରମ, କୁଷ୍ଠାଶ୍ରମ ଓ ଜେଲର ଅନ୍ତେବାସୀମାନଙ୍କୁ ମିଠେଇ ବଣ୍ଟନ କରିବା ସହ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପୂର୍ବରୁ ମୁଖ୍ୟ ଅତିଥି ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତ୍ୟୁଷରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ରାମଧୂନ୍ ପରିବେଷଣ କରାଯାଇଥିଲା। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସମାଜସେବୀ ଗୌତମ ରାୟ, ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ । ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ମଦ ବନ୍ଦ ନେଇ ଅଣ୍ଟା ଭିଡିଲେ ଶତାଧିକ ମହିଳା

# ରାସ୍ତାରେ ଭାଙ୍ଗିଲେ ଲକ୍ଷାଧିକ ଟଙ୍କାର ବିଦେଶୀ ମଦ ବୋତଲ



ଝରିଗାଁ, ନ୍ୟୁଜ ବ୍ୟୁରୋ

ଗ୍ରାମାଞ୍ଚଳରେ ଦେଶୀ ଓ ବିଦେଶୀ ମଦ୍ୟପାନ ଏବଂ ବିକ୍ରି ବନ୍ଦ ଦାବିରେ ଶତାଧିକ ମହିଳା ଅଣ୍ଟା ଭିଡ଼ିଛନ୍ତି। ଝରିଗାଁ ବ୍ଲକ୍ ଚକଲାପଦର ପଞ୍ଚାୟତ ଅଧୀନ କଙ୍ଗରା, ହଳଦୀଗୁଣ୍ଡା, ହରଡ଼ାପଡ଼ା ସମେତ ଚାରିଟି ଗ୍ରାମର ମହିଳାମାନେ ଏକାଠି ହୋଇ ରାସ୍ତା ଉପରେ ମଦ ବୋତଲ ଓ ପାଉଚ୍ ଏକତ୍ର କରି ଭାଙ୍ଗିବା ସହ ନଷ୍ଟ କରିଛନ୍ତି। ମଦ୍ୟପାନ ଯୋଗୁଁ ପରିବାର ଓ ସମାଜରେ ହିଂସା, ଅର୍ଥହାନୀ ଏବଂ ଯୁବପିଢ଼ି ଉପରେ ନିଶାର କୁପ୍ରଭାବ ପଡୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବିଶେଷକରି ଯୁବଗୋଷ୍ଠୀ ନିଶାର ଶିକାର ହୋଇ ବହୁମୂଲ୍ୟ ସମୟ ଓ ଅର୍ଥ ନଷ୍ଟ କରି ପଥଭ୍ରଷ୍ଟ ହେଉଥିବା ସେମାନେ କହିଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଝରିଗାଁ ଥାନାରେ ମଦ ବିକ୍ରି ବନ୍ଦ ଦାବିରେ ଲିଖିତ ଅଭିଯୋଗ କରାଯାଇଛି। ଚକଲାପଦର ସଦର ସମେତ ଚାରିଟି ଗ୍ରାମର ମହିଳାମାନେ ଗାଁକୁ ନିଶାମୁକ୍ତ କରିବା ପାଇଁ ସାମୂହିକ ଭାବେ ନିଷ୍ପତ୍ତି ନେଇ ଏଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାମାନଙ୍କ ଅଭିଯୋଗ ଅନୁସାରେ, ଚକଲାପଦର ପଞ୍ଚାୟତ ସଦରଠାରୁ ପ୍ରାୟ ୮ କିମି ଦୂର ଚର୍ଚ୍ଚା ଗ୍ରାମରେ ଦେଶୀ 'ବିହାରୀ ଭାଟି' ରହିଛି। ସେହିପରି ଝରିଗାଁ ବ୍ଲକ୍ ସଦରରେ ପ୍ରାୟ ୧୯ କିମି ଦୂରରେ ବିଦେଶୀ ମଦ ଦୋକାନ ଓ ବାର ରହିଛି। ସେଠାରୁ ବ୍ଲକ୍‌ର ବିଭିନ୍ନ ସୀମାନ୍ତ ଓ ଆଭ୍ୟନ୍ତରୀଣ ଗ୍ରାମକୁ ବିଦେଶୀ ଓ ଦେଶୀ ମଦ ପହଞ୍ଚୁଥିବା ନେଇ ମହିଳାମାନେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ଏହାକୁ ବିରୋଧ କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ମହିଳାମାନେ କହିଛନ୍ତି। ଏହାପରେ ପ୍ରଥମେ ପରିବାର ଓ ପରେ ଗ୍ରାମବାସୀଙ୍କ ସାମୂହିକ ବୈଠକ ଓ ଆଲୋଚନା ପରେ ନିଶାମୁକ୍ତ ଗାଁ ଗଠନ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଏକ ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଅଧିକ ରହିଛି ବୋଲି ୱାର୍ଡ ମେମ୍ବର ପ୍ରମିଳା ପୂଜାରୀଙ୍କ ସମେତ ଉର୍ବଶୀ ପୂଜାରୀ, ଜନେକ ଦଳପତି, ଶ୍ରୀମତୀ ପୂଜାରୀ, ବୈଦି ପୂଜାରୀ, ଅଳୟ ନାୟକ, ଡାଳିମ୍ବ ପୂଜାରୀ, କମଳା ପୂଜାରୀ ଓ ଯମୁନା ପୂଜାରୀ ପ୍ରମୁଖ ପ୍ରକାଶ କରିଛନ୍ତି।

# ଲଗାଣ ବର୍ଷାରେ ପାଟକୁରା ଅଞ୍ଚଳର ଶହେ ପ୍ରତିଶତ ଫସଲ ନଷ୍ଟ



କେନ୍ଦ୍ରାପଡା, ନ୍ୟୁଜ ବ୍ୟୁହେରା

କେନ୍ଦ୍ରାପଡା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀର ଗରଦପୁର, ଡେରାବିଶ ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷାରେ ଶହେ ପ୍ରତିଶତ ଫସଲ ନଷ୍ଟ ହୋଇଥିବାବେଳେ ଅନେକ ଗୁଡିଏ ସ୍ଥାନରେ ଚାଷଜମି ଜଳମଗ୍ନ ଅବସ୍ଥାରେ ରହିଛି। ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର ବିଭିନ୍ନ ପାଟ ଗୁଡିକରେ ହଜାର ହଜାର ଏକର ଚାଷ ଜମି ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ଭାବରେ ଫସଲ ନଷ୍ଟ ହୋଇଯାଇଛି। ଏହାର କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ଉପଯୁକ୍ତ କ୍ଷତି ପ୍ରଦାନ ପାଇଁ ପାଟକୁରାର ବରିଷ୍ଠ କଂଗ୍ରେସ ନେତା ତଥା ବିଧାନସଭା ପ୍ରାର୍ଥୀ ଡଃ. ରତିକାନ୍ତ କାନୁନ୍‌ଗୋ ଏକ ସାତ ଦଫା ଦାବି ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ମରାମତି ଲୋଡୁଥିବା ରାସ୍ତାଘାଟ ଓ ପାନୀୟ ଜଳ ବ୍ୟବସ୍ଥାକୁ ଉପଯୁକ୍ତ ବିଭାଗ ଦ୍ୱାରା ତୁରନ୍ତ ମରାମତି କରାଯାଉ। ପର୍ଯ୍ୟାପ୍ତ ପରିମାଣରେ ଗୋ ଖାଦ୍ୟ ତୁରନ୍ତ ଯୋଗାଇ ଦିଆଯାଉ। ଲୁଣା, ଚିତ୍ରୋତ୍ପଳା, ଦ୍ୱୀପାଂଚଳର ଦୁଃଖ ଗହଗା ପାଟ ଅଞ୍ଚଳର ବାଘୁଣୀ ନାଳର ଉଭୟ ପାର୍ଶ୍ୱ ଅଞ୍ଚଳ ଶତ ପ୍ରତିଶତ ଫସଲ କ୍ଷୟ କ୍ଷତି ହୋଇଥିବାରୁ ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରାଯାଉ। ଲୁଣା, କରାଣ୍ଡିଆ ଦ୍ୱୀପାଞ୍ଚଳରେ ସମ୍ପୂର୍ଣ୍ଣ ଜଳମଗ୍ନ ଅବସ୍ଥାରେ ଥିବା ଆଇତିପୁର, ଜଳପୋକ, ବଙ୍ଗଳପୁର ଓ ବସପୁର ପଞ୍ଚାୟତର ଗାଁ ଗୁଡିକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘୋଷଣା କରି ଶତ ପ୍ରତିଶତ କ୍ଷତିପୂରଣ ପ୍ରଦାନ କରିବା ଆଦି ଦାବି ଗୁଡିକ ରହିଛି। ଏହି ଦାବିଗୁଡିକୁ ତୁରନ୍ତ ସମାଧାନ କରି ଚାଷୀମାନଙ୍କୁ ଓ କ୍ଷତିଗ୍ରସ୍ତ ଜନସାଧାରଣ ମାନଙ୍କୁ କ୍ଷତି ପୂରଣ ପ୍ରଦାନ କରିବାକୁ ପାଟକୁରା ବିଧାନସଭା ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା ଡକ୍ଟର ରତିକାନ୍ତ କାନୁନଗୋଙ୍କ ସମେତ ପୂର୍ବତନ ସରପଞ୍ଚ ତଥା ଜିଲ୍ଲା କଂଗ୍ରେସର ଉପସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଡେରାବିଶ ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ମିଶ୍ର, ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଡା, ଜିଲ୍ଲା କୃଷକ ସଭାପତି ଜୟଦେବ ପରିଡା, ରାଜନ ପଣ୍ଡା, ରମାକାନ୍ତ ସ୍ୱାଇଁ, ଜ୍ୟୋତିରଞ୍ଜନ ପରିଡା, ରାଜୀବ ଲୋଚନ ମିଶ୍ର, ଶିଖାଂଶୁ ଶେଖର ଲେଙ୍କା, ଜଗଦେବ ପରିଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ହୁମା ସିରିଜ୍ ଚୋରି ଘଟଣା : ପୋଲିସ୍ ହାତ ଖାଲି

ଛତ୍ରପୁର, ନ୍ୟୁଜ ବ୍ୟୁରୋ

ଗତ ୨୯ ତାରିଖରେ ହୁମାରେ ସିରିଜ୍ ଚୋରି ହୋଇଥିଲା ଯାହା ଆଜି ସୁଦ୍ଧା ୧୫ ଦିନରୁ ଅଧିକ ଦିନ ହୋଇଥିଲେ ମଧ୍ୟ କୌଣସି ଖୋଜ୍ ଖବର ପାଉନି ପୋଲିସ୍। ଗଞ୍ଜାମ ଜିଲ୍ଲାର ହୁମା ଫାଣ୍ଡି ଅଞ୍ଚଳରେ ପାଟଣା ସାହିରେ ସିରିଜ ଚୋରି ଘଟଣାରେ ଆଜି ସୁଦ୍ଧା ପୋଲିସ ହାତ ଖାଲି ପଡ଼ିଛି। କେବଳ ଗୋଟିଏ ଘରୁ ଚୋରି ହୋଇ ନଥିଲା ବରଂ ଗୋଟିଏ ସାହିରେ ୩ ଟି ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଚୋରି ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ପଞ୍ଚାୟତର ହୁମା ଗ୍ରାମର ପାଟଣା ସାହିର ଯଦୁ ପରିଡ଼ା ଘରୁ ଲକ୍ଷାଧିକ ସୁନା ଓ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବା ବେଳେ ଦୁଇଟି ପଡ଼ୋଶୀ ଘର ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଥିଲେ କୌଣସି ସୁଫଳ ପୋଲିସ କୁ ମିଳିନାହିଁ । ଅନ୍ୟ ଦୁଇଟି ଘର କବାଟ ଭାଙ୍ଗି ସାମାନ୍ୟ ଚୋରି ହୋଇଥିଲେ ମଧ ଯଦୁ ପରିଡ଼ାଙ୍କ ଘରୁ ୧୨ ତୁଳା ସୁନା ସହ ନଗଦ ଟଙ୍କା ଚୋରି ହୋଇଛି । ଏହିଭଳି ନବ ପ୍ରଧାନଙ୍କ ଘରୁ ସୁନା କାନର ଚୋରି ହୋଇଥିବା ଅଭିଯୋଗ ସେମାନେ ଶୋଇଥିବା ବେଳେ ଆଲମିରା କବାଟ ଭାଙ୍ଗି ସେଥିରୁ ସୁନା ମୁଦି ୧୨ ଗୋଟିଏ ବ୍ରେସ୍ ଲେଟ ଚେନ ୩ ଛୋଟ ପିଲାର ସୁନାଖଡୁ ୨ ରୂପା ଖଡୁ ୧ ନଗଦ ୫୦୦୦୦ ଚୋରି ହୋଇଥିବା ବେଳେ ଏବେ ଭୟ ରେ ଅଞ୍ଚଳ ବାସି ରହିଛନ୍ତି । ସୁନା ଚୋରିର କିଛି ଦିନ ପରେ ପୁଣି ଦିନ ଦ୍ୱି ପ୍ରହରେ ହୁମା ବଜାରରେ ଘର ଆଗରୁ ବାଇକ୍ ଠିଆ ହୋଇଥିବା ସମୟରେ ଦୁର୍ବୃତ୍ତମାନେ



ହୋଇଥିଲା । ଏ ନେଇ ହୁମା ଫାଣ୍ଡିରେ କେଶ୍ ନମ୍ବର୍ ୫୦୧/୨୬ ଅଭିଯୋଗ ହୋଇଥିଲା । କିନ୍ତୁ ବହୁ ଦିନ ବିତିଯାଇଥିଲେ ମଧ ପୋଲିସ୍ ହାତରେ କୌଣସି ଲୁଟେରାଙ୍କ ପତା ମିଳିନାହିଁ । ରାତ୍ର ୧ରେ ଶୋଇଥିବା ବେଳେ ବାରି ଗ୍ରିଲ ଭାଙ୍ଗି ନିଶା ଦ୍ରବ୍ୟ ପ୍ରୟୋଗ କରି ଗୋଟିଏ ନୀଳ ରଙ୍ଗର ବାଇକ୍ ଚୋରି କରିଛନ୍ତି । ଏହି ଅଭିଯୋଗକୁ ଆଧାର ଏନେଇ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ଓ ହୁମା ଫାଣ୍ଡି ଅଧିକାରୀ ବିନୟ କୁମାର ଦାସ ଉଭୟ ଘଟ୍ଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏବଂ ଖୁବ୍ ଶୀଘ୍ର ଧରାଯିବ ବୋଲି କହିଛନ୍ତି ।

## ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୦୮।୨୦୨୬, ଭାଦ୍ରବ ଦି୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୩୫ ଚନ୍ଦ୍ରୋଦୟ- ପ୍ରାଘ ୬।୪୮।୨୯**

ପଞ୍ଚମୀ ସଂଘ ୫/୦୨ ପର୍ଯ୍ୟନ୍ତ, ଭଦ୍ରା ନକ୍ଷତ୍ର ନିଘ ୪।୫୯ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର ଦିଘ ୪/୨୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର ଦିଘ ୪/୨୧ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର. ସଘ ୫/୦୭ ଗତେ ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ସଂଘ ୫/୦୨ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଦିଘ ୭।୦୬ ମଧ୍ୟେ ଦିଘ ୧୦/୩୬ ଗତେ ଦିଘ ୧।୦୮ ମଧ୍ୟେ । **ପର୍ବୋତ୍ସବ-** ସିଂହ ସଂକ୍ରାନ୍ତି।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ଆୟର ପରିମାଣ ବଢ଼ିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି । ଘରେ ସୁଖ ଲାଭ ହେବ । ଯାନବାହାନ କ୍ରୟ କରିବାର ସୁଯୋଗ ଜୁଟିପାରେ ।



**ବୃଷ:** ଶତ୍ରୁଙ୍କଠାରୁ ସତର୍କତା ଅବଲମ୍ବନୀୟ । ଶରୀର ସୁସ୍ଥ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।



**ମିଥୁନ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡିପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ସାମାଜିକ ସ୍ତରରେ ସମ୍ମାନ ହାନୀ ଘଟିପାରେ । ଖର୍ଚ୍ଚର ମାତ୍ରା ବଢ଼ିବ । ଗୃହେ ସୁଖ ଲାଭ ହେବ ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଅଶାନ୍ତି ଦେଖାଦେବ । ହଠାତ୍ ଶୁଭ ଖବର ମିଳିବାର ସମ୍ଭାବନା ରହିଛି ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ଲାଭ ହେବ । ଆୟର ପରିମାଣ ବଢ଼ିବ । ଶତ୍ରୁ ନାଶ ହେବେ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଘରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ବିଶୃଙ୍ଖଳା ଦେଖାଦେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ ।



**ତୁଳା:** ଉତ୍ତମ ସ୍ୱାସ୍ଥ୍ୟ ଯୁକ୍ତ ହେବେ । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ନୂତନ କାର୍ଯ୍ୟ ଆରମ୍ଭ ହେବ । ରୋଜଗାର ଭଲ ହେବ ।



**ବିଛା:** କର୍ମକ୍ଷେତ୍ରରେ ଆଳସ୍ୟ ପଣ ହେତୁ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ରୋଜଗାର ସ୍ଥିର ରହିବ । ଦାମ୍ପତ୍ୟ ଜୀବନରେ କଳହ ଦେଖାଦେଇପାରେ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।



**ଧନୁ:** ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବ୍ୟବସାୟରେ ଲାଭବାନ ହେବେ । ରୋଜଗାର ଭଲ ହେବ । ଘରେ ଶାନ୍ତି ଦେଖାଦେବ । ମହିଳାମାନେ ସୁଖୀ ହେବେ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଲକ୍ଷ୍ୟ ହାସଲ ହେବ । ପାରିବାରିକ ଶାନ୍ତି ପ୍ରାପ୍ତ ହେବ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ମନ ଭଲ ରହିବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି।



**ମୀନ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଶାରୀରିକ ଅସୁସ୍ଥତା ଦେଖାଦେବ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ।

# ପୂର୍ବତନ ବ୍ଲକ ଅଧକ୍ଷାଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା, ନ୍ୟୁଜ ବ୍ୟୁରୋ

ଧର୍ମଶାଳାବ୍ଲକ ପୂର୍ବତନଅଧକ୍ଷା ସଞ୍ଜୁଲତା ପରିଡାଙ୍କ ଏକାଦଶା ହଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଜାରକାସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସଂଗ୍ରାମ ଜେନା ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନବିଧାୟକ ପ୍ରଣବକୁମାର ବାଲବନ୍ତରାୟ, ପୂର୍ବତନସାଂସଦ ଶର୍ମିଷ୍ଠା ସେଠି, ପୂର୍ବତନ ଜିଲ୍ଲାବିଜେପି ସଭାପତି ଗୌତମ ରାୟ, କଂଗ୍ରେସନେତା କିଶାନପଣ୍ଡା, ବିଜେପି ନେତା ପବିତ୍ରମୋହନ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣକରି ସ୍ୱର୍ଗୀୟା ପରିଡାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ପୂର୍ବତନ ବ୍ଲକଅଧକ୍ଷ ରମେଶଚନ୍ଦ୍ର ପରିଡା ସମାଜସେବୀ ମିନତୀ ସାହୁ,ସାମ୍ବାଦିକ ରମାକାନ୍ତ ଜେନା, ସମାଜସେବୀ କାହ୍ନୁଚରଣ ଦାସ, ଅଭିମନ୍ୟୁ ଧଳଙ୍କ ସମେତ ବହୁ ସାମ୍ବାଦିକ ଓ ବୁଦ୍ଧିଜୀବି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣକରିଥିଲେ। ଶେଷରେ ପଦାରବିନ୍ଦ ପରିଡା ଧନ୍ୟବାଦ ଦେଇଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ୩ ଦଶକ ପରେ ନିଫ୍ଟି ୫୦ରୁ ବାହାରିବା ୱିପ୍ରୋ

ଷ୍ଟକ୍ ବଜାର ନିବେଶକଙ୍କ ପାଇଁ ଏକ ବଡ଼ ଖବର। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି-୫୦ ସୂଚକାଙ୍କରେ ଅନ୍ତର୍ଭୁକ୍ତ ଷ୍ଟକ୍ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ଚାଲିଛି। ନିଫ୍ଟି-୫୦ରେ ପ୍ରାୟ ତିନି ଦଶନ୍ଧି ଧରି ସାମିଲ ହେବା ପରେ, ଆଇଟି ଜାଏଣ୍ଟ ୱିପ୍ରୋ ଲିମିଟେଡକୁ ସୂଚକାଙ୍କରୁ ହଟାଇ ଦିଆଯିବ ଏବଂ ତା'ସ୍ଥାନରେ BSE ଲିମିଟେଡ୍ ଆସିବ। ଏହି ପରିବର୍ତ୍ତନର ସିଧାସଳଖ ପ୍ରଭାବ ୱିପ୍ରୋ ଏବଂ ବିଏସଇ ସେୟାର ଉପରେ ପଡ଼ିବ। ତଥାପି, ମଙ୍ଗଳବାର ବଜାର ଖୋଲିବା ମାତ୍ରେ ୱିପ୍ରୋ ସାମାନ୍ୟ ଲାଭ ସହିତ ଖୋଲିଥିଲା, ଯେତେବେଳେ ବିଏସ୍ଇ ସାମାନ୍ୟ ହ୍ରାସ ପାଇଥିଲା। ନୂଆ ପରିବର୍ତ୍ତନ ୩୦ ସେପ୍ଟେମ୍ବର ୨୦୨୬ ରୁ ଲାଗୁ ହେବ। ନିଫ୍ଟି ୫୦ ରେ ବିଏସସି, ୱିପ୍ରୋର ସ୍ଥାନ ନେବ। ଏହି ପରିବର୍ତ୍ତନ ୨୯ ସେପ୍ଟେମ୍ବରରେ କାରବାର ଶେଷ ହେବାପରେ ଲାଗୁହେବ। ଅର୍ଥାତ ୩୦ ସେପ୍ଟେମ୍ବରରୁ ବିଏସ୍ଇ ଭାରତର ପ୍ରମୁଖ ବେଞ୍ଚମାର୍କ ଇଣ୍ଡେକ୍ସ ନିଫ୍ଟି ପର୍ଯ୍ୟନ୍ତ ସୀମିତ ରହିବନି। କମ୍ପାନୀକୁ ନିଫ୍ଟି ନେକ୍ସଟ ୫୦ ରେ ସାମିଲ କରାଯିବ। କାରଣ ଏହି ଇଣ୍ଡେକ୍ସରେ ନିଫ୍ଟି ୧୦୦ ଆସିଥାଏ, ଯାହାକି ନିଫ୍ଟି ୫୦ର ଅଂଶ ନୁହେଁ। ନିଫ୍ଟି ୧୦୦ ରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଆସିଛି। ଇଣ୍ଡିଆନ୍ ହୋଟେଲ୍ସ, ଲୋଧା ଡେଭଲପର୍ସ, ଆରଇସି, ଶ୍ରୀ ସିମେଣ୍ଟ ଏବଂ ୟୁନାଇଟେଡ୍ ସ୍ପିରିଟ୍ସକୁ ବାଦ ଦିଆଯିବ। ସେମାନଙ୍କ ସ୍ଥାନରେ ବିଏସ୍ଇ, ହିଟାଚି, ଏନର୍ଜୀ ଇଣ୍ଡିଆ ପଲିକ୍ୟାବ୍ ଇଣ୍ଡିଆ, ବେଦାନ୍ତ ଆଲୁମିନିୟମ ମେଟାଲ ଓ ଭୋଡାଫୋନ୍ ଏବଂ ଆଇଡିଆକୁ ସୂଚକାଙ୍କରେ ଅନ୍ତର୍ଭୁକ୍ତ କରାଯିବ। ଏହି ପରିବର୍ତ୍ତନଗୁଡ଼ିକ ନିଫ୍ଟି ୧୦୦ ସମାନ ଓଜନ ସୂଚକାଙ୍କରେ ମଧ୍ୟ ଦେଖାଯିବ। ନେକ୍ସଟ ୫୦ ରୁ ପାଞ୍ଚଟି କମ୍ପାନୀକୁ ମଧ୍ୟ ସ୍ଥାନାନ୍ତର କରାଯିବ। ଇଣ୍ଡିଆନ୍ ହୋଟେଲ୍ସ, ଲୋଧା ଡେଭଲପର୍ସ, ଆରଇସି, ଶ୍ରୀ ସିମେଣ୍ଟ ଏବଂ ୟୁନାଇଟେଡ୍ ସ୍ପିରିଟ୍ସକୁ ବାଦ ଦିଆଯିବ। ହିଟାଚି ଏନର୍ଜି ଇଣ୍ଡିଆ, ପଲିକ୍ୟାବ୍ ଇଣ୍ଡିଆ, ବେଦାନ୍ତ ଆଲୁମିନିୟମ ମେଟାଲ୍ସ, ଭୋଡାଫୋନ୍ ଆଇଡିଆ ଏବଂ ୱିପ୍ରୋକୁ ଅନ୍ତର୍ଭୁକ୍ତ କରାଯିବ। ନିଫ୍ଟି ୫୦ ରୁ ବାଦ ଦିଆଯିବା ପରେ ୱିପ୍ରୋକୁ ନିଫ୍ଟି ନେକ୍ସଟ ୫୦ ରେ ଅନ୍ତର୍ଭୁକ୍ତ କରାଯିବ। ନିଫ୍ଟି ୫୦୦ ରେ ସର୍ବାଧିକ ପରିବର୍ତ୍ତନ ଦେଖାଯିବ। ୨୭ଟି କମ୍ପାନୀକୁ ହଟାଇ ଦିଆଯିବ ଏବଂ ୨୭ଟି ନୂଆ କମ୍ପାନୀ ଯୋଡାଯିବ। ନୂତନ ଭାବରେ ଯୋଡା ହୋଇଥିବା ଷ୍ଟକଗୁଡିକ ମଧ୍ୟରେ ଇଥର ଇଣ୍ଡଷ୍ଟ୍ରିଜ୍, ଅବନ୍ତି ଫିଡ୍ସ, ଆଜାଦ ଇଞ୍ଜିନିୟରିଂ, ଭାରତ କୋକିଂ କୋଲ୍, ବ୍ଲାକ ବକ୍ସ, କ୍ୟୁପିଡ୍, ଆଇଏନଓଏକ୍ସ ଇଣ୍ଡିଆ, ରୁବିକନ୍ ରିସର୍ଚ୍ଚ ଏବଂ ଷ୍ଟରଲାଇଟ୍ ଟେକ୍ନୋଲୋଜି ସହିତ ବହୁତ ନାଁ ରହିଛି। ଇଣ୍ଡେକ୍ସରେ ଅଦଳବଦଳ ପରେ ସେହି ସେୟାର କିଣାବିକା ବଢିପାରେ ଯାହାକୁ ପ୍ରମୁଖ ଇଣ୍ଡେକ୍ସରେ ସାମିଲ କିମ୍ବା ବାହାର କରାଯାଇଛି। ବିଶେଷ ଭାବରେ ଇଣ୍ଡେକ୍ସ ଫଣ୍ଡ ଓ ଇଟିଏଫକୁ ନିଜର ପୋର୍ଟଫୋଲିଓରେ ପରିବର୍ତ୍ତନ କରିବାକୁ ପଡିପାରେ। ଏ ସମ୍ପର୍କି ସେୟାରରେ ୩୦ ସେପ୍ଟେମ୍ବର ଆଖପାଖରେ ଟ୍ରେଡିଂ ଭଲ୍ୟୁମ୍ ଓ ଲିକ୍ୱିଡିଟି ଉପରେ ପ୍ରଭାବ ଦେଖିବାକୁ ମିଳିପାରେ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ସମ୍ପର୍କ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ସୃଷ୍ଟି ଇଶ୍ୱରଙ୍କର ଏ ଜଗତରେ ଯାହାସବୁ ଅଛି ଏସବୁ ପ୍ରଭୁଙ୍କର । ତେଣୁ ଏ ଜଗତରେ ତୁମେ ଏପରି ଭାବରେ ସମ୍ପର୍କ ଯୋଡ ଯେପରି ପଛରେ ଭାବିବାକୁ ନ ପଡେ । ସମ୍ପର୍କ ଯୋଡିବା ଭାରି ସହଜ କିନ୍ତୁ ସମ୍ପର୍କକୁ ହୃଦୟରେ ଚାପି ରଖିବା ଭାରି କଷ୍ଟ । ଯଦି ସମ୍ପର୍କରେ ଛଳନା ଥିବ ତାହାଲେ ଭାରି କଷ୍ଟ । ତେଣୁ ସମ୍ପର୍କରେ ସବୁବେଳେ ସରଳତା ମାର୍ଗରେ ନିଅ । ସେ ସମ୍ପର୍କ ସଂସାରରେ ହେଉ କି ସମାଜରେ ହେଉ ନିଷ୍ଠାର ସହିତ ପାଳନ କଲେ ସେ ଗୋଟେ ବିଶାଳ ସେତୁ ପାଲଟିଯାଏ । କଠିନତା ସରଳ ହୋଇଯାଏ । କଷ୍ଟ ଲାଘବ ହୋଇଯାଏ । ବିଶାଳ କର୍ମ କ୍ଷୁଦ୍ର ପାଲଟିଯାଏ । ବା ସୂକ୍ଷ୍ମ ହୋଇଯାଏ । ବିପଦ ସମ୍ପଦ ପାଲଟିଯାଏ । ତେଣୁ ସମ୍ପର୍କ ଭୃତରେ ପବିତ୍ରତା ଥିବା ନିହାତି ଜରୁରି ଯଦି ସମ୍ପର୍କ ଭିତରେ ପବିତ୍ରତା ନାହିଁ ସେ ସମ୍ପର୍କ ସମ୍ପର୍କ ନୁହେଁ । ସେ କିଛିଦିନ ଭିତରେ ଶତ୍ରୁତାର ରୂପ ନେଇଥାଏ । ତେଣୁ ହେ ଭକ୍ତ, ହେ ଶିଷ୍ୟ ପ୍ରଥମରୁ କହିଥାଏ । -ବ୍ୟାଧି ଅଳପ ହୋଇ ସଞ୍ଚରଇ, ହେଳା ମାତ୍ରକେ ପରାଣ ମାରଇ

ଭସ୍ମ କୁଢରେ ଅଗ୍ନିକଣା ଥାଇ,ମନ୍ଦ ପବନେ ବଳିଷ୍ଠ ହୁଅଇ ।

ତେଣୁ ଯଦି ସମ୍ପର୍କରେ କ୍ରେଟା ଅଛି ବୋଲି ଜାଣିବ ତାହାଲେ ତାକୁ ସଙ୍ଗେ ସଙ୍ଗେ ସୁଧାରିନେବ । ଯେତେ ଶିଘ୍ର ପାର ସେତ ଶିଘ୍ର ସମାଧାନ କରିଦେଲେ ଉଭୟଙ୍କ ପାଇଁ ଭଲ ନଚେତ ହେଳା କଲେ ଯେପରି ଭେଳା ବୁଡେ ସେହିପରି ଅବସ୍ଥା ଭୋଗିବାକୁ ପଡିଥାଏ । ସମ୍ପର୍କରେ ଅଂହଙ୍କାର ରଖନାହିଁ । ପ୍ରେମର ସ୍ରୋତରେ ସମ୍ପର୍କକୁ ଗଢି ତୋଳି ଦେଖିବ ସେ ସମ୍ପର୍କରେ ଫଳ ଏତେ ମିଠା ଲାଗିବ ତୁମେବି ଭାବିଲେ ଭାବି ପାରିବ ନାହିଁ । ଏହାହିଁ ସତ୍ୟ । ହରିଓଁ । ◆◆

# ଦ୍ୱିତୀୟ ଜାଲିଆନାୱାଲାବାଗ ଗଣହତ୍ୟା : ସହିଦ୍ ପରିବେୱା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ମହାତ୍ମା ଗାନ୍ଧୀ ଭାରତୀୟ ରାଜନୀତିରେ ଯୋଗଦେଲେ। ଏଇଟି ଇତିହାସର ଗୋଟେ ମହତ୍ତ୍ୱପୂର୍ଣ୍ଣ ଘଟଣା। ତାଙ୍କ ପୂର୍ବରୁ ମୁକ୍ତିସଂଗ୍ରାମ ଚାଲିଥିଲା; ମାତ୍ର ଧୀରମନ୍ଥର ଗତିରେ। ଗାନ୍ଧିଜୀ ସଂଗ୍ରାମକୁ ତ୍ୱରାନ୍ୱିତ କଲେ। ସାମିଲ କଲେ ସମାଜର ସବୁବର୍ଗକୁ। ମୁକ୍ତିସଂଗ୍ରାମ ଗଣବିପ୍ଳବରେ ପରିଣତ ହେଲା। ଅସହଯୋଗ ଆନ୍ଦୋଳନ (୧୯୨୦-୨୧), ଲବଣ ସତ୍ୟାଗ୍ରହ (୧୯୩୦), ବ୍ୟକ୍ତିଗତ ସତ୍ୟାଗ୍ରହ (୧୯୪୦); ଏ ତିନି ପର୍ଯ୍ୟାୟର ଅବସାନ ହେଲା। ୧୯୪୨ ମସିହା, ଅଗଷ୍ଟ ୯ ତାରିଖ, ଆରମ୍ଭ ହେଲା ଭାରତଛାଡ଼ ଆନ୍ଦୋଳନ। ଗାନ୍ଧିଜୀ ଦେଲେ 'କର ବା ମର' ଡାକରା। ସାରା ଦେଶରେ ଅଭୂତପୂର୍ବ ଜନଜାଗରଣ। ଆଦିବାସୀ, ଚାଷୀ, ମୂଲିଆ, ଶ୍ରମିକ, ଛାତ୍ର, ଶିକ୍ଷକ - ସଭିଏଁ ଯୋଗଦେଲେ ଏଇ ମହାସଂଗ୍ରାମରେ। ଏହି ଆନ୍ଦୋଳନ ବ୍ରିଟିଶଙ୍କ ହୃତ୍‌କମ୍ପ ସୃଷ୍ଟିକଲା। ଶେଷର ସେମାନେ ଗାଦି ଛାଡ଼ିଲେ (୧୯୪୭ ମସିହା, ଅଗଷ୍ଟ ୧୫ ତାରିଖରେ)। ଭାରତ ଛାଡ଼ ଆନ୍ଦୋଳନ ଅଗଷ୍ଟ ବିପ୍ଳବ ଭାବେ ଅଭିହିତ। ବାଲେଶ୍ୱର ଜିଲ୍ଲା ଭଦ୍ରକର 'ଇରମ' ମେଳଣ ପଡ଼ିଆ। ବ୍ରିଟିଶ ଫଉଜ ସମବେତ ସତ୍ୟାଗ୍ରହୀଙ୍କ ଉପରେ ଆଖିବୁଜା ଗୁଳିମାଡ଼ କଲେ। ଟଳିପଡ଼ିଲେ ଅନେକ, ମୃତାହତଙ୍କ ଦୃଶ୍ୟ ଅତୀବ ହୃଦୟ ବିଦାରକ। ତା'ର ମୂକସାକ୍ଷୀ 'ଇରମ' ମେଳଣ ପଡ଼ିଆ। ଏବେ ଏହାର ସୀମା ସଙ୍କୁଚିତ। ଛିଡ଼ା ହେଇଛି ଶହୀଦ୍ ସ୍ମୃତି ସ୍ତମ୍ଭଟେ। ଶହୀଦମାନଙ୍କ ଭିତରେ ଜଣେ ନାରୀ, ନାଁ ପରୀବେୱା; ମାତ୍ର ଇତିହାସ ତାଙ୍କ ଯଶଗାନରେ ବିଫଳ। ଏହା ସତ୍ତ୍ୱେ ସେ ପ୍ରଥମ ଓଡ଼ିଆ ନାରୀ ସହିଦ୍ ମାନ୍ୟତା ପ୍ରାପ୍ତ। ତାଙ୍କର ରକ୍ତରେ ସ୍ନାତା ଭାରତମାତା। ପୋଲିସର ଏହି ବର୍ବର ଲୀଳା ଇତିହାସର ଦ୍ୱିତୀୟ ଜାଲିଆନାୱାଲାବାଗ୍ ଗଣହତ୍ୟା। ସହିଦ୍‌ର ରକ୍ତସ୍ନାତ ତ୍ୟାଗ ବିଫଳ ହୁଏନା। ତାହାହିଁ ହେଲା। ଦେଶ ହେଲା ସ୍ୱାଧୀନ। କିନ୍ତୁ ଅନାଲୋଚିତ ହେଇ ରହିଗଲେ ପରିବେୱା। ଓଡ଼ିଶା ମୁକ୍ତି ସଂଗ୍ରାମରେ ସେ ପ୍ରଥମ ତଥା ଏକମାତ୍ର ନାରୀ ସହିଦ୍।

ବାଲେଶ୍ୱରରେ ଅଗଷ୍ଟ ବିପ୍ଳବ ଭୟାନକ ରୂପ ନେଲା। ଭଦ୍ରକରେ ଅଭୂତପୂର୍ବ ଜନଜାଗରଣ। କବି ବାଞ୍ଛାନିଧି ମହାନ୍ତି। ତାଙ୍କ ଘର ଇରମ। ଲେଖିଲେ ରାଶିରାଶି ଉଦ୍‌ବୋଧନ ଗୀତିକା। ତାହା ଜନତାଙ୍କୁ ତତାଇଲା, ମତାଇଲା। ଶିରାରେ ଶିରାରେ ଛୁଟେଇଲା ଉଷୁମ ରକ୍ତର ସୁଅ। ତାଙ୍କ ସହ ଆଉ ଚାରିଜଣ ଛାମୁଆ ବାହିନୀରେ (ଗୌରାଙ୍ଗ ଚନ୍ଦ୍ର ମହାନ୍ତି, କମଳା ପ୍ରସାଦ କର, ଅନିରୁଦ୍ଧ ମହାନ୍ତି, ଗଣେଶ ପ୍ରସାଦ ତ୍ରିପାଠୀ) ଏମାନଙ୍କ ଗାଁ କ୍ରମରେ ବରଣ୍ଡୁଆ, ଶଙ୍ଖାରୁ, ଇରମ, ସଦେଇପଡ଼ା। ଗଠିତ ହେଲା 'ମରଣ', ମାରଣ ସେନା'। ଉତ୍ତରରେ ବଂଶଧାରା ନଦୀ, ଦକ୍ଷିଣରେ ଗମେଇ ନଦୀ, ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ କାଂସ ବାଂଶ ନଦୀ - ଏହାରି ମଧ୍ୟରେ ୨୬ଟି ଗାଁ, ପ୍ରତି ଗାଁରେ ସ୍ୱାଧୀନ ସରକାର - ଏହା ଥିଲା ଏକ ଅଭିନବ ପ୍ରୟାସ। ପରେ ଏହାର ସୀମା ପରିବର୍ଦ୍ଧିତ ହେଲା। ଚାଲିଲା ସମାନ୍ତରାଳ ସରକାର। ଚକଲା ସରକାର ପରିଚାଳନା କଲା ଗୋଟେ ପରିଷଦ। ଗୌରାଙ୍ଗ ଚରଣ ମହାନ୍ତି ଏହାର ପ୍ରଧାନମନ୍ତ୍ରୀ, କମଳା ପ୍ରସାଦ କର ନିର୍ଦ୍ଦେଶକ ତଥା ପ୍ରଧାନ ସେନାପତି, ପରିଷଦର ଅନ୍ୟ ସଭ୍ୟ ଅନିରୁଦ୍ଧ ମହାନ୍ତି, ପ୍ରଭାକର ତ୍ରିପାଠୀ, ଶ୍ୟାମସୁନ୍ଦର ପାଣିଗ୍ରାହୀ। ସରକାର କିଛିଦିନ ସୁରୁଖୁରୁରେ ଚାଲିଲା। ଏହାର ସଫଳତା ପଛରେ ଥିଲା ଏକାଧିକ କାରଣ। ଭୌଗୋଳିକ ଦୃଷ୍ଟିରୁ ଅଞ୍ଚଳଟି ଗୋଟେ ଦ୍ୱୀପ ପ୍ରାୟ, ଏକ ପାଖରେ ମହୋଦଧି, ଅନ୍ୟପଟରେ ନଦୀ, ଅଞ୍ଚଳଟି ଏକ ପ୍ରକାର ବିଚ୍ଛିନ୍ନ ପ୍ରାୟ। ବ୍ରିଟିଶ ପୁଲିସ୍ ପାଇଁ ଏହା ଥିଲା ଅପହଞ୍ଚ। ଅପୂର୍ବ ଜନ ସମର୍ଥନ, ଦଣ୍ଡ ଭୟରେ ସରକାରୀ ଚାକିରିଆ, ସ୍ଥାନୀୟ ଚୌକିଦାରଙ୍କ ସମର୍ଥନ - ଏସବୁ ଚକଲା ସରକାରକୁ ସୁହାଇଲା। ଇଂରେଜମାନେ ହେଲେ ଆତଙ୍କିତ। ସେମାନଙ୍କ ଦ୍ୱାରା ନିଯୁକ୍ତ ପ୍ରେସିଡେଣ୍ଟ ନାରାୟଣ ମାନ୍ଧାତା, ତାଙ୍କ ସାଙ୍ଗକୁ ଜମିଦାର ରମାକାନ୍ତ ପାଢ଼ୀ। ଏମାନେ ବିଦେଶୀ ପରିବହନକାରୀ, ଗୋଇନ୍ଦା କାର୍ଯ୍ୟରେ ଲିପ୍ତ। ବ୍ରିଟିଶ ପୋଲିସ ବାରମ୍ବାର ଇରମକୁ ପ୍ରବେଶ କଲା। ସୃଷ୍ଟି ହେଲା ଗଭୀର ଉତ୍ତେଜନା, ପରିଣାମ ହେଲା ଭୟଙ୍କର। ପୋଲିସ ନିଃଶସ୍ତ୍ର ଜନତାଙ୍କୁ ହତ୍ୟା କଲା, ଛୁଟିଲା ରକ୍ତର ସୁଅ। ସେଇଟି ଥିଲା କଳାଦିବସ (୧୯୪୨ ମସିହା ସେପ୍ଟମ୍ବର ୨୮ ତାରିଖ)।

ଇରମ ପଡ଼ିଆ ଲୋକାରଣ୍ୟ। ହଜାର ହଜାର ସତ୍ୟାଗ୍ରହୀ ସମବେତ। ଆପଣାର ହକ୍ ହାସଲ ପାଇଁ ଚାଲିଛି ସଭାକାର୍ଯ୍ୟ। ପନ୍ଥା ସମ୍ପୂର୍ଣ୍ଣ ଅହିଂସା। ଗୋଧୂଳି ଲଗ୍ନ। ସତ୍ୟାଗ୍ରହୀଏ ନିର୍ଭୀକ, ଯେକୌଣସି ସମୟରେ ଗୁଳି ଚଳାଇବ ପୋଲିସ। ତଥାପି ସେମାନେ ଆତ୍ମ ବଳିଦାନ ପାଇଁ ପୂର୍ଣ୍ଣ ପ୍ରସ୍ତୁତ। ବାସୁଦେବପୁର ଡି.ଏସ୍.ପି. କୁଞ୍ଜ ବିହାରୀ ମହାନ୍ତି, ସାଥିରେ ଇଂରେଜ ଫଉଜ। ୟୁନିୟନ ପ୍ରେସିଡେଣ୍ଟଙ୍କ ଝରକା ଭଙ୍ଗାରୁଜା, ଜମିଦାର ଅମାର ଜବରଦଖଲ ପାଇଁ ସତ୍ୟାଗ୍ରହୀଙ୍କ ଧମକ - ଏସବୁର ତଦନ୍ତ ପାଇଁ ବାହାରିଲେ ଭଦ୍ରକ। ପୋଲିସର ଉପସ୍ଥିତି ଶଙ୍ଖଧ୍ୱନି ମାଧ୍ୟମରେ ଗାଁକୁ ଗାଁ ଜଣାଇ ଦିଆଗଲା। କେଇଟି ମୁହୂର୍ତ୍ତ ଇରମ ପଡ଼ିଆକୁ ସତ୍ୟାଗ୍ରହୀଙ୍କ ସୁଅ ଛୁଟିଲା। ଯିଏ ଯେଉଁଠି ଥିଲେ ଧାଇଁଲେ। ୬ ରୁ ୭ ହଜାର ସତ୍ୟାଗ୍ରହୀଙ୍କ ସମାବେଶ। ଦୁଇଜଣ ଚୌକିଦାର, ପୁଲିସଙ୍କ ବିଛଣା ବୋହି ନେଉଥିଲେ। ଦୁଇ ସତ୍ୟାଗ୍ରହୀ ଏହାର ବିରୋଧ କଲେ। ଗୋଲାମଙ୍କ ବିଛଣା ଫିଙ୍ଗିଦେଲେ। ଘଟଣାଟି ନେଲା ଭିନ୍ନମୋଡ଼। ପୋଲିସ ଉପରେ ଆକ୍ରମଣର ରଙ୍ଗ ଦିଆଗଲା। ଡି.ଏସ୍.ପି. ଗୁଳିଚାଳନା ନିର୍ଦ୍ଦେଶ ଦେଲେ। ୩୦୪ ଚୋଟ ଗୁଳି, ଘଟଣା ସ୍ଥଳରେ ୩୫ ଜଣଙ୍କର ପ୍ରାଣ ନେଲା। ୧୦୭ ଜଣ କ୍ଷତାକ୍ତ। ସେମାନଙ୍କର କରୁଣ ଚିତ୍କାର, ଚତୁର୍ଦ୍ଦିଗ ଶୋକାକୁଳ। ଇରମ ବଳିପଡ଼ିଛି ମେଳଣ ପଡ଼ିଆରେ। ସଂଗ୍ରାମର ପୂଝାରୀମାନେ ଆପଣା ମୁଣ୍ଡକୁ ହାଣି ଥୋଇ ଦେଇଛନ୍ତି। କିଏ ମରିଛି - କାହାର ପ୍ରାଣ ଯିବ - କିଏ ଘାଇଲା ହେଇ ପଡ଼ିଛି। ସେଇ ହିଡ଼ମାଟି ପଡ଼ିଆ ଲାଲ ରକତ ଝୋଳ ଆଜି ଚାହିଁଛି। ସାକ୍ଷୀ ଦେବ ନରରକ୍ତ ପିପାସୁ ଇଂରେଜ ଫଉଜଙ୍କର। ଗୁଳିମାଡ଼ରେ ୩୫ ଜଣ ଶହୀଦ୍ ହେଲେ, ତାଙ୍କ ମଧ୍ୟରେ ଏକମାତ୍ର ନାରୀ ପରୀବେୱା।

ଚକଲା ସରକାର, ସେନାଧ୍ୟକ୍ଷ କମଳା ପ୍ରସାଦ କର, ସେଦିନ ସଭାପତିତ୍ୱ କରୁଥିଲେ। ସାହସ ଧର, ଅପେକ୍ଷା କର, ଯାହା ପ୍ରାଣ ଭୟ ସେ ଚାଲିଯାଉ - ବାରମ୍ବାର କହୁଥିଲେ। ମାତ୍ର ଜନତା ଦେଉଥାଆନ୍ତି ସମସ୍ୱରରେ ଉତ୍ତର - "ଗୁଳି ଗୁଳାସେ ନେହିଁ ଡରଙ୍ଗେ, ଲାଠି ମାଡ଼ସେ ନେହିଁ ଡରଙ୍ଗେ, ବ୍ରିଟିଶ ରାଜତ୍ୱ ମୁର୍ଦ୍ଦାବାଦ, ମହାତ୍ମା ଗାନ୍ଧୀକି ଜୟ, ବନ୍ଦେ ମାତରମ୍ - ଜୟ ଜୟକାର ଧ୍ୱନି, ପ୍ରକମ୍ପିତ ସଭାସ୍ଥଳୀ। ଜୀବନକୁ ଭୟ ନାହିଁ। ପୋଲିସକୁ ଭୃକ୍ଷେପ ନାହିଁ। ଆତ୍ମବଳି ପାଇଁ ସମସ୍ତେ ପ୍ରସ୍ତୁତ। ସେମାନଙ୍କ ମଧ୍ୟରେ ଥିଲେ ଅନେକ ନାରୀ। ସେମାନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ବାଞ୍ଛାନିଧି ଚକଲାର ସ୍ୱେଚ୍ଛାସେବୀ ବାହିନୀ। ଏଥିରେ ଥିଲେ ଅଗ୍ରଗଣ୍ୟା ନାରୀନେତ୍ରୀ। ଅନୁରୂପ ଭାବେ ଶାନ୍ତିବାହିନୀରେ ମଧ୍ୟ। ସେମାନଙ୍କ ମଧ୍ୟରେ ଆଗଧାଡ଼ିରେ ହେମଲତା ଦେବୀ, କୁନିଲତା ଦେବୀ, ଜଞ୍ଜାଳୀ ଦେବୀ, ହୈମବତୀ ପାଢ଼ୀ, ଶରଳା ଦେବୀ, ଏମାନଙ୍କ ସହ ସାମିଲ ହୋଇଥିଲେ ଆହୁରି ଅନେକ ଝିଅବୋହୂ; ପରିବେୱା ପରି ଶହଶହ ସାଧାରଣ ନାରୀ। ମୁଠିଚାଉଳ ଆଦାୟ, ମରଣ ସେନା, ମାରଣ ସେନାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି, ଗୋଇନ୍ଦା ସେନାଙ୍କୁ ସମ୍ବାଦ ପ୍ରେରଣ - ଏସବୁ କାର୍ଯ୍ୟ ନାରୀବାହିନୀ ଉପରେ। ପୁଲିସ ଆସିଲେ, ଚାରିଆଡ଼େ ଶଙ୍ଖଧ୍ୱନି, ହୁଳହୁଳି ପଡ଼େ। ଏ ଦାୟିତ୍ୱ ବି ନାରୀମାନଙ୍କର। ପୁଲିସ ଉପସ୍ଥିତି ଖବର, ଗାଁ ଗାଁରେ ପହଞ୍ଚୁଥିଲା। ନାରୀମାନେ ସୁଚାରୁରୂପେ ଏ ଦାୟିତ୍ୱ ତୁଲାଇଥିଲେ।

ଇରମର ନାରୀ ସହିଦ୍ ପରୀବେୱା। ପ୍ରକୃତ ନାଁ ପାର୍ବତୀ ସାହୁ। ସେ ଥିଲେ ଅପରିଚିତା, ଆର୍ଥିକ ସ୍ୱଚ୍ଛଳତା ତାଙ୍କର ନଥିଲା। ଶିକ୍ଷା ବି। ଆଗଧାଡ଼ିର ସଂଗ୍ରାମୀ ମଧ୍ୟ ନଥିଲେ। ଭାରତ ମାତାଙ୍କୁ ବେଢ଼ି ଶୃଙ୍ଖଳ ମୁକ୍ତ କରିବା - ଏ ଥିଲା ତାଙ୍କ ପଣ ପ୍ରତିଜ୍ଞା। ଓଡ଼ିଶାର ଏକମାତ୍ର ନାରୀ ସହିଦ୍‌ର ପରିଚୟ ସୃଷ୍ଟି, ଏଥି ପାଇଁ ନଥିଲା ତାଙ୍କର ସନ୍ତକ, ସଙ୍କେତ, ସମ୍ବଳ। କେତେଜଣ ଐତିହାସିକ ଲେଖିଲେ, ପରୀଙ୍କ ଜନ୍ମ ୧୮୭୭ ମସିହାରେ, ଭିଟାମାଟି ଐତିହାସିକ ଗାଁ ଇରମ। ଜାତିରେ ସେ ମଧୁ-ବୈଶ୍ୟ। ପେଷାରେ ଜଳଖିଆ ଦୋକାନୀ। ୬୫ ବର୍ଷରେ ସହିଦ ହେଲେ। ସେ ଏକମାତ୍ର କନ୍ୟାର ଜନନୀ। ତା' ନାଁ ମନ୍ଦୋଦରୀ। ଗୁରୁଜନମାନେ ପରୀଙ୍କୁ ଡାକନ୍ତି ମନ୍ଦ ମା'। ମନ୍ଦୋଦରୀଙ୍କ ବର ମାଗୁଣି ସାହୁ, ସେ ଘର ଜ୍ୱାଇଁଆ। ମନ୍ଦର ଏକ ମାତ୍ର କନ୍ୟା 'ହାଡ଼ିଆଣୀ'। ତା' ସ୍ୱାମୀ ନନ୍ଦ ସାହୁ। ହାଡ଼ିଆଣୀର ତିନିଟି ପୁତ୍ର ସନ୍ତାନ - ରତ୍ନାକର, ଗଂଗାଧର, ବିଦ୍ୟାଧର। ଏହାହିଁ ପରିବେୱାଙ୍କ ବଂଶ ଲତା। ପାର୍ବତୀ ସାହୁ ଓରଫ୍ ପରିବେୱାଙ୍କ ସ୍ୱାମୀ ନାରାୟଣ ସାହୁ, ଇରମ ଗଣହତ୍ୟା ବେଳକୁ ସେ ଆର ପାରିରେ। ସର୍ବସାଧାରଣରେ ପରୀଙ୍କର ପରିଚୟ 'ପରୀବେୱା'। ବିଶିଷ୍ଟ ଐତିହାସିକ ଜଗନ୍ନାଥ ପଟ୍ଟନାୟକ, ତାଙ୍କ ପୁସ୍ତକ ରକ୍ତତୀର୍ଥ 'ଇରମ'। ସେ ଭଦ୍ରକ ବାସିନ୍ଦା, ଖୁବ୍ ନିକଟରୁ ଦେଖିଥିଲେ ଇରମକୁ। ତନ୍ନତନ୍ନ କରି ପଢ଼ିଥିଲେ, ଅନୁଭବ କରିଥିଲେ ରକ୍ତ ବିଧୌତା ଇରମର କରୁଣ କାହାଣୀକୁ। ମୃତକଙ୍କ ମଧ୍ୟରେ ଜଣେ ମହିଳା, ତାଙ୍କ ନାମ ପରୀବେୱା। ସେ ଓଡ଼ିଶାର ପ୍ରଥମ ମହିଳା ସହିଦ। ଐତିହାସିକ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଏକଥାକୁ ଉଲ୍ଲେଖ କରିଛନ୍ତି।

କାଳର କୁଟିଳ ଗତି, ତେଲିଆ ମୁଣ୍ଡରେ ତେଲ। ପରୀବେୱା ସମ୍ଭ୍ରାନ୍ତ ବଂଶଜା ନୁହନ୍ତି, ତାହା ହୋଇଥିଲେ ତାଙ୍କର ତ୍ୟାଗ ଅବିଦିତ ନଥାନ୍ତା। ବହୁରୂପରେ ବହୁ ଭାବରେ ରୂପ ନେଇଥାଆନ୍ତା ଇତିହାସ ପୃଷ୍ଠାରେ। ପରୀଙ୍କର ଦୁର୍ଭାଗ୍ୟ ହିଁ ତାଙ୍କ ଦାରିଦ୍ର୍ୟ। ଗୁଡ଼ିଆଘରେ ଜନ୍ମ, ମିଠାଇ ବିକିଲେ ଗୁଜୁରାଣ ମେଣ୍ଟେ, କିଏ ବା କାହିଁକି ତାଙ୍କୁ ମନେରଖିବ? ସମୟ ଗତିଶୀଳ। ସ୍ୱାଧୀନତା ଦିବସ ଡେଇଁଲାଣି ୭୨ ବର୍ଷ। ଇରମରେ ଫିରିଙ୍ଗିଙ୍କ ନରସଂହାର ଏବେ ସ୍ମୃତିଟିଏ। ତଥାପି ଚହଲେଇ ଦିଏ, ଲୋମ ଟାଙ୍କୁରି ଉଠେ, ତଦନାନ୍ତୀନ ନରମେଧ ଯଜ୍ଞ ଇତିହାସକୁ କରେ ଲୋତକାପ୍ଳୁତ। ଇରମର କରୁଣ ଚିତ୍ର, କବି ଲେଖନୀକୁ କଲା ଶତମୁଖର - "ପଳାଇ ଯିବାକୁ ପଥ ନମିଳିଲା / ଛିଡ଼ା ହେଉଁ ହେଉଁ ଗୁଳି ଚୋଟ ହେଲା / ହୋଇ ଗଲା ଆସି ସନ୍ଧ୍ୟା ସମାଗମ / ତଥାପି ହେଉଛି ଗୁଳିର ବର୍ଷଣ / ଶବପରେ ଶବ ହୋଇ ଗଲା ଗଦା / ରକତ କର୍ଦ୍ଦମ ହୋଇଗଲା ପଦା।" ସନ୍ଧ୍ୟା ଘ ୬/୩୦ ମିନିଟ୍‌ରୁ ୭ ଘଟିକା। ମାତ୍ର ତିରିଶ ମିନିଟ୍‌ର ବ୍ୟବଧାନ, ସତ୍ୟାଗ୍ରହୀଙ୍କର ସବୁ ସ୍ୱପ୍ନକୁ ପାଣିଚିଆ କରିଦେଲା। ତଥାପି ସାକାର ହେଲା ପରୀବେୱାଙ୍କର ସ୍ୱପ୍ନ, ନିରଳସ ତ୍ୟାଗ, ଉତ୍ସର୍ଗୀକୃତ ଜୀବନ, ଗୋଟେ ଜାତିର ଜାତୀୟତାବାଦ ଉଦ୍ରେକକାରୀ - ଏହାର ଜ୍ୱଳନ୍ତ ନମୁନା ପରୀବେୱା।

ଅଗଷ୍ଟ ବିପ୍ଳବ ସାରା ଦେଶରେ ଚହଳ ସୃଷ୍ଟିକଲା। ଓଡ଼ିଶା ଥିଲା ସର୍ବାଗ୍ରେ। ଲୁଣିଆ, ଖଇରା, କାଇପଡ଼ା, କଳାମାଟିଆ, ପାପଡ଼ାହାଣ୍ଡି ସାକ୍ଷ୍ୟ ଦେଇଛି ଫିରିଙ୍ଗି ଆତଙ୍କରାଜର ତାଣ୍ଡବଲୀଳା; ମାତ୍ର ଭଦ୍ରକର 'ଇରମ' ସବୁର ଶିଖରରେ। ଜାତିପ୍ରାଣ କବି ଆଙ୍କି ଚାଲିଲେ ଇରମର କରୁଣ କାହାଣୀ - "ଦେଶ ଜାତି ପ୍ରୀତି ସ୍ୱରସ୍ୱତୀ ନଦୀ / ବହୁଛି ଇରମେ ଶତମାର୍ଗ ଭେଦି / ଅନ୍ତଃସଲୀଳା ଏ ସାରା ଭାରତେ/ ଜାତୀୟତା ଧାରେ ବହିବ ନିରତେ / ଦେଶାତ୍ମବୋଧର ଚାରୁ ଗନ୍ତାଘର / ଇରମର ସୁରମ୍ୟ ଜାତୀୟ ନଗର।" ମୁକ୍ତି ସଂଗ୍ରାମର ଇତିହାସ ରକ୍ତରଞ୍ଜିତ ପଞ୍ଜାବ ଜାଲିଆନାୱାଲାବାଗ ନରହତ୍ୟାରେ। ସେଦିନର ନରରାକ୍ଷସ ଜଣେ ଇଂରେଜ, ଜେନେରାଲ ଡାୟାର। ମାତ୍ର ଇରମର କଳଙ୍କିତ ନାୟକ ଡି.ଏସ୍.ପି. କୁଞ୍ଜବିହାରୀ ମହାନ୍ତି। ଜଣେ ଓଡ଼ିଆ ଜାତିଦ୍ରୋହୀ ରହିଗଲେ କଳଙ୍କିତ ହୋଇ ସବୁ କାଳକୁ।

ପ୍ରଥମ ମହିଳା ସହିଦ୍ ପାର୍ବତୀ ସାହୁ, ଗୁଡ଼ିଆଣୀ, ଜଣେ ମିଠା ବିକାଳି, ତାକୁ ମନେରଖିଲାନି ଇତିହାସ। ପରୀବେୱା, ଆସିଥିଲେ ପରୀଟିଏ ପରି। ଆପଣା ମହତ ରଖିଗଲେ ମହୀରେ। ସେ କେବଳ ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିନାହାନ୍ତି, ମୁକ୍ତି ସଂଗ୍ରାମକୁ ମହିମା ବିମଣ୍ଡିତ କରିଛନ୍ତି। ସତରେ "ଇରମ ନିବାସୀ ମନ୍ଦମାତା ବୁଢ଼ୀ / ଗୁଳି ହେଲା ଗଲା ଦିବ୍ୟ ଯାନ ଚଢ଼ି।" ପରୀ ପାଇଁ ନା କେହି ଗୀତଟିଏ ଗାଇଲା, ନା ଦି' ଟୋପା ଲୁହ ଝରାଇଲା। ତଥାପି ସେ ଅଜର ଅମର, ଚିର ଅମ୍ଳାନ। ପଞ୍ଚଦଶ ଶତାବ୍ଦୀ, ଫ୍ରାନ୍‌ସର ଯୋନ୍, ଇତିହାସରେ ନା ରଖିଲେ, ଠିକ୍ ସେମିତି ପରୀବେୱା, ସେଦିନ ପାଟିରୁ ତାଙ୍କର ସ୍ଫୁରିଥିବ, "ମହାତ୍ମାଗାନ୍ଧୀକି ଜୟ, ବନ୍ଦେ ମାତରମ୍'। ତାଙ୍କରି ନଭଶ୍ଚୁମ୍ବୀ ତ୍ୟାଗ, ତାକୁ ନେଇ ଲେଖା ହେଉ ନୂଆ ଇତିହାସ, ତାହେଲେ ଓଡ଼ିଶାର ପ୍ରଥମ ନାରୀ ସହିଦ୍ ପରୀବେୱା, କାଳକୋଳରେ ଚିର ଦେଦୀପ୍ୟମାନ ରହିବେ। ତାଙ୍କୁ ସାରା ବିଶ୍ୱ ଜାଣିବ, ଏହା ନିଃସନ୍ଦେହ।

# ହର ହର ମହାଦେବଙ୍କ ମହାତତ୍ତ୍ୱ : ବୋଲବମ୍ ଯାତ୍ରା



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ପ୍ରଫେସର
ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଶ୍ରାବଣ ମାସକୁ ମାସୋତ୍ତମ କୁହାଯାଏ। ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ। ଏଥିସହ ଜଡ଼ିତ ସମସ୍ତ ଦିନର ଭିନ୍ନ ଭିନ୍ନ ଧାର୍ମିକ ରଙ୍ଗ ଏବଂ ବିଶ୍ୱାସ ଥାଏ। ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରର ଗଭୀର ସଂପର୍କ ରହିଛି। ଏହି ମାସରେ ଆଶା ପୂର୍ଣ୍ଣ ହୁଏ। ଗ୍ରୀଷ୍ମ ପରେ ଶ୍ରାବଣ ମାସରେ ପୃଥିବୀ ତୃପ୍ତ ହୁଏ ଏବଂ ସବୁ ପ୍ରାଣୀଙ୍କର ଇଚ୍ଛାପୂର୍ଣ୍ଣ କରେ। ଏହି ଦୃଷ୍ଟିରୁ ଶ୍ରାବଣ ମାସ ଇଚ୍ଛା ପୂର୍ତ୍ତିର ମାସ। ଏହି ମାସରେ ବ୍ରତ ରଖିଲେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଏ। ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକ ଦ୍ୱାରା ଅଶ୍ୱମେଧ ଯଜ୍ଞ ସମାନ ଫଳ ଲାଭ କରନ୍ତି। ଏହି ମାସରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କଲେ ଶୁଭ ଫଳ ବୃଦ୍ଧି ହୁଏ। ସହସ୍ର ସହସ୍ର ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି।

ଭଗବାନ ଶିବଙ୍କ ମୂର୍ତ୍ତି ଓ ଶିବଲିଙ୍ଗ ଉପରେ ଜଳ ଚଢ଼ାଇ ତାଙ୍କର ମନସ୍କାମନା ଜଣାଇ ମାନସିକ ଶାନ୍ତି ଓ ଏକାଗ୍ରତା ଲାଭ କରନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - ଏହା ହେଉଛି ନୀହାରିକା ଜଗତ। ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛନ୍ତି। ତୀବ୍ର ଗତିରେ ଭ୍ରମଣ କରୁଛନ୍ତି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛନ୍ତି। ଏହାଫଳରେ ସେଠାରେ ସର୍ବଦା ଓଁ ଓଁ - ବ୍ୟୋମ ବ୍ୟୋମ ଶବ୍ଦ ଉଚ୍ଚାରଣ ହେଉଛି। ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ।




ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି।

ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ। ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି। ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ। ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ।

ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଉଁଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି। ତ୍ରିଶୂଳ ମହାଦେବଙ୍କ ଅସ୍ତ୍ର। ଦୁଷ୍ଟ ଦାନବ ନିଧନ ନିମିତ୍ତ ଏହି ତ୍ରିଶୂଳ ଉଦ୍ଦିଷ୍ଟ। ଏହା ସାଙ୍ଗରେ ଅଛି ଡମ୍ବରୁ। ସେଥିପାଇଁ କୁହାଯାଏ ସେ ଡମ୍ବରୁଧର। ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବ୍ରହ୍ମ। ଶିବଙ୍କର ପାଞ୍ଚଟି ମୁଖ, ଏହି ପାଞ୍ଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି। ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର। ଏହି ପ୍ରଜ୍ଞାନେତ୍ରରୁ କ୍ରୋଧବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ। ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ।

ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ତନ୍ତ୍ରଶାସ୍ତ୍ରରେ ଅଛି 'ଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିପାରେ, ଗୁରୁ ଇଷ୍ଟ ହେଲେ ଶିବ ରାଖିବାରେ ନାରେ'। ଶିବଙ୍କର ଅନ୍ୟଏକ ନାମ ମୃତ୍ୟୁଞ୍ଜୟ। ଏହି ଶିବ ବ୍ୟକ୍ତିତ୍ୱଙ୍କୁ ପୂଜା ଓ ଭକ୍ତି ମାଧ୍ୟମରେ ଚାରିତ୍ରିକ ଦ୍ୟୁତିରେ ମନୁଷ୍ୟ ମୃତ୍ୟୁକୁ ଜୟ କରିପାରେ। ଶିବ ଅତି ଶୀଘ୍ର ପରିତୁଷ୍ଟ ହୁଅନ୍ତି ବୋଲି ତାଙ୍କର ଅନ୍ୟ ଏକ ନାମ ଆଶୁତୋଷ। ଇଷ୍ଟଗୁରୁଙ୍କୁ ତୁଷ୍ଟ କଲେ ଶିବ ତୁଷ୍ଟ ହୁଅନ୍ତି। ଶିବଙ୍କର ଉପାସକମାନେ ଶୈବ ନାମେ ପରିଚିତ। ଶିବଲିଙ୍ଗରେ ପାଣି ଢ଼ାଳିବାର ଅର୍ଥ ହେଉଛି ମନୁଷ୍ୟର ଯୌନ ଜୀବନକୁ ଧୀର, ସ୍ଥିର, ସୁସ୍ଥ, ଶାନ୍ତ ଓ ସୁନିୟନ୍ତ୍ରିତ ରଖିବା। ଏହି ଯୌନ ଜୀବନ ଶାନ୍ତ ହେଲେ ମଣିଷର ଜୀବନ ଶାନ୍ତ, ନିରାମୟ ଓ ସମାଜର କଲ୍ୟାଣ ସାଧନ ହୁଏ। ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## ବୌଦ୍ଧ ଜିଲ୍ଲାର ବିକାଶ ନିମନ୍ତେ ନାଗରିକ କମିଟିର ଦାବି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମାଉସୀମା' ମନ୍ଦିର ପରିସରରେ ବୌଦ୍ଧ ଜିଲ୍ଲା ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲାର ବିକାଶ କ୍ଷେତ୍ରରେ ଅଗ୍ରଗତି ହୋଇପାରୁନଥିବାରୁ ନାଗରିକ କମିଟି ତରଫରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ପ୍ରକାଶଯୋଗ୍ୟ ଯେ ଗତ ଜୁଲାଇ ୧୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ କମିଟି ତରଫରୁ ବୌଦ୍ଧ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଗଣଧାରଣା ଦିଆଯାଇଥିଲା । ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ବି ଦାବି ପୂରଣ ହୋଇପାରିଲାନି । ଏହାପରେ ଗତ ଜୁଲାଇ ୧୪ ତାରିଖରେ ଜିଲ୍ଲାପାଳଙ୍କ ସହିତ ଏକ ନାଗରିକ କମିଟିର ଏକ ପ୍ରତିନିଧି ଦଳ ତିନୋଟି ପ୍ରମୁଖ ଦାବି ଯଥା ଜିଲ୍ଲା ସଂଗ୍ରହାଳୟର ସୁରକ୍ଷା ଓ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୂତନ କୋଠାକୁ ସ୍ଥାନାନ୍ତର ଓ ପାତାଳିଶ୍ରୀକ୍ଷେତ୍ର ନାୟକପଡାର ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆଲୋଚନା ମଧ୍ୟ କରିଥିଲେ । ଏସବୁ ସମସ୍ୟା ସମାଧାନ ନେଇ ପ୍ରଶାସନ ପକ୍ଷରୁ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଜିଲ୍ଲା ପ୍ରଶାସନ ଏସବୁ ସମସ୍ୟା ଉପରେ ଦୃଷ୍ଟିଦେଇ ତୁରନ୍ତ ସମାଧାନ କରିବାକୁ ନାଗରିକ କମିଟି ତରଫରୁ ଚେତାବନୀ ଦିଆଯାଇଛି । ନଚେତ୍ ଆଗାମୀ ଦିନରେ ନାଗରିକ କମିଟି ତରଫରୁ ଏକ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## କର୍ତ୍ତବ୍ୟନିଷ୍ଠା ନିମନ୍ତେ ଥାନା ଅଧିକାରୀ ସମ୍ମାନିତ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ୨୦୨୬ ମସିହା ପାଇଁ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ନିଷ୍ଠାପର ସେବା ଓ କର୍ତ୍ତବ୍ୟନିଷ୍ଠା ନିମନ୍ତେ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ 'DGP's Disc' ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱର ସ୍ଥିତ ପୋଲିସ ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶ୍ରୀ ତ୍ରିପାଠୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ସମାରୋହରେ ରାଜ୍ୟର ମୋଟ୍ ୫୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ଓ ପ୍ରଶଂସନୀୟ ସେବା ପାଇଁ DGP's Disc ପ୍ରଦାନ କରାଯାଇଥିଲା । ତେବେ ଯାଜପୁର ଜିଲ୍ଲାରୁ ଏକମାତ୍ର ପୋଲିସ ଅଧିକାରୀ ଭାବେ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଏହି ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି । ଅପରାଧ ନିୟନ୍ତ୍ରଣ, ଆଇନ୍‌ଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ପ୍ରଦାନ ସହ କର୍ତ୍ତବ୍ୟ ପ୍ରତି ତାଙ୍କର ନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି । ରାକେଶ କୁମାର ତ୍ରିପାଠୀଙ୍କ ଏହି ସଫଳତାରେ କୋରେଇ ଅଞ୍ଚଳ ସମେତ ଯାଜପୁର ଜିଲ୍ଲା ପୋଲିସ ବିଭାଗରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ଏହି ସମ୍ମାନ କୋରେଇ ପୋଲିସ ପାଇଁ ଗୌରବର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## କୃଷି ଓ କୃଷକମାନଙ୍କ ସମନ୍ୱିତ ବିକାଶ ଉପରେ ଗୁରୁତ୍ୱାରୋପ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଆନୁକୂଲ୍ୟରେ ଏକ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୃଷି ବିଭାଗର ଆତ୍ମା ପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଚାରୋଟି ବ୍ଲକ୍ ଯଥା ତିର୍ତ୍ତୋଲ, ରଘୁନାଥପୁର, କୁଜଙ୍ଗ ଓ ଏରସମାରୁ ସମୁଦାୟ ୨୫ ଜଣ ଆଗଧାଡ଼ିର ଚାଷୀ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ଦିନରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଏହାର ଉଦ୍ଦେଶ୍ୟ ଚାଷୀମାନଙ୍କୁ ବୁଝାଇ କହିଥିଲେ । ପ୍ରଥମ ଦିନର ପ୍ରଥମ ଭାଗରେ ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ କୁମାର ମାଝୀ ଚାଷୀମାନଙ୍କୁ ଫସଲରେ ସମନ୍ୱିତ ଖାଦ୍ୟ ପରିଚାଳନା ବିଷୟରେ ବିଶେଷ ଜ୍ଞାନ ପ୍ରଦାନ କରିଥଲେ । ରୋଗପୋକ ବୈଜ୍ଞାନିକ ଦେବାଶିଷ ପଣ୍ଡା ଚାଷୀମାନଙ୍କୁ ବିଭିନ୍ନ ରୋଗପୋକ ସମସ୍ୟାର ସମାଧାନ ବିଷୟରେ କହିବା ସହିତ ରୋଗପୋକ ନିୟନ୍ତ୍ରଣରେ ଆଧୁନିକ ଔଷଧମାନ ବିଷୟରେ ଜ୍ଞାନ ପ୍ରଦାନ କରିଥଲେ । ଦ୍ୱିତୀୟ ଭାଗରେ ମତ୍ସ୍ୟ ବିଶେଷଜ୍ଞ ସରିତା ଦାସ ମାଛ ଚାଷରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ । ଶେଷ ଭାଗରେ ପ୍ରାଣୀ ବୈଜ୍ଞାନିକ ଡ. ତପନ କୁମାର ପଲାଇ ଗୋପାଳନ ଓ କୁକୁଡ଼ା ପାଳନ ଜନିତ ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋକପାତ କରିଥଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ ଯୋଗଦେଇ ଚାଷୀମାନଙ୍କ ସହ ବିଭିନ୍ନ ଚାଷ ଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ପରିଚାଳକ ମଣ୍ଟୁ ଚୌଧୁରି ଧାନ ଓ ପନିପରିବା ଚାଷରେ ହେଉଥିବା ବିଭିନ୍ନ ସମସ୍ୟା ଗୁଡିକ ବିଷୟରେ ଆଲୋକପାତ କରିଥିଲେ । ଗୃହ ବିଜ୍ଞାନୀ ସସ୍ମିତା ପୁରୋହିତ ଲାଭଜନକ ଛତୁ ଚାଷ ବିଷୟରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧିକାରୀ ସ୍ୱାଗତିକା ମିଶ୍ର ଓ ସ୍ୱରାଜ କୁମାର ବେହେରା ଅଂଶଗ୍ରହଣ କରିଥିଲେ । ନେଇଥିବା ସମସ୍ତ ଚାଷୀମାନଙ୍କୁ ଚାଷ ସମ୍ବନ୍ଧିତ ବିଭିନ୍ନ ବୈଷୟିକ ପୁସ୍ତିକା ପ୍ରଦାନ କରାଯାଇଥିଲା । ଶେଷ ପର୍ଯ୍ୟାୟରେ ଚାଷୀମାନେ ସକ୍ରିୟ ଅଂଶଗ୍ରହଣ କରି ନିଜନିଜର ଅଭିଜ୍ଞତା ବାଣ୍ଟିବା ସହ ନିଜ ନିଜର ଚାଷ ସମ୍ବନ୍ଧିତ ସମସ୍ୟାର ସମାଧାନ ବୈଜ୍ଞାନିକ ମାନଙ୍କ ଠାରୁ ବୁଝିଥିଲେ । ଶେଷରେ କେନ୍ଦ୍ରରେ ଥିବା ବିଭିନ୍ନ ପ୍ରୟୋଗଶାଳା ଓ ପ୍ରଦର୍ଶନ କ୍ଷେତ୍ର ପ୍ରଦର୍ଶନ କରି ଜ୍ଞାନ ଅର୍ଜନ କରିଥିଲେ ।

## ଐତିହ୍ୟ ସମ୍ପନ୍ନ ଶଙ୍ଖାରୀ ପୋଖରୀର ପୁନରୁଦ୍ଧାର ଦାବି

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**





ଚୌଦ୍ୱାର ପୌରପାଳିକାର ୧ରୁ ୫ନମ୍ବର ୱାର୍ଡ଼କୁ ନେଇ ଗଠିତ ଚୌଦ୍ୱାର ଗ୍ରାମର ଗର୍ବ ଓ ଗୌରବ କୁହାଯାଉଥିବା ବହୁ ପୁରାତନ ତଥା ଐତିହ୍ୟ ସମ୍ପନ୍ନ ଶଙ୍ଖାରୀ ପୋଖରୀଟିର ଦୀର୍ଘ ବର୍ଷ ଧରି ପୁନରୁଦ୍ଧାର କାର୍ଯ୍ୟ ହୋଇନଥିବାରୁ ପୋଖରୀଟି ଏବେ ଦଳପଙ୍କରେ ଭର୍ତ୍ତି ହୋଇ ଅବ୍ୟବହୃତ ହୋଇ ପଡ଼ିରହିଛି । ପୌରପାଳିକା ଅଧିନ ତିନିକୋଣିଆ ସ୍ଥିତ ରୂପଯାତ୍ରା ପଡ଼ିଆର ଅନତି ଦୂରରେ ତଥା ଚୌଦ୍ୱାର ଗ୍ରାମର ପ୍ରବେଶ ପଥରେ ଅବସ୍ଥିତ ଗ୍ରାମର ଏକମାତ୍ର ଏହି ପୋଖରୀ ଉପରେ ଗ୍ରାମର ଲୋକମାନେ ବହୁ ମାତ୍ରାରେ ନିର୍ଭରଶୀଳ । ପୋଖରୀଟି ଦଳପଙ୍କରେ ପୂର୍ଣ୍ଣ ହୋଇ ଅତିମାତ୍ରାରେ ଅସନା ହୋଇ ପଡ଼ିରହିଥିବାରୁ ଚୌଦ୍ୱାରକୁ ଆସୁଥିବା ଯେକୌଣସି ଲୋକ ପୋଖରୀଟିକୁ ଦେଖି ନାକ ଟେକୁଥିବା ଦେଖିବାକୁ ମିଳୁଛି । ଏହି ପୋଖରୀ କୂଳରେ ସିରିଡ଼ି ସାଇ ମନ୍ଦିର, ଶନି ମନ୍ଦିର, ଜିମ୍ ସେଣ୍ଟର ଆଦି ବହୁ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ରହିଥିବାରୁ ଏସବୁ ଅନୁଷ୍ଠାନକୁ ପ୍ରତ୍ୟହ ଆସୁଥିବା ଲୋକମାନଙ୍କ ପାଇଁ ପୋଖରୀଟି କୌଣସି କାର୍ଯ୍ୟରେ ଆସିପାରୁନାହିଁ । ରୂପଯାତ୍ରା ସମୟରେ ଏହି ସ୍ଥାନରେ ଲକ୍ଷାଧିକ ଜନସମାଗମ ହେଉଥିବାବେଳେ ଏହି ପୋଖରୀ ହୁଡ଼ାରେ ଶହ ଶହ ସଂଖ୍ୟାରେ ଦୋକାନ ବଜାର ବସିଥାଏ । ହେଲେ ଏହି ଯାତ୍ରୀମାନଙ୍କ ପାଇଁ ପୋଖରୀଟି ଏବେ ଅଦରକାରୀ ହୋଇପଡ଼ିଛି । ଏହାର ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ତରଫରୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଏବର ବିଧାୟକ ସେଭିକ୍ ବିଶ୍ୱାଳଙ୍କୁ ନିବେଦନ କରାଯାଇଥିବା ଏବଂ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଅତିଶିଘ୍ର କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଏହି ପ୍ରତିଶ୍ରୁତି ଏଯାବତ୍ କାର୍ଯ୍ୟକାରୀ ହୋଇପାରିନାହିଁ । ପୋଖରୀଟିର ତୁରନ୍ତ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଗ୍ରାମବାସୀଙ୍କ ତରଫରୁ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗ୍ରାମବାସୀଙ୍କ ତରଫରୁ ବିଷ୍ଣୁ ଚରଣ ନାୟକ, ଅନାଦି ଅଚ୍ୟୁତ ଲେଙ୍କା, ଝୁଲେନ୍ଦ୍ର ନାୟକ, ବିମଳ କୁମାର ବେଉରା, ସୁନୀଲ କୁମାର ସାହୁ, ମୀନତି ଚୌଧୁରୀ, ସଂଯୁକ୍ତା ସାହୁ, ଅଶୋକ କୁମାର ସାହୁ, ହରେକୃଷ୍ଣ ସାହୁ, ଜୟନ୍ତ ବେହେରା, ବବିତା ବେହେରା ପ୍ରମୁଖ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଖୁବଶିଘ୍ର ଟେଣ୍ଡର କରାଯାଇ ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ ।

## ରାସାୟନିକ ଦୁର୍ଘଟଣା ମୁକାବିଲା ପାଇଁ ଆପାତକାଳୀନ ପ୍ରସ୍ତୁତି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ଆପାତକାଳୀନ ବୈଠକ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରାସାୟନିକ ଦୁର୍ଘଟଣା ଓ ଏହାର ସଠିକ ପରିଚାଳନା ନିମିତ୍ତ ଆପାତକାଳୀନ ପ୍ରସ୍ତୁତି ଏବଂ ମୁକାବିଲା ପଦକ୍ଷେପ ବିଷୟରେ ସମୀକ୍ଷା କରଯାଇଥିଲା । ଆସିଷ୍ଟାଣ୍ଟ ଡିରେକ୍ଟର ଫ୍ୟାକ୍ଟ୍ରି ଆଣ୍ଡ ବଏଲର, ବଲାଙ୍ଗିର ମଣ୍ଡଳ ଦୃଶ୍ୟଶ୍ରାବ୍ୟ ଉପସ୍ଥାପନ ମାଧ୍ୟମରେ ବୈଠକର ଲକ୍ଷ୍ୟ ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଜିଲ୍ଲା ଆପାତକାଳୀନ ଦଳର କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଜିଲ୍ଲାରେ ଥିବା କ୍ଷୁଦ୍ର ଫ୍ୟାକ୍ଟ୍ରି ଗୁଡିକର ପରିଚାଳକ/ମାଲିକ ମାନେ ଆପାତକାଳୀନ ପରିସ୍ଥିତି ଉପୁଜିଲେ ବା ଆପାତକାଳୀନ ରାସାୟନିକ ଦୁର୍ଘଟଣା ପରିଚାଳନା ପାଇଁ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କଣ କଣ ପଦକ୍ଷେପ ନେଇଛନ୍ତି ବା କଣ କଣ ପଦକ୍ଷେପ ଗ୍ରହଣ କରିବେ ତାହା ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା ଅନର୍ଗତ ସଡକ ପଥରେ ପରିବହନ ହେଉଥିବା ରାସାୟନିକ ପଦାର୍ଥ ଓ ବିପଦପୂର୍ଣ୍ଣ ଗ୍ୟାସ୍ ଦୁର୍ଘଟଣା ଘଟିଲେ ତାହାର ସୁପରିଚାଳନା କିପରି କରାଯାଇପାରିବ ସେଥିନିମିତ୍ତ ଏକ ଆଦର୍ଶ କାର୍ଯ୍ୟ ନିର୍ବାହ ନିୟାମକ ବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡୋର (ଏସ୍‌ଓପି) ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଗଲା । ରାସାୟନିକ ପଦାର୍ଥ ଓ ବିପଦପୂର୍ଣ୍ଣ ଗ୍ୟାସ୍ ଦୁର୍ଘଟଣା ଗୁଡିକର ତ୍ୱରିତ ପରିଚାଳନା ନିମିତ୍ତ ଆଞ୍ଚଳିକ ଆପାତକାଳୀନ ଦଳ ଗଠନ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ଡେପୁଟି ଡିରେକ୍ଟର ଫ୍ୟାକ୍ଟ୍ରି ଆଣ୍ଡ ବଏଲର, ରାୟଗଡା ବୈଠକ ସଂଯୋଜନା କରିବା ସହ ଫ୍ୟାକ୍ଟ୍ରି ଗୁଡିକ କେଉଁ କେଉଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନିତାନ୍ତ ଜରୁରୀ ତାହା ଉପରେ ପରାମର୍ଶ ପ୍ରଦାନ କରିଥିଲେ । ଶେଷରେ ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ ସମସ୍ତ ବିଭାଗୀୟ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ବୈଠକରେ ଡା. ଦେବୀପ୍ରସାଦ ମହାପାତ୍ର, ଡିପିଏଚ୍‌ଓ, ସୁବର୍ଣ୍ଣପୁର, ରାଜେଶ କୁମାର ସାହୁ, ଜିଲ୍ଲା ଜରୁରୀ ଅଧିକାରୀ, ସୁବର୍ଣ୍ଣପୁର, ବିଶ୍ୱନାଥ ନାୟକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓସ୍ମା, ସୁଶ୍ରୀ ପ୍ରୀତି ସୁନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସ୍ତରୀୟ ସଦସ୍ୟ ବୃନ୍ଦ ଓ ଜିଲ୍ଲାରେ ଥିବା କ୍ଷୁଦ୍ର ଫ୍ୟାକ୍ଟ୍ରି ଗୁଡିକର ପରିଚାଳକ/ମାଲିକମାନେ ଉପସ୍ଥିତ ରହିଥିଲେ ।

## ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବିପତ୍ର ପ୍ରଦାନ

**ଗାଇସିଲାଟ, ନ୍ୟୁଜ୍ ବ୍ୟୁରୋ**

ଗାଇସିଲାଟ ବ୍ଲକ ଅଞ୍ଚଳରେ ବାରମ୍ବାର ବିଜୁଳି ବିଭ୍ରାଟ, ଲୋ-ଭୋଲ୍‌ଟେଜ୍, ଟ୍ରାନ୍ସଫର୍ମର ସମସ୍ୟା, ବିଜୁଳି ଯୋଗାଣର ଅନିୟମିତତା ଓ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଶିବୁ ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ଏକ ଜନଆନ୍ଦୋଳନ ଓ ରାଲି ଆୟୋଜିତ ହୋଇଥିଲା । ସଂଗଠନର ଆହ୍ୱାନରେ ବିଜୁଳି ଉପଭୋକ୍ତା, ଚାଷୀ, ଯୁବକ, ମହିଳା ଓ ସଚେତନ ନାଗରିକମାନେ ଏକତ୍ରିତ ହୋଇ ଗାଇସିଲାଟ କଲେଜ ଛକରୁ ରାଲି ଆରମ୍ଭ କରିଥିଲେ । ରାଲିଟି ବିଡିଓ କାର୍ଯ୍ୟାଳୟ ଦେଇ ଟାଟା ପାୱାର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ପରେ ସଂଗଠନ ପକ୍ଷରୁ ବିଜୁଳି ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ଗାଇସିଲାଟ ବ୍ଲକରେ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା, ବିଜୁଳି କଟ୍ ସମସ୍ୟାର ସ୍ଥାୟୀ ସମାଧାନ, ଲୋ-ଭୋଲ୍‌ଟେଜ୍ ସମସ୍ୟା ଦୂର କରିବା, ଖରାପ ଟ୍ରାନ୍ସଫର୍ମର ଓ ବିଜୁଳି ଲାଇନ୍‌ର ତୁରନ୍ତ ମରାମତି, ଉପଭୋକ୍ତାଙ୍କ ଅଭିଯୋଗର ଶୀଘ୍ର ସମାଧାନ ଏବଂ ବିଜୁଳି ସେବା ସମ୍ପର୍କିତ ଅଭିଯୋଗରେ ଉପଭୋକ୍ତାଙ୍କୁ ଉଚିତ୍ ସହାୟତା ପ୍ରଦାନ ଭଳି ଦାବି ରଖାଯାଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ବିଜୁଳି ଆଜିର ଦିନରେ ଘର, ଚାଷ, ବ୍ୟବସାୟ, ଶିକ୍ଷା ଓ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ସେବା । ତେଣୁ ଉପଭୋକ୍ତାମାନଙ୍କୁ ନିୟମିତ, ସୁରକ୍ଷିତ ଓ ଗୁଣାତ୍ମକ ବିଜୁଳି ସେବା ମିଳିବା ଆବଶ୍ୟକ । ଉପଭୋକ୍ତାଙ୍କ ସମସ୍ୟାକୁ ଅଣଦେଖା ନକରି ତୁରନ୍ତ ପଦକ୍ଷେପ ନେବାକୁ ସଂଗଠନ ଦାବି କରିଛି । ଏହି ଆନ୍ଦୋଳନ କୌଣସି ବ୍ୟକ୍ତି ବା ସଂସ୍ଥା ବିରୋଧରେ ନୁହେଁ, ବରଂ ବିଜୁଳି ଉପଭୋକ୍ତାଙ୍କ ଅଧିକାର, ନ୍ୟାୟ ଓ ଉନ୍ନତ ବିଜୁଳି ସେବା ପାଇଁ ଏକ ଗଣତାନ୍ତ୍ରିକ ପ୍ରୟାସ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଦାବିଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ବିଜୁଳି ଉପଭୋକ୍ତାଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର୍ କରାଯିବ ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଚାଷୀ ନେତା ଅରବିନ୍ଦ ପଣ୍ଡା, ସରୋଜ ସାହୁ, ଗଜପତି ସାହୁ, ସୁଜିତ ପାତ୍ର, ସାହୁ, ଶ୍ରୀକାନ୍ତ ପାଢ଼ୀ, ସଦାନନ୍ଦ ସାହୁ, ଲକି ସାହୁ, ପରେଶ ବେହେରା, ରିଲୁ ସିଂ, ପ୍ରସନ୍ନ ରଣା, ଶଶୀ ଠାକୁର ପ୍ରମୁଖ ବହୁ ସଂଖ୍ୟାରେ ସାମିଲ ଥିଲେ ।

## ଯୁବ ସମାଜକୁ ସଠିକ୍ ମାର୍ଗଦର୍ଶନ ଦ୍ୱାରା ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ ସମ୍ଭବ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**





ସ୍ଥାନୀୟ ଉଫୁନା କାର୍ଯ୍ୟାଳୟରେ ପ୍ରାତଃ ସମୟରେ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ଯୁବ ଦିବସ –୨୦୨୬ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାକୁ ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ । ଏହି ସଭାରେ ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଡ୍ ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଅନ୍ୟତମ ମୁଖ୍ୟଅତିଥି ଭାବରେ ପରିବେଶବିତ୍ ଉପେନ୍ଦ୍ର ରାଉତ ଯୋଗଦାନ କରି ଯୁବ ସମାଜକୁ ସଠିକ୍ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କଲେ ହିଁ ଏକ ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ବିଶ୍ୱ ଗଠନ ସମ୍ଭବ ହୋଇପାରିବ ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ । ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ଡ. ପ୍ରମୋଦ କୁମାର ନାୟକ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସମ୍ପାଦକ ସରୋଜ ଶତପଥୀ, ସମ୍ପାଦକ କବି ବାହାଦୂର ପାଙ୍ଗସାହାଣୀ, ଡ. ଅନୁପମା ମିଶ୍ର, ଡା. ଦେବୀ ପ୍ରସାଦ ମିଶ୍ର, ସଭାପତି ଆଡ୍ ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ବକ୍ତା ଭାବରେ ସ୍ୱୀୟ ସ୍ୱୀୟ ଅଭିଭାଷଣରେ କହିଲେ ଯେ ବିଶ୍ୱ ଇତିହାସରେ ଅଗଷ୍ଟ ୧୨ କେବଳ ଏକ ମହତ୍ତ୍ୱପୂର୍ଣ୍ଣ ତାରିଖ ନୁହେଁ, ଏହା ବିଶ୍ୱ ଶାଶ୍ୱତ ସଭ୍ୟତା, ସଂସ୍କୃତିର ଯୁବ ଅସ୍ତିତ୍ୱ ଓ ଅସ୍ମିତାର ଅନୁପମ ଉଦ୍‌ଘୋଷ । ଯୁବପିଢ଼ିଙ୍କୁ ରୋଜଗାର, ଉତ୍ତମ କାର୍ଯ୍ୟ ଏବଂ ଉଦ୍ୟୋଗୀ ହେବା ପାଇଁ ଆବଶ୍ୟକୀୟ ଦକ୍ଷତା ପ୍ରଦାନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୪ ମସିହାରେ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସର ଶୁଭାରମ୍ଭ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଡା. ଦେବୀପ୍ରସାଦ ମିଶ୍ର ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ଗୋଟିଏ ଓଡ଼ିଆ ସନେଟ୍ ଓ ଗୋଟିଏ ଇଂରାଜୀ ସନେଟ୍ ଆବୃତ୍ତି କରିଥିଲେ ଓ ସ୍ୱୀୟ ବକ୍ତବ୍ୟରେ ଯୁବଶକ୍ତି ହେଉଛନ୍ତି ଦେଶ ଓ ରାଜ୍ୟର ଅସଲ ସମ୍ପତ୍ତି । ଯେତେବେଳେ ଜଣେ ଯୁବକ ବା ଯୁବତୀ ନିଜ ଭିତରେ ଥିବା ପ୍ରତିଭାକୁ ଚିହ୍ନି ଦକ୍ଷତା ହାସଲ କରନ୍ତି, ସେତେବେଳେ ସେମାନେ କେବଳ ନିଜର ନୁହେଁ, ବରଂ ସମଗ୍ର ଦେଶର ବିକାଶରେ ପ୍ରମୁଖ ସହଭାଗୀ ହୋଇପାରନ୍ତି ବୋଲି ପ୍ରକାଶ କରିଥିଲେ । ଏହି ସଭାରେ ସାର୍ଥକ ପଟ୍ଟନାୟକ, ଇଂ. ଅବିନାଶ ଦାସ, ଇଂ. ଯୁଧିଷ୍ଠିର ସାହୁ, ବିପିନ ବିହାରୀ ବେହେରା, ପ୍ରେମାନନ୍ଦ ଶତପଥୀ, ତରୁଣ କୁମାର ବିଶ୍ୱାଳ, ବସନ୍ତ କୁମାର ବିଶ୍ୱାଳ, ରବିନାରାୟଣ ପଟ୍ଟନାୟକ, ଲକ୍ଷ୍ମୀଧର ଶତପଥୀ, ଗିରିଶ ଚନ୍ଦ୍ର ସାମଲ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଦିଲ୍ଲୀପ କୁମାର ସାହୁ, ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ଉଫୁନାର ସମସ୍ତ ଶତାଧିକ ସହଯୋଗୀ ସଦସ୍ୟା, ସଦସ୍ୟ ମଧ୍ୟ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ସମାଜସେବୀ ସରୋଜ କୁମାର ଶତପଥୀ ସ୍ୱାଗତଭାଷଣ ଦେଇଥିବାବେଳେ ଗୋକୁଳ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଢେଙ୍କାନାଳ ଜିଲ୍ଲାର କୋଣ ଅନୁକୋଣରୁ ବହୁ ସଂଖ୍ୟାରେ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦାନ କରି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ନିଶାମୁକ୍ତ ସଶକ୍ତ ଯୁବଶକ୍ତି ନିର୍ମାଣ ପାଇଁ ଶପଥ ଗ୍ରହଣ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ପିଏମ୍‌ଶ୍ରୀ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳାରେ ଜୀବନରେ ନିଜେ ନିଶା ସେବନ ନକରି ନିଜ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଶତାଧିକ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଛନ୍ତି । ୨୦୨୩ ମସିହା କ୍ରାନ୍ତି ଦିବସ ଠାରୁ ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଏକ ସଶକ୍ତ ଓ ସମୃଦ୍ଧ ଯୁବ ଶକ୍ତି ନିର୍ମାଣ ପାଇଁ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ନିରବଚ୍ଛିନ୍ନ ଭାବରେ ଆୟୋଜିତ ହେଉଛି । ଏହି କର୍ମଶାଳାରେ ଆବାହକ ଶ୍ରୀ ରାଉତ ନିଶାର କୁପ୍ରଭାବ ବିଷୟରେ ବିଷଦ ଭାବରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହିତ ନିଶା କିପରି ଧୀରେ ଧୀରେ ପିଲାମାନଙ୍କୁ କବଳାୟିତ କରେ ସେ ବିଷୟରେ ସଚେତନ କରାଇଥିଲେ । ଏହି ଅବସରରେ ଆଶ୍ରମର କୋଷାଧ୍ୟକ୍ଷ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ନିଶାର ଭୟାବହତା ବିଷୟରେ ଆଲୋଚନା କରିଥିଲେ । ମାଇଁ ଭାରତ ସଂଗଠନର ଅଧିକାରୀ ପବିତ୍ର ମୋହନ ସୁବୁଦ୍ଧି ପିଲାମାନଙ୍କୁ ନିଶା ବିରୁଦ୍ଧରେ ସଚେତନ ରହିବାକୁ ଆହ୍ୱାନ୍ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାକୁ ଶିକ୍ଷୟିତ୍ରୀ ଦିପ୍ତିମୟୀ ସେନାପତି ସଞ୍ଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମନୋଜ କୁମାର ବାରିକ, ମାନସ ରଞ୍ଜନ ମହାନ୍ତି, ରୋହଣ କୁମାର ପାତ୍ର ତଥା ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଅତ୍ୟନ୍ତ ଉତ୍ସାହର ସହିତ ପରିଚାଳନା କରିଥିଲେ ।

## ଯୁବତୀଙ୍କୁ ଗଣଦୁଷ୍କର୍ମ ପରେ ଅପହରଣ ଉଦ୍ୟମ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଶୁକରପଡ଼ା ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ଘଟଣାରେ ସାମ୍ନାକୁ ଆସିଛି ନୂଆ ତଥ୍ୟ । ଗଣଦୁଷ୍କର୍ମ ପରେ ଯୁବତୀଙ୍କୁ ଅପହରଣ କରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ମଧ୍ୟ ଏବେ ଘଟଣାକୁ ଆହୁରି ଗମ୍ଭୀର କରିଛି । ସୂଚନା ଅନୁସାରେ, ଶୁକରପଡ଼ାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯୁବତୀ ଯେଉଁ ଗାଡ଼ିରେ ଯାଉଥିଲେ, ସେହି ଗାଡ଼ିକୁ ଜଣେ ଅଭିଯୁକ୍ତ ଜୋର୍ ଜବରଦସ୍ତ ଚଳାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଗାଡ଼ିର ଷ୍ଟିୟରିଂକୁ ନେଇ ଯୁବତୀଙ୍କ ବନ୍ଧୁ ଓ ଅଭିଯୁକ୍ତଙ୍କ ମଧ୍ୟରେ ପେଲାଠେଲା ହୋଇଥିଲା । ଏହି ସମୟରେ ଯୁବତୀଙ୍କ ଚିତ୍କାର ଶୁଣିଥିଲେ କଟିକଟା ବଜାରର ଦୁଇଜଣ ବ୍ୟବସାୟୀ । ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ । ପରେ ଅଭିଯୁକ୍ତକୁ ପୋଲିସର ଜିମା ଦିଆଯାଇଥିଲା । ଏବେ ଏହି ଘଟଣାର ପ୍ରତ୍ୟେକ ଦିଗକୁ ନେଇ ତଦନ୍ତ ଜାରି ରହିଛି । ଗଣଦୁଷ୍କର୍ମ ଅଭିଯୋଗ ପରେ ଯୁବତୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗ ସାମ୍ନାକୁ ଆସିବା ଘଟଣାକୁ ଆହୁରି ରହସ୍ୟମୟ କରିଛି । ତେବେ ପୋଲିସର ତଦନ୍ତ ପରେ ହିଁ ପୂରା ଘଟଣାର ସତ୍ୟତା ସ୍ପଷ୍ଟ ହେବ ।

## ନାଳ ଅବରୋଧ:ଶତାଧିକ ଏକର ଫସଲ ନଷ୍ଟ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରସିଂ ଅଞ୍ଚଳର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଅଞ୍ଚଳରେ କେତେକ ବ୍ୟକ୍ତି ଚକନାଳକୁ ଅବରୋଧ କରି ଘର ତିଆରି କରିଥିବାରୁ ଚକନାଳ ବନ୍ଦ ହେବା ଦ୍ୱାରା ଜଳ ନିଷ୍କାସନ ହୋଇପାରୁନାହିଁ । ଯାହାଫଳରେ ଚାଷୀମାନଙ୍କର ବର୍ଷକର ଆହାର ନଷ୍ଟ ହେବା ସହ ଚକନାଳକୁ ଜଳ ନିଷ୍କାସନ କରିବାକୁ ରାଜକିଶୋର ରାଉତ, ଚନ୍ଦ୍ରକାନ୍ତ ରାଉତ, ପ୍ରଫୁଲ୍ଲ କୁମାର ରାଉତ, ସେକ୍ ସୟଦ୍ ଉଲ୍ଲା, ଦିଲ୍ଲୀପ ରାଉତ, କୃତିଆ ପରିଡା ପ୍ରମୁଖ ଦାବି କରିଛନ୍ତି ।



## ପଣ୍ଡିତ ଗୋଦାବରୀଶ ଶିକ୍ଷାଶ୍ରୀ ସମ୍ମାନରେ ସମ୍ମାନିତ ଅଧ୍ୟକ୍ଷା ସସ୍ମିତା ସେନାପତି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ନେତୃତ୍ୱ ପାଇଁ ବୌଦ୍ଧ ସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲ୍‌ର ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କୁ ସମ୍ମାନଜନକ ପଣ୍ଡିତ ଗୋଦାବରୀଶ ଶିକ୍ଷାଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ଅଲ୍‌ଓଡ଼ିଶା ପ୍ରାଇଭେଟ୍ ସ୍କୁଲ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ ସମାରୋହରେ ଶ୍ରୀମତୀ ସେନାପତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଶିକ୍ଷା କ୍ଷେତ୍ରରେ ସକ୍ରିୟ ଭାବେ ଜଡ଼ିତ ରହି ଛାତ୍ରଛାତ୍ରୀଙ୍କ ଶିକ୍ଷା, ଶୃଙ୍ଖଳା ଓ ସର୍ବାଙ୍ଗୀନ ବିକାଶ ସହ ବିଦ୍ୟାଳୟର ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ । ତାଙ୍କର ନିଷ୍ଠା, ଦାୟିତ୍ୱବୋଧ ଓ ଶିକ୍ଷା ପ୍ରତି ସମର୍ପଣର ସ୍ୱୀକୃତି ସ୍ୱରୂପ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଏହି ସମ୍ମାନ ପାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁମାନେ ଶ୍ରୀମତୀ ସେନାପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ସାଧାରଣ ବୈଠକ ଓ ବର୍ଷା କବିତା ଆସର



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦର ସାଧାରଣ ବୈଠକ ଓ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଟିଟିକାନ୍ତ ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ପରିଷଦର ଆଗାମୀ କାର୍ଯ୍ୟକ୍ରମ, ବାର୍ଷିକୋତ୍ସବ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଡ. ସର୍ବେଶ୍ୱର ସେଣ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ବେହେରା, ଭରତ ଚରଣ ସାହୁ ଯୋଗଦେଇ କ୍ରାନ୍ତିକାରୀ ଦିବସ ଓ ଭାରତ ଛାଡ଼ ଆନ୍ଦୋଳନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଡ. ନାରାୟଣ ପତି, ମେଜର ଭରତ ଚନ୍ଦ୍ର ଜେନା, ବଂଶୀଧର ମହାନ୍ତି, ଉପସଭାପତି ସନ୍ତୋଷ କୁମାର ପୋଥାଲ, ସହ ସମ୍ପାଦିକା କବିତା ମୁଦୁଲି ପ୍ରମୁଖ ଅନୁଷ୍ଠାନର ସୋସାଇଟି ପଞ୍ଜୀକରଣର ନବୀକରଣ, ବାର୍ଷିକୋତ୍ସବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପରେ କବୟତ୍ରୀ କବିତା ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଅଜୟ କୁମାର ପାତ୍ର, ରଞ୍ଜନ ବାଇ, ଶରତ କୁମାର ରାଉତ ଯୋଗଗୁରୁ ସଞ୍ଜୟ କୁମାର ମଥାନ, ରାଜେଶ କୁମାର ଜେନା, ଗୋଲାପ ରାଉତ, ରଜନୀକାନ୍ତ ଦାସ, ଗୀତାଞ୍ଜଳି ସାହୁ ପ୍ରମୁଖ ୨୦ଜଣ କବି କବୟତ୍ରୀ କବିତା ପାଠ କରିଥିଲେ । କୋଷାଧ୍ୟକ୍ଷ ଅଜୟ କୁମାର୍ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ୍ରେନ୍ ନିର୍ମାଣକୁ ନେଇ ବିଏମ୍‌ସି-ପୂର୍ତ୍ତ ବିଭାଗ ମୁହାଁମୁହିଁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ରେଡ଼ିଓ ଷ୍ଟେସନ୍‌ରୁ ଗେଟ୍ ବଜାର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଚାଲିଥିବା ଡ୍ରେନ୍ ନିର୍ମାଣକୁ ନେଇ ବିବାଦ ତୀବ୍ର ହୋଇଛି । ରାସ୍ତାଟି ତାଙ୍କ ବିଭାଗର ଅଧୀନରେ ଥିବା ଦର୍ଶାଇ ପୂର୍ତ୍ତ ବିଭାଗ ତରଫରୁ ବ୍ରହ୍ମପୁର ମହାନଗର ନିଗମକୁ ଚିଠି କରାଯିବା ସହିତ ନିର୍ମାଣ ତୁରନ୍ତ ବନ୍ଦ କରିବାକୁ ନିବେଦନ କରାଯାଇଛି । ଅପରପକ୍ଷେ ଜବରଦଖଲ ଉଚ୍ଛେଦ ପୂର୍ବରୁ ଏହି ଡ୍ରେନ୍ ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ସେମାନେ ମହାନଗର ନିଗମର କମିଶନରଙ୍କୁ ସ୍ମାରକପତ୍ର ଦେବା ସହିତ ଡ୍ରେନ୍ ନିର୍ମାଣ ବନ୍ଦ କରିବାକୁ ଦାବି କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ଲକ୍ଷ୍ମୀନଗରରୁ ରେଡ଼ିଓ ଷ୍ଟେସନ୍ ଓ ଗେଟ୍ ବଜାର ଅଭିମୁଖୀ ଏହି ରାସ୍ତା ସହରର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା । ଏହି ରାସ୍ତାରେ ଦୈନିକ ବହୁ ସଂଖ୍ୟକ ଯାନବାହନ ଚଳାଚଳ କରୁଥିବାରୁ ରାସ୍ତାର ଚଉଡ଼ା କମିଲେ ଭବିଷ୍ୟତରେ ଯାତାୟାତ ସମସ୍ୟା ଆହୁରି ଜଟିଳ ହୋଇପାରେ । ବିଶେଷ କରି ବ୍ୟସ୍ତ ସମୟରେ ଯାନବାହନ ଚଳାଚଳ ସହ ରାସ୍ତା ପାର୍ଶ୍ୱରେ ପାର୍କିଂ ଓ ଅନ୍ୟାନ୍ୟ ବ୍ୟବହାର ଯୋଗୁ ରାସ୍ତାର ଉପଲବ୍ଧ ସ୍ଥାନ କମିଲେ ଟ୍ରାଫିକ୍ ଜାମ୍ ବଢ଼ିବାରେ ଆଶଙ୍କା ରହିଛି । ଏହାର ପ୍ରଭାବ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ଅନ୍ୟ ଜରୁରୀ ସେବା ଯାନର ଚଳାଚଳ ଉପରେ ମଧ୍ୟ ପଡ଼ିପାରେ । ତେବେ ଅଞ୍ଚଳବାସୀ ଡ୍ରେନ୍ ନିର୍ମାଣକୁ ବିରୋଧ କରୁନଥିବା ସ୍ପଷ୍ଟ କରିଛନ୍ତି । ସେମାନଙ୍କ ଦାବି ହେଉଛି, ସହରର ଜଳ ନିଷ୍କାସନ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ଡ୍ରେନ୍ ନିର୍ମାଣ ଆବଶ୍ୟକ ହେଲେ ତାହା ଯୋଜନାବଦ୍ଧ ଭାବେ କରାଯାଉ । ତେବେ ଏହା ପୂର୍ବରୁ ରାସ୍ତାର ସୀମା ନିର୍ଦ୍ଧାରଣ, ଅତିକ୍ରମଣ ଚିହ୍ନଟ ଓ ଉଚ୍ଛେଦ, ରାସ୍ତାର ବର୍ତ୍ତମାନ ଚଉଡ଼ା ଏବଂ ଭବିଷ୍ୟତରେ ପ୍ରସ୍ତାବିତ ରାସ୍ତା ସମ୍ପ୍ରସାରଣକୁ ବିଚାରକୁ ନେବାକୁ ସେମାନ ଦାବି କରିଚନ୍ତି । ବର୍ତ୍ତମାନର ଡ୍ରେନ୍ ନିର୍ମାଣକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏହାର ଭବିଷ୍ୟତ ପ୍ରଭାବ । ରାସ୍ତାର ସମ୍ପ୍ରସାରଣ କିମ୍ବା ଡିଭାଇଡ଼ର ନିର୍ମାଣ ପାଇଁ ଆଗାମୀ ଦିନରେ ଅଧିକ ଜାଗା ଆବଶ୍ୟକ ହେଲେ ଏବେ ନିର୍ମାଣ ହେଉଥିବା ଡ୍ରେନ୍ ବାଧା ସୃଷ୍ଟି କରିପାରେ । ଏପରି ସ୍ଥିତିରେ ନୂଆ ନିର୍ମାଣକୁ ଭାଙ୍ଗିବା କିମ୍ବା ସ୍ଥାନାନ୍ତର କରିବାର ଆବଶ୍ୟକତା ପଡ଼ିଲେ ସରକାରୀ ଅର୍ଥର ଅପଚୟ ହେବା ସହ ପୁନଃ ନିର୍ମାଣ ପାଇଁ ଅତିରିକ୍ତ ଅର୍ଥ ବ୍ୟୟର ଆଶଙ୍କା ରହିବ । ତେଣୁ ଦୀର୍ଘ ମିଆଦି ସହର ଯୋଜନାକୁ ଦୃଷ୍ଟିରେ ରଖି ଡ୍ରେନ୍‌ର ସ୍ଥାନ ଓ ଡିଜାଇନ୍ ନିର୍ଦ୍ଧାରଣ କରାଯିବା ଉଚିତ୍ ବୋଲି ସ୍ଥାନୀୟ ବାସିନ୍ଦାମାନେ ମତ ଦେଇଛନ୍ତି । ତେଣୁ କେବଳ ଡ୍ରେନ୍ ନିର୍ମାଣ ନୁହେଁ, ସମଗ୍ର ଅଞ୍ଚଳର ଡ୍ରେନେଜ୍ ନେଟ୍‌ୱାର୍କକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ଦାବି ହୋଇଛି । ଅପରପକ୍ଷେ ଏହି ଡ୍ରେନ୍ ନିର୍ମାଣକୁ ନେଇ ଆଉ ଏକ ବିବାଦ ମଧ୍ୟ ଦେଖାଦେଇଛି । ଗତ ଅଗଷ୍ଟ ୫ ତାରିଖରେ ପୂର୍ତ୍ତ ବିଭାଗ ତରଫରୁ ମହାନଗର ନିଗମର କମିଶନରଙ୍କୁ ଏକ ଚିଠି ଲେଖାଯାଇଛି । ଚିଠିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ରେଡ଼ିଓ ଷ୍ଟେସନ୍‌ରୁ ଗେଟ୍‌ବଜାର ଛକ ପର୍ଯ୍ୟନ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବାବେଳେ ରାସ୍ତା ପାର୍ଶ୍ୱର ଡ୍ରେନ୍ ନିର୍ମାଣ କାମ ମହାନଗର ନିଗମ ପକ୍ଷରୁ କରାଯାଉଛି । ତେଣୁ ଡ୍ରେନ୍ କାମ ବନ୍ଦ କରିବା ଏବଂ ଆଗକୁ କାମ ନକରିବାପାଇଁ ନିର୍ଦ୍ଦେଶ ଦେବାକୁ କମିଶନରଙ୍କୁ ପୂର୍ତ୍ତ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଫଳରେ ପରିସ୍ଥିତିରେ ଡ୍ରେନ୍ ନିର୍ମାଣକୁ ନେଇ ମହାନଗର ନିଗମ ଏବଂ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ପଦାରେ ପଡ଼ିଛି । ତେଣୁ ରାସ୍ତାର ସୀମା, ଡ୍ରେନ୍‌ର ନକ୍ସା, ନିର୍ମାଣର ଅନୁମୋଦନ ଓ ଭବିଷ୍ୟତ ରାସ୍ତା ସମ୍ପ୍ରସାରଣ ଯୋଜନାକୁ ଏକାଠି ଯାଞ୍ଚ କରିବା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯାଉ ବୋଲି ଦାବି ହେଉଛି ।

## ଆଜିଠୁ ଦିଲ୍ଲୀରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ୍

# ରେକର୍ଡ ଷଷ୍ଠ ପଦକ ଲକ୍ଷ୍ୟରେ ସିନ୍ଧୁ

**ନୂଆଦିଲ୍ଲୀ**




ରାଜଧାନୀ ନୂଆଦିଲ୍ଲୀରେ ସୋମବାରଠୁ ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେବ। ୧୭ ବର୍ଷ ପରେ ଭାରତକୁ ଫେରିଥିବା ଏହି ପ୍ରତିଯୋଗିତାରେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ବ୍ୟକ୍ତିଗତ ଭାବେ ରେକର୍ଡ ଷଷ୍ଠ ବିଶ୍ୱ ପଦକ ଲକ୍ଷ୍ୟରେ ରହିଛନ୍ତି। ୫ ଥରର ବିଶ୍ୱ ପଦକ ବିଜୟିନୀ ଭାରତୀୟ ତାରକା ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ୨ ଥର ଲେଖାଏଁ ରୌପ୍ୟ ଓ କାଂସ୍ୟ କରାୟତ୍ତ କରିଛନ୍ତି। ତାଙ୍କୁ ଛାଡ଼ିକି ଅନ୍ୟ ଦୁଇ ଜଣ ଚୀନ୍‌ର ଲିନ୍ ଡାନ୍ (୫ ପୁରୁଷ ଏକକ ସ୍ୱର୍ଣ୍ଣ) ଓ ଝଶଓ ୟୁନଲେଇ (୩ ମିଶ୍ରିତ ଯୁଗଳ, ୨ ମହିଳା ଯୁଗଳ ସ୍ୱର୍ଣ୍ଣ) ୫ ଲେଖାଏଁ ପଦକ ଜିତିଛନ୍ତି। ତେବେ ଘରୋଇ ପଡ଼ିଆରେ ସିନ୍ଧୁ ଯଦି କାଂସ୍ୟ ପଦକ ବି ଜିତନ୍ତି ତେବେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ୬ ପଦକ ଜିତିବାର ଗୌରବ ଅର୍ଜନ କରିବେ। ନବମ ମାନ୍ୟତାପ୍ରାପ୍ତ ସିନ୍ଧୁ ପ୍ରଥମ ରାଉଣ୍ଡରେ ୧୪୧ତମ ଆୟର୍ଲାଣ୍ଡର ସୋଫିଆ ନୋବେଲ୍‌ଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ଯଦି ସିନ୍ଧୁ ଆଗକୁ ବଢ଼ନ୍ତି ତେବେ ପ୍ରି କ୍ୱାର୍ଟର ଓ କ୍ୱାର୍ଟର ଫାଇନାଲ୍‌ରେ ତାଙ୍କର ମୁକାବିଲା ଯଥାକ୍ରମେ ତୃତୀୟ ମାନ୍ୟତାପ୍ରାପ୍ତ ଚୀନ୍‌ର ୱାଙ୍ଗ ଝି ୟି ଓ ଇଣ୍ଡୋନେସିଆର ପୁତ୍ରି କୁସୁମାର ୱାର୍ଦାନୀଙ୍କ ସହ ହୋଇପାରେ। ମହିଳା ଏକକରେ ଭାରତର ଯୁବା ଖେଳାଳି ଉନ୍ନତି ହୁଡା ବିଶ୍ୱ ପଦାର୍ପଣ କରିବେ। ସେ ପ୍ରଥମ ରାଉଣ୍ଡରେ ମିଆଁମାରର ଥେଟ ତାର ତୁଜାରଙ୍କୁ ଭେଟିବେ।

## ଦେବଦତ୍ତ ପଡ଼ିକ୍କଲଙ୍କ ଦମ୍‌ଦାର ବ୍ୟାଟିଂ

# ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ମଜବୁତ ସ୍ଥିତିରେ ଟିମ୍ ଇଣ୍ଡିଆ

**ଗାଲେ**

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମୁକାବିଲା ଖେଳାଯାଉଛି। ଏହି ମୁକାବିଲାର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତୀୟ ଟିମ୍ ୯ ୱିକେଟ୍ ହରାଇ ୪୬୦ ରନ୍ କରିଛି। କୁଲଦୀପ ଯାଦବ ୧୨ ଏବଂ ପ୍ରସିଦ୍ଧ କୃଷ୍ଣା ୧ ରନ୍ କରି ଅପରାଜିତ ଅଛନ୍ତି। ବର୍ଷା ପ୍ରଭାବିତ ମ୍ୟାଚ୍‌ର ଦ୍ୱିତୀୟ ଦିନରେ କେବଳ ୪୩ ଓଭର ଖେଳାଯାଇ ପାରିଥିଲା।

ଏହି ମୁକାବିଲାରେ ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଭାରତୀୟ ଟିମ୍ ଏହି ମ୍ୟାଚ୍‌ରେ ୩ଜଣ ସ୍ପିନର ଏବଂ ଦୁଇ ଜଣ ଦ୍ରୁତବୋଲରଙ୍କୁ ସାମିଲ କରିଛି। ଶ୍ରୀଲଙ୍କା ପକ୍ଷରୁ କେଶର ନୁୱାଥା ନିଜର ଟେଷ୍ଟ ପଦାର୍ପଣ କରିଛନ୍ତି।




ମୁକାବିଲାର ପ୍ରଥମ ଦିନରେ ଭାରତର ପ୍ରଭାବ ଦେଖିବାକୁ ମିଳିଥିଲା। ଯଶସ୍ୱୀ ଜୟସ୍ୱାଲ (୩୨ରନ୍) ଏବଂ କେଏଲ୍ ରାହୁଲ ୪୭ ରନ୍‌ର ପ୍ରାରମ୍ଭିକ ଭାଗିଦାରୀ ହୋଇଥିଲେ। ଯଶସ୍ୱୀଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ଆଉଟ୍ ହେଲା ପରେ ଦେବଦତ୍ତ ପଡିକ୍କଲ ପଡ଼ିଆକୁ ଓହ୍ଲାଇଥିଲେ। ସେ କେଏଲ୍ ରାହୁଲଙ୍କ ସହିତ ଦ୍ୱିତୀୟ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ପଡିକ୍କଲ ନିଜର ଟେଷ୍ଟ କ୍ୟାରିୟର ପ୍ରଥମ ଶତକ ହାସଲ କରିଛନ୍ତି। ରାହୁଲ ୭୭ ରନ୍‌ରେ ରିଟାୟର୍ଡ ହର୍ଟ୍ ହୋଇଥିଲେ। ପ୍ରଥମ ପାଳିରେ ଅଧିନାୟକ ଶୁଭମନ ଗିଲ୍‌ଙ୍କ ବ୍ୟାଟ୍ ନିଷ୍କ୍ରିୟ ହୋଇଥିଲା। ସେ କେବଳ ୧୬ ରନ୍ ସଂଗ୍ରହ କରିଥିଲେ। ବର୍ଷା ପ୍ରଭାବିତ ମ୍ୟାଚ୍‌ର ପ୍ରଥମ ଦିନରେ ଭାରତ ୨ଟି ୱିକେଟ୍ ହରାଇଥିଲା।

ଦ୍ୱିତୀୟ ଦିନର ଖେଳରେ ମଧ୍ୟ ବର୍ଷା ବାଧକ ସାଜିଥିଲା। ପ୍ରଥମ ସେଶନ ମ୍ୟାଚ୍ ହୋଇପାରି ନଥିଲା। ଦ୍ୱିତୀୟ ସେଶନରେ କମ୍ ଓଭର ଖେଳାଯାଇଥିଲା। ଭାରତୀୟ ଟିମ୍ ପ୍ରଥମେ ଋଷଭ ପନ୍ତ (୩୯)ଙ୍କୁ ହରାଇଥିଲା। ସେ କେଶରା ନୁୱାଥାଙ୍କ ଦ୍ୱାରା ଶିକାର ହୋଇଥିଲେ। ପନ୍ତ ଆଉଟ୍ ହେଲା ପରେ ରାହୁଲ ପୁଣି ଥରେ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ସେ ମଧ୍ୟ ଆଉଟ୍ ହୋଇଥିଲେ। ରାହୁଲ ୧୦ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୭୫ଟି ବଲ୍ ଖେଳି ୮୨ ରନ୍ କରିଥିଲେ।

ଦେବଦତ୍ତ ପଡିକ୍କଲ ୧୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୬୭ ରନ୍ ସଂଗ୍ରହ କରିଥିଲେ। ସେ ୨୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ୧୩ ରନ୍ କରିଥିଲେ। ଧ୍ରୁବ ଜୁରେଲ ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୬୮ଟି ବଲ୍ ଖେଳି ୫୧ ରନ୍ କରିଥିଲେ।

# ହକି ବିଶ୍ୱକପ୍ : ବିଜୟରୁ ଭାରତର ଅଭିଯାନ ଆରମ୍ଭ

**ଆମଷ୍ଟେଲଭିନ**

ଆରମ୍ଭ ହୋଇଯାଇଛି ପୁରୁଷ ହକି ବିଶ୍ୱକପ। ପୁଲ ଡି'ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ୱେଲ୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ୨ଟି ଗୋଲ କରି ଦମ୍‌ଦାର ଆରମ୍ଭ କରିଥିଲା। ସଞ୍ଜୟ ରାଣା ଏବଂ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରରୁ ଗୋଲ କରିଥିଲେ। ତୃତୀୟ କ୍ୱାର୍ଟରରେ ହରମନପ୍ରୀତ ନିଜର ଦ୍ୱିତୀୟ ଗୋଲ କରି ଭାରତର ଅଗ୍ରଣୀକୁ ୩-୦ କରି ନେଇଥିଲେ। ଚତୁର୍ଥ କ୍ୱାର୍ଟରର ୫୫ତମ ମିନିଟ୍‌ରେ ୱେଲ୍ସ ପକ୍ଷରୁ ସାମ ୱେଲ୍ସ ଗୋଟିଏ ଗୋଲ କରିଥିଲେ। ହେଲେ ଶେଷ ପର୍ଯ୍ୟନ୍ତ ଭାରତ ଅଗ୍ରଣୀ ବଜାୟ ରଖି ୩-୧ରେ ବିଜୟ ହୋଇଥିଲା। ମ୍ୟାଚ୍‌ରେ ଭାରତ ନୂଆ ଗେରୁଆ ରଙ୍ଗର ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଇଥିଲା। ଜର୍ସିକୁ ନେଇ ଚର୍ଚ୍ଚା ଓ ବିବାଦ ଦେଖାଦେଇଥିଲେ ମଧ୍ୟ ବିଶ୍ୱକପ୍‌ରେ ଏହା ପ୍ରଥମଥର ପାଇଁ ଖେଳାଳି ପରିଧାନ କରିଥିଲେ। ପୁଲ-ଡିରେ ଭାରତର ପରବର୍ତ୍ତୀ ମୁକାବିଲା ଇଂଲଣ୍ଡ ବିପକ୍ଷରେ ଅଗଷ୍ଟ ୧୭ ତାରିଖରେ ହେବ। ଅଗଷ୍ଟ ୧୯ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ଭାରତ। ନକ୍‌ଆଉଟ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିବା ପାଇଁ ଏହି ଦୁଇଟି ମ୍ୟାଚ୍ ଭାରତ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି।

# ଝୁନିକିପାରାରେ ଜୟ ମା' ପେଣ୍ଡ୍ରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ସମ୍ପନ୍ନ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଅନ୍ତର୍ଗତ ଝୁନିକିପାରାରେ ଜମିଥିଲା ଫୁଟବଲର ମାହୋଲ। ଜୟ ମା' ପେଣ୍ଡ୍ରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଉତ୍ସାହ ଓ ଉଦ୍ଦୀପନାର ସହ ସମ୍ପନ୍ନ ହୋଇଛି।

ଗତ ୧୧ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଟି ମ୍ୟାଚ୍‌ରେ ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ସହ ଦର୍ଶକଙ୍କ ମଧ୍ୟରେ ଦେଖା ଦେଇଥିଲା ବେଶ୍ ଉତ୍ସାହ। ଶେଷରେ ଫାଇନାଲ ମୁକାବିଲାରେ ପରୁଆ ଓ ଜାମ୍ବେଡା ଦଳ ୱିନର ହୋଇଥିଲେ। ଅନ୍ୟପଟେ କୁଡୁମଧରା ଓ ଇନ୍ଦ୍ରାନଗର ଦଳ ରନର୍ସ ଭାବେ ରହିଥିଲେ। ଫାଇନାଲ ଅବସରରେ ଆୟୋଜିତ ସଭାରେ ସନ୍ତୋଷ କୁମାର ମହାପାତ୍ର, ତିରୁ ପାତ୍ର, ଗଞ୍ଜାପାରା ସରପଞ୍ଚ ମୋତିଲାଲ ଗଣ୍ଡ, ତ୍ରିନାଥ ଗଣ୍ଡ, ଜୁଦ୍ଧାଇ ଗଣ୍ଡ, ସଞ୍ଜୟ ମାଳି, ଗୁପ୍ତେଶ୍ୱର ଗଣ୍ଡ, ମୋତିଲାଲ ମାଝୀ, ରଘୁନାଥ ମାଳି, ଲକ୍ଷ୍ମୀଧର ମାଳି ଓ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକଙ୍କ ସମେତ ବହୁ ଅତିଥି ଉପସ୍ଥିତ ଥିଲେ।

ଫାଇନାଲ ମଞ୍ଚରୁ ସନ୍ତୋଷ କୁମାର ମହାପାତ୍ର ଝୁନିକିପାରା ଖେଳ ପଡ଼ିଆର ବିକାଶ ପାଇଁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣା ପରେ ସ୍ଥାନୀୟ ଖେଳାଳି ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଏହି ଖେଳ ପଡ଼ିଆର ବିକାଶ ହେଲେ ଅଞ୍ଚଳର ଯୁବପିଢ଼ିଙ୍କୁ ଅଭ୍ୟାସ ପାଇଁ ଭଲ ସୁଯୋଗ ମିଳିବା ସହ ଆଗାମୀ ଦିନରେ ନୂଆ ପ୍ରତିଭା ତିଆରି ହେବ ବୋଲି କ୍ରୀଡ଼ାପ୍ରେମୀ ମାନେ ଆଶା ରଖିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ଆୟୋଜକ, ଖେଳାଳି ଓ ସ୍ଥାନୀୟ ଯୁବକମାନଙ୍କ ଭୂମିକା ପ୍ରଶଂସନୀୟ ରହିଥିଲା। ଫାଇନାଲ ମ୍ୟାଚ୍ ଉପଭୋଗ କରିବା ପାଇଁ ଝୁନିକିପାରାରେ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମିଥିଲା।

# ସ୍ୱାଧୀନତା ଦିବସ ଅବସରରେ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ୱାଧୀନତା ଦିବସ ଅବସରରେ ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ନଗରପାଳ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ଅତିରିକ୍ତ ଏସ୍‌ପି କେ.କେ. ହରିପ୍ରସାଦ ଓ ପୌର ପରିଷଦ ଅଧ୍ୟକ୍ଷା ତାମସୀ ତମସ୍ୱିତା ନାଏକ୍ ଯୋଗ ଦେଇ ଏହି ଖେଳକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଏକାଦଶ ଦଳର କ୍ୟାପ୍ଟେନ୍ ଏସ୍‌ପି ନାରାୟଣ ନାୟକ ଟସ୍‌ରେ ବଲ ନେଇଥିବା ବେଳେ ନଗରପାଳ ଏକାଦଶ ଦଳ କ୍ୟାପ୍ଟେନ୍ ମନୋରଞ୍ଜନ ତ୍ରିପାଠୀ ସାଇଟ୍ ନେଇଥିଲେ। ୨୦/୨୦ ମିନିଟ୍ ସମୁଦାୟ ଖେଳ ୪୦ ମିନିଟ୍ ଖେଳ ପରିଚାଳନା କରିଥିଲେ ରେଫରି ରାଜେଶ୍ ଥନାପତି। ଶେଷ ଯାଏ ଖୁବ୍ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଏହି ମ୍ୟାଚ୍‌ରେ ନଗରପାଳ ଏକାଦଶ ବିଜୟୀ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ବିଜେତା ଟ୍ରଫି ଗ୍ରହଣ କରିଥିଲେ। ପରେ ଜିଲ୍ଲାପାଳ ଏକାଦଶ ଦଳ ଉପବିଜେତା ଟ୍ରଫି ଗ୍ରହଣ କରି ଅଧିନାୟକ ଏସପି ଶ୍ରୀ ନାରାୟଣ ନାଏକ ଏହି ବନ୍ଧୁତ୍ୱପୂର୍ଣ୍ଣ ଖେଳର ଅନୁଭୂତି ପ୍ରକାଶ କରି ସମସ୍ତ ଅଫିସର ଓ ଭେଟେରାନ ଖେଳାଳିଙ୍କ ଖେଳୁଆଡ଼ ମନୋଭାବକୁ ପ୍ରଶଂସା କରିଥିଲେ। ଟିମ୍ ମ୍ୟାନେଜର ଭାବରେ ନଗରପାଳ ଦଳରୁ ପୌରପରିଷଦ ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ ଓ ଜିଲ୍ଲାପାଳ ଏକାଦଶ ଦଳରୁ ଟିମ୍ ମ୍ୟାନେଜର ଭାବରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଦ କୁମାର ଦାସ ଦାୟିତ୍ୱ ନେଇ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ଓ କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଖେଳ ପରିଚାଳନା କରାଯାଇଥିବା ବେଳେ କ୍ରୀଡ଼ା ସଂଘ ଉପସଭାପତି ଚିତ୍ତ ରଞ୍ଜନ ତରାସିଆ ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଏକାଦଶ ଦଳରେ ଅଧିନାୟକ ଏସପି ଶ୍ରୀ ନାଏକଙ୍କ ସମେତ ଏଡିଏମ ରାଜେନ୍ଦ୍ର ମାଝୀ, ଅବକାରୀ ଅଧିକ୍ଷକ ପ୍ରବୀର ସାମଲ, ଅଗ୍ନିଶମ ବିଭାଗ ଅଧିକାରୀ ଭବେନ୍ଦ୍ର ନାଥ ଦେ, ଏସିଏଫ୍ ଶ୍ରୀ ନାଗ, ଡିଏସଓ ଚିତ୍ତ ରଞ୍ଜନ ମିଶ୍ର, ପୌର ପରିଷଦ ଅଧିକାରୀ ଋଷି ମାଝୀ, ଶିକ୍ଷା ବିଭାଗର ଆଇପିଇ, କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ପୂର୍ତ୍ତ ବିଭାଗର ଇଞ୍ଜିନିୟର ଡେଲକି ବାବୁ ପ୍ରମୁଖ ବିଭିନ୍ନ ବିଭାଗ ଅଧିକାରୀ ଖେଳରେ ଭାଗ ନେଇ ଖୁବ୍ ମଜା ନେଇଥିଲେ। ନଗରପାଳ ଏକାଦଶ ଦଳ ପକ୍ଷରୁ ମନୋରଞ୍ଜନ ତ୍ରିପାଠୀ, ଗୋରେଖ ନାଥ ସାହୁ, କଇରୁ ସ୍ୱାଇଁ, ଲଡୁ କିଶୋର ମଲ୍ଲିକ, ଗୁରୁ ଦଳେଇ, ଚନ୍ଦନ ବେହେରା, ରଞ୍ଜୁ ସାହୁ ପ୍ରମୁଖ ଖେଳରେ ଭାଗ ନେଇଥିଲେ।

# କେନ୍ଦ୍ରୀୟ ହସ୍ପିଟାଲ, ଭୁବନେଶ୍ୱରରେ ଅତ୍ୟାଧୁନିକ ଚିକିତ୍ସା ସୁବିଧାର ଉଦ୍‌ଘାଟନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୮୦ତମ ସ୍ୱାଧୀନତା ଦିବସ ଅବସରରେ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ହସ୍ପିଟାଲରେ ରେଳବାଇ ହିତାଧିକାରୀମାନଙ୍କ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକାଧିକ ଉନ୍ନତମାନର ଚିକିତ୍ସା ଉପକରଣର ଉଦ୍‌ଘାଟନ କରିଛନ୍ତି। ନୂତନ ଭାବରେ କାର୍ଯ୍ୟକାରୀ ହୋଇଥିବା ସୁବିଧାଗୁଡ଼ିକ ମଧ୍ୟରେ ଅଟୋମେଟେଡ୍ ବାୟୋକେମିଷ୍ଟ୍ରି ଏବଂ ଇମ୍ୟୁନୋଏସେ ଆନାଲାଇଜର, ୪କ ଲାପାରୋସ୍କୋପି ସିଷ୍ଟମ, ନନ୍-କଣ୍ଟାକ୍ଟ ଟୋନୋମିଟର ଏବଂ ଇଟିଓ ଷ୍ଟେରିଲାଇଜର ଅନ୍ତର୍ଭୁକ୍ତ। ଏହି ଅତ୍ୟାଧୁନିକ ସୁବିଧାଗୁଡ଼ିକ ଡାକ୍ତରଖାନାର ରୋଗ ନିରୂପଣ କ୍ଷମତାକୁ ବୃଦ୍ଧି କରିବ, ଉନ୍ନତମାନର ସୂକ୍ଷ୍ମ ଅସ୍ତ୍ରୋପଚାର (ମିନିମାଲି ଇନଭେସିଭ୍ ସର୍ଜରୀ) ପ୍ରକ୍ରିୟାରେ ସହାୟତା କରିବ, ଚକ୍ଷୁ ଚିକିତ୍ସା ସେବାରେ ସୁଧାର ଆଣିବ ଏବଂ ସଂକ୍ରମଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ମଜବୁତ କରିବ। ପ୍ରଧାନ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ (ପିସିଏମଡି), ଅନ୍ୟାନ୍ୟ ପ୍ରମୁଖ ବିଭାଗୀୟ ମୁଖ୍ୟ (ପିଏଚଓଡିଏସ୍), ବରିଷ୍ଠ ରେଳବାଇ ଅଧିକାରୀ, ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।



# ଗୋଷ୍ଠୀ ଉନ୍ନୟନ ପରିଷଦ ଓ ଆରାଧା ମହିଳା ସମିତି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମହାଆଡମ୍ବରରେ ଭରତପୁର ସ୍ଥିତ ବିଶୁଧାନନ୍ଦ ନଗରଠାରେ ୮୦ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆରାଧା ମହିଳା ସମିତିର ସଭାନେତ୍ରୀ ମୀନା କୁମାରୀ ରାଉତ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ଅତୀତରେ ଯେଉଁ ମହାପୁରୁଷ ମାନଙ୍କର ଆନ୍ଦୋଳନ ଓ ତ୍ୟାଗ ଫଳରେ ଆମେ ଯେଉଁ ସ୍ୱାଧୀନତା ପାଇବାର ସୌଭାଗ୍ୟ ପ୍ରାପ୍ତି କରିଛେ ତାକୁ ଏତେ ସହଜରେ ଗ୍ରହଣ କଲେ ହେବନି ତା'ର ମୂଲ୍ୟ ମଧ୍ୟ ଆମକୁ ରଖିବାକୁ ହେବ, ତା' ହେଲେ ମହାତ୍ମା ଗାନ୍ଧୀ, ସୁବାସ ଚନ୍ଦ୍ର ବୋଷ, ସହିଦ ଭଗତ ସିଂଙ୍କ ପରି ମହାପୁରୁଷ ମାନଙ୍କର ବଳିଦାନ ବୃଥା ଯିବ, କିପରି ମୋଗଲ ଓ ତା'ପରେ ବ୍ରିଟିଶମାନେ ଭାରତକୁ ଲୁଣ୍ଠନ କରି ପୂରା କାଙ୍ଗାଳ କରିଦେଇଥିଲେ। ପୁଣି ଆମେ କିପରି ସଂଘର୍ଷ କରି ବିଶ୍ୱଗୁରୁ ହେବାକୁ ଯାଉଛେ, ତେଣୁ ସମସ୍ତଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା ତାଙ୍କ ଅଭିଭାଷଣରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ସେଲୁ୍ୟଲାର ଜେଲରେ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଯୋଗ ଦେଇଥିବା ସଂଗ୍ରାମୀମାନଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରି ଯେଉଁ ଅକଥନୀୟ ଅତ୍ୟାଚାର ଦେଇଥିଲେ ନିଜେ ସେ ଜେଲ୍ ନ ଦେଖିଲେ ବିଶ୍ୱାସ ହେବନାହିଁ ବୋଲି ପ୍ରକାଶ କରିଥିଲେ। ସାହିତିକ୍ୟ ନିହାର ସାହୁ ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହ ଆରମ୍ଭ ପ୍ରଥମ ଆନ୍ଦୋଳନ ବୋଲି ପ୍ରକାଶ କରିଥିଲେ। ମୁରଲୀ ସାହୁ ନିଜ ନିଜ ଭିତରେ ଭେଦଭାବ ଭୁଲି ଏକ ମନରେ କାମ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଗୋଷ୍ଠୀ ଉନ୍ନୟନ ପରିଷଦ ଓ ଆରାଧା ମହିଳା ସମିତିର ସଭ୍ୟ ସଭ୍ୟାମାନଙ୍କର ମିଳିତ ସହଯୋଗରେ ବିଗତ ଦିନମାନଙ୍କରେ ଅନେକ ଗଠନମୂଳକ କାର୍ଯ୍ୟ କରାଯାଉଛି ଏବଂ ସ୍ୱାଧୀନତାର ୮୦ତମ ଜୟନ୍ତୀ ପାଳନ ଶୁଭ ଅବସରରେ ସେମାନେ ଆଉ ଅନେକ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଛନ୍ତି।

# ରାୟଗଡ଼ରେ ଗରିମା ଓ ଦେଶଭକ୍ତିର ସହ ସ୍ୱାଧୀନତା ଦିବସ ପାଳିତ

**ରାୟଗଡ଼, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲାରେ ଉତ୍ସାହ, ଗରିମା ଓ ଦେଶଭକ୍ତିର ଭାବନା ସହ ୮୦ତମ ସ୍ୱାଧୀନତା ଦିବସ ଧୂମ୍‌ଧାମ୍‌ରେ ପାଳିତ ହୋଇଛି। ସ୍ଥାନୀୟ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରାୟଗଡ଼ ଏସ୍‌ପି ରାଜ ପ୍ରସାଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ପରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ପରେଡ୍ ନିରୀକ୍ଷଣ କରିଥିଲେ। ଏହି ଅବସରରେ ସିଆରପିଏଫ୍ ଓ ଓଡ଼ିଶା ପୋଲିସ ସମେତ ପ୍ରାୟ ୪୦ଟି ପ୍ଲାଟୁନ୍ ଭବ୍ୟ ପରେଡ୍‌ରେ ଅଂଶଗ୍ରହଣ କରି ଦେଶପ୍ରେମ ଓ ଶୃଙ୍ଖଳାର ଚମତ୍କାର ପ୍ରଦର୍ଶନ କରିଥିଲେ। ପରେଡ୍‌ର ସୁଚାରୁ ପରିଚାଳନା ଓ ଶୃଙ୍ଖଳାବଦ୍ଧ ଉପସ୍ଥାପନା ପାଇଁ ରିଜର୍ଭ ଇନ୍‌ସପେକ୍ଟର, ରାୟଗଡ଼ ଦିନେଶ କୁମାର ସାହୁଙ୍କ ଭୂମିକା ବିଶେଷ ଭାବେ ପ୍ରଶଂସନୀୟ ଥିଲା। ସ୍ୱାଧୀନତା ଦିବସ ସମାରୋହରେ ବିଭିନ୍ନ ପ୍ରତିଯୋଗିତା, ବିଭିନ୍ନ ବୋର୍ଡ, ବିଷୟ ଓ ଶିକ୍ଷାଧାରାରେ ଦଶମ, ଦ୍ୱାଦଶ ଏବଂ ସ୍ନାତକ ସ୍ତରରେ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀ, ଦେଶସେବା, ସମାଜ ସେବା, ପରିବେଶ ସୁରକ୍ଷା ଓ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି-ବିଶେଷଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେଶସେବା ପାଇଁ ଭାରତୀୟ ସେନାବାହିନୀର ଦେବୀ ପ୍ରସାଦ ପାଣିଗ୍ରାହୀ, ଭାରତୀୟ ବାୟୁସେନାର ଲକ୍ଷ୍ମୀନାରାୟଣ ପାଢ଼ୀ ଏବଂ ଭାରତୀୟ ନୌସେନାର ଠାକୁର ପ୍ରସାଦ ଜେନାଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସମାଜସେବା ପାଇଁ ଅନାଦି ଗରଡ଼ା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପ୍ରକୃତି ବନ୍ଧୁ ଟି. ଗୌରୀଙ୍କୁ ସମ୍ମାନିତ କରାଯାଇଥିଲା। ସାହସିକତା ପାଇଁ କଲ୍ୟାଣସିଂହପୁର ଅଞ୍ଚଳର ତିନି ଜଣଙ୍କୁ ସେମାନଙ୍କ ସାହସ ଓ ମାନବିକତା ପାଇଁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଭାଲେରୀ ଗ୍ରାମର ବଳରାମ ବାଗ, ଇଣ୍ଡାଲିଗୁଡ଼ା ଗ୍ରାମର ପୁରୁଷୁ ହିକକା ଏବଂ ବିନିଶପୁର ଗ୍ରାମର ରାମଚନ୍ଦ୍ର ପାଲକା। ସାହସିକତାର ପରିଚୟ ଦେଇ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ ସଫଳତା ହାସଲ କରି ଜିଲ୍ଲାର ଗୌରବ ବଢ଼ାଇଥିବା ମୌସୁମୀ ମାଝୀ ଓ ସ୍ୱପ୍ନା ହୁଇକାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉଭୟେ ଜାତୀୟ ସ୍ତରୀୟ ଥ୍ରୋ ବଲ୍ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରେଡ୍, ପିଇଟି ପ୍ରଦର୍ଶନ, ଦେଶଭକ୍ତିମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାଇବର ପୋଲିସ ପକ୍ଷରୁ ପ୍ରଦର୍ଶିତ ପ୍ରଦର୍ଶନୀ ରଥ ମଧ୍ୟ ଉପସ୍ଥିତ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା।

# ଗୁରୁକୁଳ ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାଞ୍ଜିପଲ୍ଲୀ, ଗୁଡ୍‌ସେଡ୍ ରୋଡ୍‌ସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ନ୍ୟାୟାଧୀଶ ହିମାଂଶୁ ଶେଖର ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ (ଭିଜିଲାନ୍ସ) ଦେବଦତ୍ତ ପଟ୍ଟନାୟକ ମୁଖ୍ୟ ବକ୍ତା ଏବଂ ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦିକା ଅନିତା ପାଢ଼ୀ, ରଞ୍ଜନ ପଲେଇ, ଲକ୍ଷ୍ମୀ ବେହେରା, ବିଦ୍ୟାଳୟ ଅଧ୍ୟକ୍ଷା ମଧୁଛନ୍ଦା ମିଶ୍ର ଏବଂ ଉପାଧ୍ୟକ୍ଷା ଚୁମ୍‌କି ପାତ୍ର ମଧ୍ୟ ଉପସ୍ଥିତ ଥିଲେ।

ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ ପରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅତିଥିମାନେ ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍ ଓ ହାଉସ୍ ଟ୍ରୁପ୍‌ର ନିରୀକ୍ଷଣ କରିଥିଲେ। ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ପରେଡ୍ ମାଧ୍ୟମରେ ଅତିଥିମାନଙ୍କୁ ସଲାମୀ ପ୍ରଦାନ କରିଥିଲେ।

ଅତିଥିମାନେ ନିଜ ନିଜ ଉଦ୍‌ବୋଧନରେ ଦେଶପ୍ରେମ, ଦେଶର ଏକତା ଓ ଦାୟିତ୍ୱବୋଧ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଦେଶାତ୍ମବୋଧକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଅତିଥି ଓ ଅଭିଭାବକମାନଙ୍କ ମନ ମୋହିଥିଲେ।

ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ୧୦,୦୦୦ ବର୍ଗଫୁଟ୍ ବିଶିଷ୍ଟ ବିଶାଳ ତ୍ରିରଙ୍ଗା ପତାକା। ସମଗ୍ର ଗଞ୍ଜାମ ଜିଲ୍ଲାର ବୃହତ୍ତମ ପତାକା ଭାବେ ପରିଚିତ ଏହି ବିଶାଳ ତ୍ରିରଙ୍ଗା ବିଦ୍ୟାଳୟ ପରିସରରେ ଦେଶପ୍ରେମର ଅପୂର୍ବ ପରିବେଶ ସୃଷ୍ଟି କରିଥିଲା। ଶ୍ରୀମାନ ପ୍ରୀତମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ବୃହତ୍ ତ୍ରିରଙ୍ଗା ପତାକାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ବିଭିନ୍ନ ହାଉସ୍‌ର ଇନ୍‌ଭେଷ୍ଟିଚର ସେରିମନି ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସାଂସ୍କୃତିକ ବିଭାଗ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସୁଚାରୁ ପରିଚାଳନାରେ ସମଗ୍ର କାର୍ଯ୍ୟକ୍ରମ ସୁନ୍ଦର ଓ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# କେନ୍ଦୁଝରର ବରପୁତ୍ରମାନଙ୍କ ଅମର ଗାଥା ସ୍ମରଣ କଲେ ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

ମୁଷଳଧାରାରେ ବର୍ଷୁଥିଲା ଶ୍ରାବଣର ମେଘ, ଚାରିଆଡ଼େ ପାଣିର ଆସ୍ତରଣ। କିନ୍ତୁ କେନ୍ଦୁଝରର ସ୍ୱାଧୀନତା ଦିବସ ଅବସରରେ କେନ୍ଦୁଝର ଷ୍ଟାଡିୟମରେ ଦୃଶ୍ୟ ଦେଖିବାକୁ ମିଳିଥିଲା, ତାହା ପ୍ରତ୍ୟେକ ଜିଲ୍ଲାବାସୀଙ୍କ ଛାତିକୁ ଗର୍ବରେ ଫୁଲାଇ ଦେଇଥିଲା। କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରବଳ ବର୍ଷାକୁ ଆଦୌ ଖାତିର ନକରି, ଶୀତଳ ପବନ ଓ ପ୍ରବଳ ଜଳଧାରା ସତ୍ତ୍ୱେ ପରେଡ୍ ଗ୍ରୁପଗୁଡ଼ିକ ଛାତି ଫୁଲାଇ ନିଜ ନିଜ ସ୍ଥାନରେ ଅବିଚଳ ଭାବେ ଛିଡ଼ା ହୋଇ ରହିଥିଲେ। ବର୍ଷାର ବିନ୍ଦୁଗୁଡ଼ିକ ସେମାନଙ୍କ ଦେଶପ୍ରେମର ଆଗ୍ନେୟ ଉତ୍ସାହ ଆଗରେ ହାର ମାନିଥିଲା।

ଉତ୍ସବ ସ୍ଥଳରେ ଜିଲ୍ଲାପାଳ ବିଶାଲ ସିଂହ ମୁଖ୍ୟଅତିଥି ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଫୁଲତୋଡ଼ା ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ। ପତାକା ଉତ୍ତୋଳନ ପୂର୍ବରୁ ପ୍ରଥମେ ମୁଖ୍ୟ ଅତିଥି ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହିପରି ଏକ ଗୌରବମୟ ଓ ଆବେଗପୂର୍ଣ୍ଣ ପରିବେଶରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଭୀଷଣ ବର୍ଷାକୁ ବାସନ୍ଦ କରି ପ୍ରତ୍ୟେକ କେନ୍ଦୁଝରବାସୀଙ୍କ ମନରେ ନୂଆ ଶିହରଣ ସୃଷ୍ଟି କରି ନିଜର ଐତିହାସିକ ଅଭିଭାଷଣ ରଖିଥିଲେ।



ମନ୍ତ୍ରୀ ନିଜ ଭାଷଣରେ ମାଟିର ବୀରପୁତ୍ରମାନଙ୍କ ଅମର ଗାଥା ସ୍ମରଣ କରିଥିଲେ। ୧୯୯୯ 'ଅପରେସନ୍ ବିଜୟ'ର ଅମର ଶହୀଦ' ଚମ୍ପୁଆ ଉପଖଣ୍ଡର ମାତ୍ର ୨୫ ବର୍ଷୀୟ ବୀର ସୈନିକ କାର୍ଗିଲ ଯୁଦ୍ଧର ସବୁଠାରୁ ଦୁର୍ଗମ 'ପଏଣ୍ଟ ୪୮୭୫'ରେ ମାତୃଭୂମି ପାଇଁ ଦେଇଥିବା ଆତ୍ମବଳିଦାନକୁ ସେ ଶ୍ରଦ୍ଧାର ସହ ମନେ ପକାଇଥିଲେ। ଗତ ଜୁଲାଇ ୨୮ରେ ଜିଲ୍ଲାରେ ବନ୍ୟା ଉଦ୍ଧାର କାର୍ଯ୍ୟ ସମୟରେ ଅନ୍ୟର ଜୀବନ ବଞ୍ଚାଇବାକୁ ଯାଇ ମାତ୍ର ୨୬ ବର୍ଷ ବୟସରେ ସହିଦ ହୋଇଥିବା ଅଗ୍ନିଶମ ଯୋଦ୍ଧା ଚନ୍ଦନ ପଟ୍ଟନାୟକଙ୍କ ଅତୁଳନୀୟ ସାହସକୁ ମନ୍ତ୍ରୀ ଭାବବିହ୍ୱଳ ହୋଇ ପ୍ରଣାମ ଜଣାଇଥିଲେ। ପ୍ରଗତିର ଏକ ନୂଆ ପ୍ରଭାତମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସେବା ଓ ବଳିଷ୍ଠ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି। ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସେବା ଓ ବଳିଷ୍ଠ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି। କେନ୍ଦୁଝରର କାୟାକଳ୍ପ ବଦଳାଇବା ପାଇଁ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି।

ପ୍ରତ୍ୟୁଷରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା। ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍ ଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମୟଶ୍ରୀ ଚାଟର୍ଜି ଧାରାବିବରଣୀ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା। ଏଥିସହିତ ଉପ-ଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମାରୋହର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଅଗଷ୍ଟ ୨୦୨୬ ସୋମବାର





# ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ପରିସରରେ ଦେଶଭକ୍ତି ଓ ଉତ୍ସାହର ସହିତ ୮୦ତମ ସ୍ୱାଧୀନତା ଦିବସ ପାଳନ କରିଛି। ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ବିଜନେସ୍‌ର ମୁଖ୍ୟ ତଥା ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଗଜାନନ୍ ଏସ୍. କାଲେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ କାଲେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ଆଦର୍ଶକୁ ଆପଣାଇ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଦୀର୍ଘସ୍ଥାୟୀ ଭାରତ ଗଠନ ଦିଗରେ ସମସ୍ତେ କାର୍ଯ୍ୟ କରିବାକୁ ସେ ଉପସ୍ଥିତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଟିପିସିଓଡିଏଲ୍ ପକ୍ଷରୁ 'ସୋଲାର ୱାରିୟର୍ସ' ମାନଙ୍କୁ ସମ୍ମାନିତ କରାଯାଇଥିଲା। ଯେଉଁଥିରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନାର କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଉପଭୋକ୍ତା, ସୋଲାର ଭେଣ୍ଡର ଓ ଅନ୍ୟ ଅଂଶୀଦାରମାନେ ସାମିଲ ଥିଲେ। ଏହି ସମ୍ମାନ ମାଧ୍ୟମରେ ଟିପିସିଓଡିଏଲ୍ ଉପଭୋକ୍ତାମାନଙ୍କୁ ସଶକ୍ତ କରିବା, ସୋଲାର ଭେଣ୍ଡର୍ ମାନଙ୍କ ସହ ସହଯୋଗକୁ ଦୃଢ଼ କରିବା ଏବଂ ରାଜ୍ୟରେ ନବୀକରଣୀୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ ସରକାରଙ୍କ ଦୃଷ୍ଟିକୋଣକୁ ସମର୍ଥନ କରିବା ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ସ୍ୱଚ୍ଛ, ସବୁଜ ଓ ଶକ୍ତି ସୁରକ୍ଷିତ ଭାରତ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ନୂତନ ସଂକଳ୍ପ ସହିତ ସ୍ୱାଧୀନତା ଦିବସ ଉତ୍ସବ ଶେଷ ହୋଇଥିଲା।





ଭୁବନେଶ୍ୱର : ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ 'ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା' କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। (ଫଟୋ : ସମ୍ବାଦ କଳିକା)

# ବରିଷ୍ଠ ନାଗରିକ ପରିଷଦ ନିଳାଦ୍ରୀ ବିହାର ତରଫରୁ ସ୍ୱାଧୀନତା ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ନାଗରିକ ବିକାଶ ପରିଷଦ ନିଳାଦ୍ରୀ ବିହାର ସ୍ଥିତ ବିଡିଏ ପାର୍କ ରେ ୮୦ ତମ ସ୍ୱାଧୀନତା ଦିବସ ଏକଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଛି।

ପ୍ରାୟ ଶତାଧିକ ବରିଷ୍ଠ ନାଗରିକଙ୍କ ଗହଣରେ ଶ୍ରୁତିନ୍ୟାସର ମୁଖ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ତତ୍ପରେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଭାରତୀୟ ପରମ୍ପରା ଓ ସଂସ୍କୃତି ଅନାଦି କାଳରୁ ଧାବମାନ। ଭାରତର ଗୌରବ ସାରା ବିଶ୍ୱ ବନ୍ଦିତ । ଭାରତର ମହାମନୀଷୀମାନଙ୍କ ସାଧନା ଓ ଦିଗଦର୍ଶନରେ ଆଜି ଆମେମାନେ ଉଦ୍‌ବୃଦ୍ଧ। ସ୍ୱାଧୀନତା ପରେ ଆମେମାନେ ସେହି ସଂସ୍କୃତି ସମ୍ପନ୍ନ ପରମ୍ପରାକୁ ବଞ୍ଚାଏ ରଖିଲେ ହିଁ ଆମ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ସଫଳ ହୋଇ ପାରିବ। ଆମର ବେଦ, ପୁରାଣ, ଧର୍ମ ଗ୍ରନ୍ଥ ଓ ବିଶେଷ କରି ପବିତ୍ର ଗୀତା ସାରା ମନୁଷ୍ୟ ସମାଜକୁ ଜୀବନ ଜିଇଁବାର ଶିକ୍ଷା ଓ ଦିକ୍ଷା ଦେଉଛି। ସଭାରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ। ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେ ସନ୍ତୋଷ କୁମାର ମହାନ୍ତି ଓ ବିଜୟ କୁମାର ପଟ୍ଟନାୟକ। ଶେଷରେ ଅଜିତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଚୌଦ୍ୱାରା ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ

# ଶିକ୍ଷାର ବିକାଶ କ୍ଷେତ୍ରରେ ରାଜକିଶୋର ରାମ୍‌ଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ବଳିଷ୍ଠ ଭୂମିକା ଏବଂ ଉଲ୍ଲେଖନୀୟ ଅବଦାନ ଅବିସ୍ମରଣୀୟ। ୧୯୭୮ ମସିହାର ଆଜିର ଦିବସରେ ସ୍ୱର୍ଗତ ରାମଙ୍କ ନିଷ୍ପାପର ଉଦ୍ୟମ ଓ ଶିକ୍ଷାର ପ୍ରସାର ପାଇଁ ପ୍ରତବଦ୍ଧତା ବଳରେ ଶିଳ୍ପନଗରୀ ଚୌଦ୍ୱାରଠାରେ ପ୍ରତିଷ୍ଠା ହୋଇଥିବା ଚୌଦ୍ୱାର ମହାବିଦ୍ୟାଳୟ ଆଜି ସମଗ୍ର ଓଡ଼ିଶାରେ ବିଶେଷକରି କଟକ ଜିଲ୍ଲାରେ ଏକ ବୃହତ୍ ତଥା ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ ଭାବେ ପରିଗଣିତ ହେଉଛି ବୋଲି ବହୁ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି । ଚୌଦ୍ୱାର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ ଆଜି ପୂର୍ବାହ୍ନରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ଅଧ୍ୟକ୍ଷତା କରିଥିଲେ । ମହାବିଦ୍ୟାଳୟ ପ୍ରତିଷ୍ଠା ସମୟର ଗଭର୍ଣ୍ଣିଂବଡି ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ଶ୍ରୀ ଶ୍ରୀମନ୍ତ ପ୍ରଧାନ, ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ହରପ୍ରିୟା ମହାପାତ୍ର, ସ୍ୱର୍ଗତ ରାମ୍‌ଙ୍କ ସୁଯୋଗ୍ୟ ପୁତ୍ର ତଥା ବରିଷ୍ଠ ଅଧିକାରୀ ବାପୁପ୍ରିୟ ରାମ୍, ବୋହୂ ସମାଜସେବୀ ରୀନା ରାମ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚୌଦ୍ୱାରା ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ଶିକ୍ଷାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ରାମ୍‌ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ରେଣୁବାଳା ସ୍ୱାଇଁ, ଝୁଲେନ୍ଦ୍ର ନାୟକ, ଚୌଦ୍ୱାର ମହାବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ଉପରେ ସ୍ମୃତି ବଖାଣିଥିଲେ । ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରନେତା ସୌମିତ୍ର ସ୍ୱାଇଁ, କ୍ଷୀରୋଦ୍ ବେହେରା, ମୁରଲୀଧର ବେହୁରା, ବିବେକାନନ୍ଦ ବେହେରା, ଜୟନ୍ତ ସାହୁ, ଶ୍ରୀନିବାସ ସାହୁ, ବିଜୟ ସ୍ୱାଇଁ, କିଶୋର ସାହୁ, ହରିହର ସାହୁ, ହରିହର ପରିଡ଼ା, ରାଜକିଶୋର ସାମନ୍ତରାୟ, ଚିତ୍ତରଂଜନ ନାୟକ, କବିତା ପରିଡ଼ା, ବିରଞ୍ଚି ମୁଦୁଲି, ଅଜୟ କୁମାର ବଳ, ହେମନ୍ତ ମହାନ୍ତି, ପ୍ରମୋଦ ଚନ୍ଦ୍ର ଓଝା ଏହି କାର୍ଯ୍ୟକ୍ରମରେ ସକ୍ରୀୟ ଭାବେ ଅଂଶଗ୍ରହଣ କରିଥିଲେ।



# ଶ୍ରୀ ଗୁଣ୍ଡିଚା ମନ୍ଦିରର ମରାମତି ଓ ସୁରକ୍ଷା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ସହରର ସର୍ବପୁରାତନ ଶ୍ରୀ ଗୁଣ୍ଡିଚା ମନ୍ଦିରର କାନ୍ଥ ଓ ଛାତ ମରାମତି ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖିଲେ ଜିଲ୍ଲାପାଳ । ଏବଂ ଡ଼ାଇରେକ୍ଟର ଶ୍ରୀମତୀ ଦେବଯାନୀ ଭୁଁୟା ପ୍ରତ୍ନତତ୍ତ୍ୱ ବିଭାଗ ଓଡ଼ଶା ସରକାରଙ୍କ ସହିତ ଏ ନେଇ ଆଲୋଚନା କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ । ଦୀର୍ଘ ଶହ ଶହ ବର୍ଷର ତଥା ପଶ୍ଚିମ ଓଡ଼ିଶାର ସବୁଠୁ ଉଚ୍ଚତମ ଏଇ ସର୍ବ ପୁରାତନ ମନ୍ଦିର ରେ କିଛି ବର୍ଷରୁ କାନ୍ଥରେ ଛାତରେ ସବୁଆଡେ ପାଣି ଲିକ୍ ହେଉଥିବା ବିଷୟ ଜିଲ୍ଲାପାଳଙ୍କ ନଜରରେ ଆସିବା ପରେ ଏ ମନ୍ଦିରର ତୁରନ୍ତ ମରାମତି ପାଇଁ ଗତ ସପ୍ତାହରୁ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଯୋଗାଯୋଗ ରଖିଥିବା ଖବର ମିଳିଛି । ଗତ ସପ୍ତାହ ରେ ପ୍ରବଳ ବର୍ଷା ପୁଣି ବିଦ୍ୟୁତ୍ ନ ଥିବା ସତ୍ତ୍ୱେ ଜିଲ୍ଲାପାଳ ଏଇ ମନ୍ଦିର କୁ ସଂଧାରେ ପରିଦର୍ଶନ କରି ଏ ସବୁ ସମସ୍ୟା ଦେଖିଥିଲେ। ଖୁବ୍ ଶୀଘ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିଦର୍ଶନ ରେ ଆସି ଏହାର ଯତ୍ନ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀ ଗୁଣ୍ଡିଚା ମନ୍ଦିର କମିଟି ସଦସ୍ୟ ଓ ସଧାରଣ ଲୋକ ଭକ୍ତ ଶ୍ରଦ୍ଧାଳୁ ଦୃଢ଼ ଆଶା ବିଶ୍ୱାସ ରଖିଛନ୍ତି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଗାଣ ବର୍ଷା ...

ଚାଷଜମିରେ ପାଣି ଜମି ରହିବା ଫଳରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ଫସଲ।

ସେପଟେ ଭଦ୍ରକର ଭଣ୍ଡାରିପୋଖରୀ ବ୍ଲକର ମାଳଦା, ଷୋଳମପୁର, ଝୁଣ୍ଟୁନା, ବନ୍ଧାଳ ମଡିଆଳି, ନପଙ୍କ, ରହଣିଆ, ବାଲି ପୋଖରୀ ଆଦି ୭ ଟି ପଞ୍ଚାୟତ ଜଳାର୍ଣ୍ଣବ ହୋଇଥିଲା ବେଳେ ରବିବାର ଭଣ୍ଡାରିପୋଖରୀ ଓ ଧାମନଗର ଦୋବଲ ଅଞ୍ଚଳର କିଛି ସ୍ଥାନରେ ବନ୍ୟା ପାଣି ମାଡ଼ିଛି । ଧାମନଗର ଧୂଷୁରୀ ଅଞ୍ଚଳରେ ବନ୍ୟା ସଙ୍କଟ ବଢ଼ିବା ସହ ପାଖାପାଖି ୨୦ଟି ପଞ୍ଚାୟତ ପାଣିଘେରରେ ରହିଛି । ଭଦ୍ରକରୁ ଆଖଣ୍ଡଳମଣିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବିଭିନ୍ନ ସ୍ଥାନରେ ପାଣି ସ୍ରୋତ ଚାଲିଥିବା ଦେଖିବାକୁ ମିଳିଛି । ବହୁ ଗାଁ ଜଳବନ୍ଦୀ ସ୍ଥିତିରେ ରହିଛି।

ଢେଙ୍କାନାଳର ରେଙ୍ଗାଲୀ ଜଳଭଣ୍ଡାରରୁ ପାଣି ଛାଡ଼ିବା ପରେ ବ୍ରାହ୍ମଣୀ ଓ ରାମିଆଳ ନଦୀ କୂଳ ଲଘିଂଛି । ଫଳରେ ଭୁବନ ବ୍ଲକ ଭୁଷଳ ପଞ୍ଚାୟତ ଜୟପୁର ଗ୍ରାମ ପାଣିଘେରରେ ରହିଛି । ରାସ୍ତା ଉପରେ ୪ ଫୁଟ୍ ପାଣି ଚାଲୁଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ବୋଟ୍ ଯୋଗେ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହ ଗାଈଗୋରୁଙ୍କ ଖାଦ୍ୟ ଓ ନୂତନ ଡଙ୍ଗା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ବନ୍ୟା ବିପନ୍ନଙ୍କ ପାଇଁ ଚିନ୍ତା ବଢ଼ାଇଛି ପାଣିପାଗ ବିଭାଗର ପୂର୍ବାନୁମାନ। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସମୁଦ୍ର ପତନଠାରୁ ୫.୮ ରୁ ୭.୬ କିଲୋମିଟର ଉଚ୍ଚତା ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାରୁ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଉତ୍ତର-ଉପକୂଳବର୍ତ୍ତୀ ଓ ଏହାର ପାର୍ଶ୍ୱବର୍ତ୍ତୀ ଆଭ୍ୟନ୍ତରୀଣ ୧୫ଟି ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ସମ୍ଭାବନା ରହିଛି। ପ୍ରଶାସନ ପକ୍ଷରୁ ସମସ୍ତ ସ୍ଥାନରେ ତତ୍ପରତା ଜାରି ରହିଛି।

## ଅଫିସରଙ୍କ ଛୁଟି ...

ଛୁଟି ବାତିଲ କରି ତୁରନ୍ତ ନିଜ ନିଜ କାର୍ଯ୍ୟସ୍ଥଳକୁ ଫେରି ଡ୍ୟୁଟିରେ ଯୋଗଦେବେ। ସମସ୍ତ ଅଧିକାରୀଙ୍କୁ ମୁଖ୍ୟାଳୟରେ ରହିବା ସହ ଆବଶ୍ୟକ ସ୍ଥଳେ କ୍ଷେତ୍ରକୁ ଯାଇ ବନ୍ୟା ସ୍ଥିତିର ତଦାରଖ କରିବାକୁ କୁହାଯାଇଛି।

ବର୍ତ୍ତମାନ ରାଜ୍ୟରେ ବନ୍ୟା ପରିସ୍ଥିତି ଅଧିକ ଗମ୍ଭୀର ଥିବା ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାକୁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ପଠାଯିବା ନେଇ ନିର୍ଦ୍ଦେଶ ଦେଇଛନ୍ତି ଅନୁ ଗର୍ଗ। ସେମାନେ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ବନ୍ୟା ସ୍ଥିତିର ଗ୍ରାଉଣ୍ଡ ମନିଟରିଂ କରିବା ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଆବଶ୍ୟକ ସହଯୋଗ କରିବେ। ବନ୍ୟା ପରିଚାଳନାର ଅଭିଜ୍ଞତା ଥିବା ଏହି ଅଧିକାରୀମାନେ ସ୍ଥାନୀୟ ଜିଲ୍ଲାପାଳଙ୍କୁ ସହଯୋଗ କରିବେ। ଏଥିସହ ଜଳ ସମ୍ପଦ ବିଭାଗର ଯନ୍ତ୍ରୀମାନଙ୍କୁ ମଧ୍ୟ ପ୍ରଭାବିତ ଅଞ୍ଚଳରେ ତଦାରଖ ଦାୟିତ୍ୱ ଦିଆଯିବା ନେଇ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

## ଆମର ଅନ୍ତର୍ନିହିତ...

ଏବେ ଶକ୍ତି ବିନା ନୂତନ ବିଶ୍ୱ ଚଳାଇବା କଷ୍ଟକର, ତେଣୁ ଆମକୁ ଚିପ୍ସ, ଏଆଇ ଏବଂ ଡାଟା ସେଣ୍ଟର ପାଇଁ ବିପୁଳ ପରିମାଣର ଶକ୍ତି ଆବଶ୍ୟକ ହେବ। ଶକ୍ତି ସୁରକ୍ଷା ସମୟର ଆବଶ୍ୟକତା। ତେଣୁ ଆମେ ସେ ଦିଗରେ ଦୃଢ଼ ପଦକ୍ଷେପ ନେଇସାରିଛୁ।

ଆଜି ସାରା ବିଶ୍ୱରେ ଭାରତର ପ୍ରଭାବ ସବୁ କ୍ଷେତ୍ରରେ ବୃଦ୍ଧି ପାଉଛି। ଆଜି ଭାରତ ଏପରି ଏକ ଦେଶ ଭାବରେ ଉଭା ହେଉଛି ଯାହାକୁ ବିଶ୍ୱ ଦୃଷ୍ଟିରେ ବ୍ୟାପକ ଭାବରେ ଗ୍ରହଣୀୟ ଏବଂ ସମ୍ମାନ କରାଯାଏ। ଭାରତରେ ଏକ ସ୍ଥିର ରାଜନୈତିକ ଜନାଦେଶ ଏକ ସ୍ଥିର ସରକାର, ଏକ ସ୍ପନ୍ଦନଶୀଳ ଗଣତନ୍ତ୍ର ଏବଂ ଏକ ଦୃଢ଼ ନ୍ୟାୟପାଳିକା ଅଛି ଏବଂ ଆମେ ସମସ୍ତେ ଭାରତର ସମ୍ବିଧାନ ଦ୍ୱାରା ପରିଚାଳିତ।

ଆମେ ଆଗାମୀ ବର୍ଷରେ ୧ କୋଟି ଯୁବବର୍ଗଙ୍କୁ ଏଆଇ ଦକ୍ଷତା ତାଲିମ ପ୍ରଦାନ କରିବାକୁ ସଂକଳ୍ପ ନେଇଛୁ ଯାହା ଦ୍ୱାରା ଆମ ଦେଶର ଯୁବପିଢ଼ି କୃତ୍ରିମ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ବିଶ୍ୱକୁ ନେତୃତ୍ୱ ନେବାର କ୍ଷମତା ପାଇପାରିବେ।

ଆମେ ମାଗଣା ଅନଲାଇନ୍ କୋଚିଂର ଏକ ନେଟୱାର୍କ ସ୍ଥାପନ କରିବାକୁ ଯାଉଛୁ। ଆଜିକାଲି, ପିତାମାତା ଭାବନ୍ତି ଯେ ଯଦି ତାଙ୍କ ପିଲା କୋଚିଂ ନେଉନାହାନ୍ତି, ତେବେ ସେମାନେ ପଛରେ ପଡ଼ିଯାଇଛନ୍ତି। ଏହା ପ୍ରତିଷ୍ଠା ପାଇଁ ଏକ ଦୌଡ଼ ପାଲଟିଛି।

ଆଗାମୀ ସମୟ ସହିତ ସୁସଙ୍ଗତ ହେବା ପାଇଁ ଆମକୁ ଆମର ନୀତି ଏବଂ ନିୟମଗୁଡ଼ିକୁ ଗଠନ କରିବାକୁ ପଡିବ।

ବିଶ୍ୱ ଏବେ ଆମର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା ଆରମ୍ଭ କରିଛି। ସେଥିପାଇଁ ୨୦୧୪ ପରଠାରୁ, ବିଶ୍ୱର ପ୍ରାୟ ୪୦ଟି ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ଏବଂ ବାଣିଜ୍ୟ ସହଭାଗୀତା ଚୂଡ଼ାନ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ୪୫,୦୦୦ ଶିକ୍ଷକଙ୍କ ...

ସରକାର ଆସିଲା ପରେ ବିଗତ ୨ ବର୍ଷ ମଧ୍ୟରେ ୨୬,୦୦୦ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ୪୫,୦୦୦ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣାରେ ଅନ୍‌ଲାଇନ୍ କୋଚିଂ ବ୍ୟବସ୍ଥା କରାଯିବ। ଛାତ୍ରଛାତ୍ରୀମାନଙ୍କୁ ଏଆଇ ତାଲିମ ଦିଆଯିବ। ରାଜ୍ୟର ୪ଟି ସ୍ଥାନର ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ।

ଚାଷୀ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୩୧୦୦ ଟଙ୍କାରେ ଧାନ କୁଇଣ୍ଟାଲ ପିଛା କିଣାଯାଉଛି। ପଶୁପାଳକ ଏବଂ ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ତ୍ରିରଙ୍ଗାକୁ ଘରେ ଘରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍ୟମ କରିଛନ୍ତି। ଅତୀତର ଭାରତ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା। କିନ୍ତୁ ଭାରତ ଏବେ ଏକ ବୃହତ ଅର୍ଥନୀତିରେ ପରିଣତ ହୋଇଛି। ଭାରତର ଅର୍ଥନୀତି ଏବେ ମଜବୁତ ସ୍ଥିତିରେ ପହଞ୍ଚିଛି। ୨୦୧୪ରେ ଭାରତରେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ ହୋଇଥିଲା। ଏହି ଠାରୁ ବିକାଶର ଯାତ୍ରା ଆରମ୍ଭ ହୋଇଥିଲା। ଏବେ ଆମକୁ ଏଲପିଜି ଗ୍ୟାସ ପାଇବା ପାଇଁ ମାସ ମାସ ଅପେକ୍ଷା କରିବାକୁ ପଡୁ ନାହିଁ। ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିଛି। ଦେଶର ସୁରକ୍ଷା ସଂପର୍କରେ ମୁଖ୍ୟମନ୍ତ୍ରୀ ଅପରେସନ ସିନ୍ଦୂର କଥା ମନେ ପକାଇ ଦେଇଛନ୍ତି। ମୋଦୀଙ୍କ ହାତରେ ଦେଶର ସୁରକ୍ଷା ବ୍ୟବସ୍ଥା ମଜବୁତ ହୋଇଛି ବୋଲି କହିଛନ୍ତି।

## ମସ୍କୋ ଉପରେ ...

ଏହାବ୍ୟତୀତ ରୋଷ୍ଟୋଭ୍ ସୀମାନ୍ତ ଅଞ୍ଚଳରେ ୟୁକ୍ରେନର ୧୫୦ରୁ ଅଧିକ ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆବାସିକ ଓ ଶିଳ୍ପ କୋଠାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଉଭୟ ଦେଶ ବର୍ତ୍ତମାନ ଯୁଦ୍ଧକ୍ଷେତ୍ର ବାହାରେ ପରସ୍ପରର ସାମରିକ ଓ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ବ୍ୟାପକ ଡ୍ରୋନ୍ ବ୍ୟବହାର କରୁଛନ୍ତି।

## ତିସ୍ତା ନେଇ...

ବ୍ୟବହାର, ଭବିଷ୍ୟତର ଜଳ ଚାହିଦା ଓ ନଦୀ ଅବବାହିକାର ପରିଚାଳନା ଉପରେ ଅଧ୍ୟୟନ କରିବ। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମଧ୍ୟ ଅନୁଧ୍ୟାନ କରାଯିବ। ଏହାସହ ବ୍ୟାରେଜ୍ ଓ ଏହା ସହ ଜଡ଼ିତ ଭିତ୍ତିଭୂମିକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ସେନେଇ ପ୍ରସ୍ତାବ ଦେବ କମିଟି। ସିକିମ୍ ଓ ପଶ୍ଚିମବଙ୍ଗର ଯୁଗ୍ମ ସଚିବ ପାହ୍ୟାର ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ଅଛନ୍ତି।

## ସମୁଦ୍ରରେ 'ସାଇଲେଣ୍ଟ୍ କିଲର' ...

ନିଜର ସ୍ୱଦେଶୀ ଡିଜାଇନ୍ କ୍ଷମତା ବିକଶିତ କରିବା।

ଏହି ଅତ୍ୟାଧୁନିକ ବୁଡ଼ାଜାହାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଏହାର ଉନ୍ନତ ଏୟାର-ଇଣ୍ଡିପେଣ୍ଡେଣ୍ଟ ପ୍ରପଲ୍ସନ୍ (ଏଆଇପି) ପ୍ରଯୁକ୍ତିବିଦ୍ୟା, ଯାହା ପାରମ୍ପରିକ ଡିଜେଲ-ଇଲେକ୍ଟ୍ରିକ୍ ବୁଡ଼ାଜାହାଜ ପରି ବାରମ୍ବାର ଉପରକୁ ନଉଠି ସପ୍ତାହ ସପ୍ତାହ ଧରି ପାଣି ତଳେ ଲମ୍ବା ସମୟ ପାଟ୍ରୋଲିଂ କରିବା ସୁବିଧା ଉପଲବ୍ଧ କରାଇବ। ଏହା ସହିତ ବୁଡ଼ାଜାହାଜରେ ଆଧୁନିକ ସୋନାର, ଉନ୍ନତ ସେନ୍ସର, ହେଭିୱେଟ୍ ଟର୍ପେଡୋ, ସ୍ଥଳ-ଆକ୍ରମଣ ଏବଂ ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ଏବଂ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀ ଭଳି ଘାତକ ଅସ୍ତ୍ରଶସ୍ତ୍ର ରହିବ। ଉତ୍କୃଷ୍ଟ ଗୁପ୍ତ କ୍ଷମତା ଯୋଗୁଁ, ଗଭୀର ଜଳରେ ନୀରବରେ କାର୍ଯ୍ୟ କରିବ। ଏହାକୁ ଶତ୍ରୁ ରାଡାର ଏବଂ ସୋନାର୍ ଟ୍ରାକ୍ କରିବା ପ୍ରାୟତଃ ଅସମ୍ଭବ ହେବ।

# ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମ ପରିସରରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂହ, ଟିଏସକେ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ବରିଷ୍ଠ ଅଧିକାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବ ଅବସରରେ ସୁରକ୍ଷା ବାହିନୀ ଦ୍ୱାରା ପ୍ରଦର୍ଶିତ ପରେଡ୍ ଏବଂ ଡ୍ରିଲ୍ ଉପସ୍ଥିତ ଅତିଥିମାନଙ୍କୁ ବିମୋହିତ କରିଥିଲା। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସୁରକ୍ଷା ଏବଂ ଅଗ୍ନିଶମ ବାହିନୀର କର୍ମଚାରୀମାନଙ୍କୁ ସମ୍ମାନିତ କରାଯିବା ସହ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା। ଏହି ଉତ୍ସବର ଏକ ଅଂଶ ଭାବରେ, ପୂର୍ବଦିନ ଟିଏସକେର କୋଲ୍ଡ ରୋଲିଂ ମିଲ୍‌ର ଯୁଗ୍ମ ବିକାଶ ପରିଷଦ ପକ୍ଷରୁ ପ୍ଲଟ୍-୨ ଅଡିଟୋରିୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ମିଶାଇ ୨୧୧ରୁ ଅଧିକ ବ୍ୟକ୍ତି ଉତ୍ସାହର ସହିତ ରକ୍ତଦାନ କରିଥିଲେ। ସେହିପରି ନୀଳାଚଳ ଇସ୍ପାତ ନିଗମରେ ଏମ୍.ଡି.ତଥା ସିଏଇଓ ପଦ୍ମପାଳ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ। ଏଥି ସହିତ ବ୍ରାହ୍ମଣୀପାଳ ସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟ (ଏଫଏପି) ଠାରେ ମଧ୍ୟ ଏକ ପତାକା ଉତ୍ତୋଳନ ଉତ୍ସବ ଆୟୋଜିତ ହୋଇଥିଲା, ଯେଉଁଠାରେ ଏଫଏପି ବ୍ରାହ୍ମଣୀପାଳର ମୁଖ୍ୟ ଆଦର୍ଶ ଅଗ୍ରୱାଲ ପତାକା ଉତ୍ତୋଳନ କରିଥିଲେ।



# ଏମ୍‌ସିଏଲ୍ ପାଳନ କଲା ସଦ୍‌ଭାବନା ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଅତ୍ୟନ୍ତ ଗର୍ବ, ଗୌରବ ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

ସମ୍ବଲପୁରସ୍ଥିତ କମ୍ପାନୀର ମୁଖ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମାର୍ଚ୍ଚଫାଷ୍ଟ ପ୍ୟାରେଡ୍‌ର ସଲାମୀ ଗ୍ରହଣ କରିଥିଲେ। ଶ୍ରୀ କାଓଲେ ନିଜ ଅଭିଭାଷଣରେ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଏମ୍‌ସିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏବଂ ସିଏସ୍‌ଆର ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଖନନ ଅଞ୍ଚଳର ସମୁଦାୟ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ତିନୋଟି ଆର୍ଥିକ ବର୍ଷରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ ହାସଲ କରିଥିବାରୁ ସେ 'ଟିମ୍ ଏମ୍‌ସିଏଲ୍'ର ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଥିଲେ।



ଏହି ଅବସରରେ ଶ୍ରୀ କାଓଲେ ସମସ୍ତ ଅଂଶୀଦାର ଏବଂ 'ଏମ୍‌ସିଏଲ୍ ପରିବାର'କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସମାରୋହରେ ନିର୍ଦ୍ଦେଶକ (ବୈଷୟିକ) ସଞ୍ଜୟ କୁମାର ଝା, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ସମ୍ଭୀତ ସୌରଭ ନାୟକ, ପ୍ରାକ୍ତନ ନିର୍ଦ୍ଦେଶକବୃନ୍ଦ, ବରିଷ୍ଠ ଅଧିକାରୀଗଣ, ଜାଗୃତି ମହିଳା ମଣ୍ଡଳର ଉପସଭାପତି ଓ ସଦସ୍ୟାବୃନ୍ଦ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏବଂ ଅନ୍ୟାନ୍ୟ ହିତାଧିକାରୀମାନେ ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ନୃତ୍ୟ ଏହି ଉତ୍ସବକୁ ଆହୁରି ରଙ୍ଗୀନ୍ କରିଥିଲା। ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଡିଏଭି ପବ୍ଲିକ୍ ସ୍କୁଲ, ବୁର୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଶ୍ରେଷ୍ଠ ମାର୍ଚ୍ଚଫାଷ୍ଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି, ଏମ୍‌ସିଏଲ୍‌ର ସମସ୍ତ ଖଣି ଅଞ୍ଚଳରେ ମଧ୍ୟ 'ରାଷ୍ଟ୍ର ପ୍ରଥମ' ଭାବନାକୁ ପାଥେୟ କରି ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା, ଯାହା ଦାୟିତ୍ୱବାନ୍ ଖନନ, ଶକ୍ତି ସୁରକ୍ଷା ଏବଂ ସମାବେଶୀ ବିକାଶ ମାଧ୍ୟମରେ ଏକ ଆତ୍ମନିର୍ଭର ଭାରତ ଗଠନ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣ କରିଥିଲା।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବର ନକଲ ଦେବା ବାଧ୍ୟତାମୂଳକ



**କଟକ, ନ୍ୟୁଜ ବ୍ୟୁରୋ**

ସରପଞ୍ଚଙ୍କୁ ପଦରୁ ହଟାଇବା ପାଇଁ କେବଳ ନୋଟିସ୍ ଦେଲେ ହେବନାହିଁ। ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍ ସହ ରିକ୍ୟୁଜିସନ୍ ଏବଂ ପ୍ରସ୍ତାବର ନକଲ ଦେବା ବାଧ୍ୟତାମୂଳକ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି ହାଇକୋର୍ଟ। ନିୟମ ଅନୁସାରେ ପ୍ରକ୍ରିୟା ପାଳନ ନକଲେ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଅବୈଧ ହୋଇପାରେ। ଅନାସ୍ଥା ବୈଠକ ପାଇଁ ଅତି କମ୍‌ରେ ୧୫ ଦିନ ପୂର୍ବରୁ ସରପଞ୍ଚଙ୍କୁ ପୂର୍ଣ୍ଣ ନୋଟିସ୍ ଦେବାକୁ ପଡ଼ିବ । କଟକ ଜିଲ୍ଲା ଆଠଗଡ଼ର କଣ୍ଡରାଇ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ଞାନ ରଞ୍ଜନ ଦାସଙ୍କ ବିରୋଧରେ ଆଗତ ଅନାସ୍ଥା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି । ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ବେଳେ ଆଇନଗତ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ପାଳନ କରିବା ଜରୁରୀ । ବୈଠକର ନୋଟିସ୍ ସରପଞ୍ଚଙ୍କୁ ବ୍ୟକ୍ତିଗତ ଭାବେ ହସ୍ତାନ୍ତର କରିବା ଆବଶ୍ୟକ। କେବଳ ହ୍ୱାଟସ୍‌ଆପ୍‌ରେ ନୋଟିସ୍ ପଠାଇବା କିମ୍ବା ଘର କାନ୍ଥରେ ନୋଟିସ୍ ମାରିଦେବା ଯଥେଷ୍ଟ ନୁହେଁ । ଏସ୍‌ଡିଏମ୍ ସରପଞ୍ଚଙ୍କୁ ନୋଟିସ୍ ପ୍ରଦାନ କରିବା ସମୟରେ ଅତିକମ୍‌ରେ ଏକ-ତୃତୀୟାଂଶ ୱାର୍ଡ ମେମ୍ବରଙ୍କ ଦସ୍ତଖତ ଥିବା ରିକ୍ୟୁଜିସନ୍ ଏବଂ ଅନାସ୍ଥା ପ୍ରସ୍ତାବର ନକଲ ଦେବା ଆବଶ୍ୟକ । ଅନାସ୍ଥା ପ୍ରସ୍ତାବ ଆଣିବାର ଅଧିକାର ସହିତ ସରପଞ୍ଚଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦେବା ମଧ୍ୟ ଆଇନଗତ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ନୋଟିସ୍ ଠିକ୍ ଭାବେ ପ୍ରଦାନ କରିବା ସହ ପ୍ରସ୍ତାବର ସମ୍ପୂର୍ଣ୍ଣ ତଥ୍ୟ ଦେବା ଆବଶ୍ୟକ । ସରପଞ୍ଚ ପଦର ଗରିମା ରକ୍ଷା କରିବା ସହ ଅନାସ୍ଥା ପ୍ରସ୍ତାବର ଆଇନଗତ ପ୍ରକ୍ରିୟାକୁ ସୁରକ୍ଷିତ ରଖିବା ଦିଗରେ ହାଇକୋର୍ଟଙ୍କ ଏହି ରାୟକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦେଖାଯାଉଛି ।

ଭୁବନେଶ୍ୱର, ୧୭ ଅଗଷ୍ଟ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଗାନ୍ଧୀମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବ ଅବସରରେ ଆକର୍ଷଣୀୟ ପରେଡ ପ୍ରଦର୍ଶିତ । (ଫଟୋ : ସମ୍ବାଦ କଳିକା)

# ପ୍ରତିଟି ଧନଜୀବନର ସୁରକ୍ଷା ସୁନିଶ୍ଚିତ କରିବାକୁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୧୬/୦୮ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବନ୍ୟା ପରିସ୍ଥିତି ଜାରି ରହିଛି । ପ୍ରଭାବିତ ଅଞ୍ଚଳରେ ରିଲିଫ, ଉଦ୍ଧାର, ପୁନରୁଦ୍ଧାର ଏବଂ ଅତ୍ୟାବଶ୍ୟକ ସେବା କାର୍ଯ୍ୟ ମଧ୍ୟ ନିରନ୍ତର ଭାବେ ଜାରି ରହିଛି । ସ୍ପେଶାଲ୍ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ । ଜନସାଧାରଣଙ୍କ ଧନ, ଜୀବନର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ରାଜ୍ୟସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ଆଗାମୀ ଦିନରେ ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ବନ୍ୟା ଯୋଗୁଁ ୬ଟି ଜିଲ୍ଲାର ୫୨ଟି ବ୍ଲକର ୨୨୭ଟି ଗ୍ରାମ ପଞ୍ଚାୟତ ଏବଂ ୫୦୩ଟି ଗାଁ ପ୍ରଭାବିତ ହୋଇଛି । ପ୍ରାୟ ୨,୭୦,୨୧୨ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ଉପରେ ବିଶେଷ ନଜର ରହିଛି । ରାଜସ୍ୱ ମନ୍ତ୍ରୀ କହିଛନ୍ତି, 'ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୫,୨୦୬ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୨୨୬ଟି ଆଶ୍ରୟସ୍ଥଳୀରେ ରଖାଯାଇଛି ।

# ବୈତରଣୀ ଓ ବ୍ରାହ୍ମଣୀରେ ପୁଣି ବନ୍ୟା

**ଧାମନଗର/ଯାଜପୁର ୧୬/୮ ନ୍ୟୁଜ ବ୍ୟୁରୋ**

ଧାମନଗର ବ୍ଲକ ଅଞ୍ଚଳରେ ବନ୍ୟା ବିଭୀଷିକା ଆଣିଦେଇଛି ଅସହ୍ୟ ଦୁର୍ଦ୍ଦଶା । ଗତ ଚାରି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟିର ଜଳସ୍ତର ହଠାତ୍ ବୃଦ୍ଧି ପାଇବାରୁ ସମଗ୍ର ଅଞ୍ଚଳରେ ଆଶଙ୍କା ଓ ନିରାଶା ଖେଳିଯାଇଛି । ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁରଠାରେ ଥିବା ମଲ୍ଲିମାହାରା ଏସକେପ୍ ଏବଂ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଦେଇ ବନ୍ୟାଜଳ ପ୍ରବଳ ବେଗରେ ଧାମନଗର ବ୍ଲକର ତଳିଆ ଅଞ୍ଚଳଗୁଡ଼ିକୁ ମାଡ଼ି ଆସିଛି । ଫଳରେ ଗାଁ ଗାଁରେ ପାଣି ପଶିବା ସହ ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି । ବୈତରଣୀ ସିଷ୍ଟମରେ ଗତ ଅଗଷ୍ଟ ୧୪ ତାରିଖରେ ଆସିଥିବା ତୃତୀୟ ପର୍ଯ୍ୟାୟ ବନ୍ୟାର ପ୍ରକୋପ ଶାନ୍ତ ନହେଉଣୁ, ଏହି ଚତୁର୍ଥ ପର୍ଯ୍ୟାୟ ବନ୍ୟା ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି । କରଦା, ସୋହଡ଼ା ଓ ପଧାନି ପଞ୍ଚାୟତର ବିସ୍ତୀର୍ଣ୍ଣ ଅଞ୍ଚଳ ବର୍ତ୍ତମାନ ସମ୍ପୂର୍ଣ୍ଣ ଜଳମଗ୍ନ । ସେହିପରି ଧୁଷୁରୀ ଅଞ୍ଚଳର ପାଳସାହି, ହସନାବାଦ, ଅର୍ଜୁନପୁର, ରଇପୁର ଏବଂ ଅସୁରାଳି ଅଞ୍ଚଳର କଟସାହି, ଖପରପଦା, ଗଡ଼ିଆଳି ଆଦି ଗ୍ରାମଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ବନ୍ୟାଜଳ ରାସ୍ତାଘାଟ ଉପରେ ଚାଲୁଥିବାରୁ ପ୍ରମୁଖ ଯୋଗାଯୋଗ ବ୍ୟବସ୍ଥା ଠପ୍ ହୋଇଯାଇଛି । ଧୁଷୁରୀ-ଆଖଣ୍ଡଳମଣି ମୁଖ୍ୟ ରାସ୍ତା ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି । ସେହିପରି ମଙ୍ଗଳପୁର-କାଶିମପୁର ଓ କଟସାହି ରାସ୍ତା ବୁଡ଼ି ରହିଥିବାରୁ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରଶାସନ ପକ୍ଷରୁ ବ୍ୟାପକ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ସେହିପରି ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ ଓ ବ୍ରାହ୍ମଣୀ ନଦୀର ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ବନ୍ୟା ପରିସ୍ଥିତି ସଙ୍ଗୀନ ରୂପ ନେଇଛି । ଜିଲ୍ଲାର ୮ଟି ବ୍ଲକ (ଦଶରଥପୁର, ଯାଜପୁର, କୋରେଇ, ବିଞ୍ଝାରପୁର, ଧର୍ମଶାଳା, ରସୁଲପୁର, ବଡ଼ଚଣା ଓ ବରୀ)ର ୭୯ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୨୪୨ଟି ଗାଁ ବନ୍ୟା ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛି । ଏଥିଯୋଗୁଁ ମୋଟ ୧,୬୮,୬୫୨ ଜଣ ଜନସାଧାରଣ ବନ୍ୟା କବଳରେ ଥିବା ବେଳେ ପ୍ରଶାସନ ପକ୍ଷରୁ ୪୬,୫୦୦ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବନ୍ୟା ସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ମାନଙ୍କ ସହ ଆଭାସୀ ମାଧ୍ୟମରେ ସମଗ୍ର ସ୍ଥିତିର ମନିଟରିଂ ଓ ସମୀକ୍ଷା କରିଛନ୍ତି । ମୁଖ୍ୟତଃ କେଉଁ ବ୍ଲକର କେତେ ଗ୍ରାମପଞ୍ଚାୟତ ଓ ଗ୍ରାମରେ ଶୁଖିଲା ଖାଦ୍ୟ, ପାନୀୟଜଳ, ରନ୍ଧାଖାଦ୍ୟ, ଗୋଖାଦ୍ୟ ପ୍ରଦାନକରାଯାଇଛି ଏବଂ ଘାଇ ସ୍ଥିତି ନେଇ ବରିଷ୍ଠ ନୋଡାଲ ଅଧିକାରୀ, ବି.ଡି.ଓ, ତହସିଲଦାରଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ପୁନରୁଦ୍ଧାର କାର୍ଯ୍ୟକୁ ୨୪ ଘଣ୍ଟିଆ ନଜର ରଖି ତ୍ୱରାନ୍ୱିତ କରିବାକୁ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ବରୀ ବ୍ଲକ ଗସ୍ତ କରି କିମ୍ବାରିଆପାଳ ପଞ୍ଚାୟତର ବାଙ୍କସାହି ସ୍ଥିତ ବ୍ରାହ୍ମଣୀ ନଦୀ କୂଳ ଓ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ନଦୀବନ୍ଧ ସୁରକ୍ଷା ଓ ରିଲିଫ୍ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ।

## କିଟ୍ ଓ କିସ୍‌ରେ ସ୍ୱାଧୀନତା ଦିବସ ପାଳିତ

# ଛାତ୍ରଛାତ୍ରୀମାନଙ୍କ ଉନ୍ନତି ହେଲେ ଦେଶର ବିକାଶ ସମ୍ଭବ : ଅଚ୍ୟୁତ ସାମନ୍ତ

**ଭୁବନେଶ୍ୱର, ୧୬ ।୮ ନ୍ୟୁଜ ବ୍ୟୁରୋ**

କିଟ୍, କିସ୍, କିମ୍‌ସ, କିଟ୍ ପବ୍ଲିକ୍ ସ୍କୁଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ୮୦ତମ ସ୍ୱାଧୀନତା ଦିବସ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି । କିସ୍ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ବିଶିଷ୍ଟ କନ୍ନଡ ସାମ୍ବାଦିକ ତଥା କନ୍ନଡ ଦୈନିକ ବିଶ୍ୱବାଣୀର ମୁଖ୍ୟ ସଂପାଦକ ବିଶ୍ୱେଶ୍ୱର ଭଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ସେ କହିଲେ, ଏବେ ଆମକୁ ଦାରିଦ୍ର୍ୟ, ନିରକ୍ଷରତାରୁ ମୁକ୍ତି ଏବଂ ଶିକ୍ଷା ମାଧ୍ୟମରେ ସ୍ୱାଧୀନତା ହାସଲ କରିବାକୁ ହେବ । ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ସେ କହିଲେ, ମୁଁ ସବୁବେଳେ ଅଚ୍ୟୁତ ସାମନ୍ତଙ୍କୁ ତାଙ୍କର ମହାନ ନିଷ୍ଠା ଓ ପ୍ରେରଣା ପାଇଁ ସ୍ମରଣ କରେ । ସେ ଆଗାମୀ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଛନ୍ତି । ତୁମମାନଙ୍କ ଭବିଷ୍ୟତ ଏବେ ସବୁଠାରୁ ସୁରକ୍ଷିତ ହାତରେ ଏବଂ ସର୍ବୋତ୍ତମ ଯତ୍ନରେ ରହିଛି ବୋଲି ସେ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ, ତୁମମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହେବ । ଯେପର୍ଯ୍ୟନ୍ତ ତୁମର ଉନ୍ନତି ନ ହୋଇଛି ସେପର୍ଯ୍ୟନ୍ତ ଆମକୁ ଖୁସି କି ଆନନ୍ଦ ମିଳିବ ନାହିଁ । ବିକଶିତ ଭାରତରେ ତୁମମାନଙ୍କ ଯୋଗଦାନ ରହିବ । ଦୀର୍ଘ ୩୫ ବର୍ଷ ହେଲା କିସ୍ ଅତି ସୁନ୍ଦର ଭାବେ ଚାଲୁଛି । ଏହାକୁ ଆହୁରି ସୁନ୍ଦର କରାଯିବ । ଅନ୍ୟମାନଙ୍କ ମଧ୍ୟରେ କିସ୍ ସଂପାଦକ ଆର ଏନ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି, ବରିଷ୍ଠ ମହାନିର୍ଦ୍ଦେଶକ ଡ. ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । କିଟ୍ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଶରଣଜିତ ସିଂହ ପତାକା ଉତ୍ତୋଳନ କରିଥିବା ବେଳେ କିମ୍‌ସରେ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିଟ୍ ଇଣ୍ଟରନାସନାଲ ସ୍କୁଲରେ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, କିଟ୍ ପବ୍ଲିକ ସ୍କୁଲରେ ସ୍କୁଲର ଅଧ୍ୟକ୍ଷ ଦିଲୀପ କୁମାର ତ୍ରିପାଠୀ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ । କିସ୍‌ରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।




# ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା : ତଳିଆ ଅଞ୍ଚଳରେ ସତର୍କ ସୂଚନା ଜାରି

**ଜଳେଶ୍ୱର, ୧୬/୦୮ ନ୍ୟୁଜ ବ୍ୟୁରୋ**

ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଝାଡ଼ଖଣ୍ଡର ଗାଲୁଡିହ ବ୍ୟାରେଜର ଜଳସ୍ତର ବୃଦ୍ଧି ପାଇବାରୁ ଶନିବାର ମଧ୍ୟରାତ୍ରିରେ ବ୍ୟାରେଜର ୯ଟି ଗେଟ୍ ଖୋଲାଯାଇ ୪୦୬୦ କ୍ୟୁସେକ୍ ଜଳ ଛଡ଼ାଯାଇଛି । ଫଳରେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବାର ଆଶଙ୍କା ଦେଖାଦେଇଛି । ଯଦି ଗାଲୁଡିହରୁ ଆଉ କିଛି ଗେଟ୍ ଖୋଲି ଅଧିକ ଜଳ ନିଷ୍କାସିତ ହୁଏ, ତେବେ ସୁବର୍ଣ୍ଣରେଖାରେ ବଡ଼ ବନ୍ୟା ଆସିବ ବୋଲି କୁହାଯାଉଛି । ବନ୍ୟା ଆସିଲେ ଭୋଗରାଇ ସମେତ ବିଭିନ୍ନ ପଞ୍ଚାୟତ ତଥା ବ୍ଲକର ପ୍ରାୟ ୧୦ଟି ପଞ୍ଚାୟତ ଅଧିକ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି । ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଗୋଟିଏ ଓଡ୍ରାଫର ଟିମ୍ ସଜାଗ ରହିଥିବା ଓ ଅନ୍ୟାନ୍ୟ ପ୍ରସ୍ତୁତି ହୋଇଥିବା ସୂଚନା ମିଳିଛି । ସେହିପରି ସମ୍ଭାବ୍ୟ ବନ୍ୟା ଆଶଙ୍କା କରି ଭୋଗରାଇ ପ୍ରଶାସନ ପକ୍ଷରୁ ଗାଁ ଗାଁରେ ଡାକବାଜି ଯନ୍ତ୍ର ମାଧ୍ୟମରେ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ କରାଯାଇଛି । ନାଚିନ୍ଦା କୁସୁଡ଼ା, ଖରିଦପିପଳ, ଆରୁଆବୃତ୍ତ-୧, ପୁଟିଣା, ଗବଗାଁ, ନହରା, କଚୁଆଡ଼ି, ଦାରୁହା, ମହାଗବ, ସିଆଁରୋଇ ଏବଂ କୁଳିଦା ପଞ୍ଚାୟତବାସୀଙ୍କୁ ପ୍ରଶାସନ ପକ୍ଷରୁ ସତର୍କ ରହିବାକୁ କୁହାଯାଇଛି । ବନ୍ୟା ପରିସ୍ଥିତିକୁ ଧୈର୍ଯ୍ୟର ସହ ସାମ୍ନା କରି ବାତ୍ୟା ଆଶ୍ରୟସ୍ଥଳୀ ବା ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଗାଲୁଡିହ ବ୍ୟାରେଜ୍‌ରୁ ୪୨୯୮.୬୨୫ କ୍ୟୁସେକ୍ ପାଣି ନିଷ୍କାସିତ ହେଉଛି । ଫଳରେ ସୁବର୍ଣ୍ଣରେଖାରେ ବନ୍ୟାର ଆଶଙ୍କା ରହିଛି ।

ସୂଚନା ଅନୁସାରେ, ବ୍ୟାରେଜ୍‌ର ଗେଟ୍ ଖୋଲାଯିବା ଫଳରେ ସୁବର୍ଣ୍ଣରେଖାର ଜଳପତ୍ତନ ବୃଦ୍ଧି ପାଉଛି । ଏମିତି କି ଜାମଶୋଳା ଘାଟଠାରେ ନଦୀର ଜଳପତ୍ତନ ବିପଦ ସଂକେତ ୪୯.୧୬୦ ମିଟର ଉପରେ ପ୍ରବାହିତ ହେଉଛି । ଅନ୍ୟପଟେ ବନ୍ୟାଜଳ ରବିବାର ବିଳମ୍ବିତ ରାତି ସୁଦ୍ଧା ବାଲେଶ୍ୱରର ରାଜଘାଟରେ ପହଞ୍ଚିବା ସହ ସୋମବାର ରାତି ସୁଦ୍ଧା ବିପଦ ସଙ୍କେତ ୧୦.୩୬ ମିଟରକୁ ଅତିକ୍ରମ କରିପାରେ ବୋଲି କେନ୍ଦ୍ର ଜଳ ଆୟୋଗ ପକ୍ଷରୁ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ସୁବର୍ଣ୍ଣରେଖାରେ ବନ୍ୟା ହେଲେ ନିମ୍ନ ଅବବାହିକା ଭୋଗରାଇ, ଜଳେଶ୍ୱର, ବସ୍ତା ଓ ବାଲିଆପାଳ ବ୍ଲକ୍ ବିଶେଷ ଭାବେ ପ୍ରଭାବିତ ହେବ ବୋଲି କୁହାଯାଉଛି । ବନ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳେଶ୍ୱର ଓ ଭୋଗରାଇ ବ୍ଲକ୍ ପାଇଁ ଜିଲ୍ଲା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ରାଉତ ଏବଂ ବାଲିଆପାଳ ଓ ବସ୍ତା ବ୍ଲକ୍ ପାଇଁ ଏଡିଏମ୍ (ରାଜସ୍ୱ) ହେମନ୍ତ କୁମାର ସିଂଙ୍କୁ ନିୟୋଜିତ କରାଯାଇଛି । ସେହିପରି ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ରବିବାର ଉତ୍ତର ବାଲେଶ୍ୱର ବନ୍ୟାଞ୍ଚଳ ଗସ୍ତ କରିଛନ୍ତି । ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସାଂସଦ ବନ୍ୟା ମୁକାବିଲା ନେଇ ବିଭାଗୀୟ ଅଧିକାରୀଙ୍କ ସହ ବୈଠକ କରିଥିବା ଜଣାପଡ଼ିଛି ।



**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୬/୦୮/୨୦୨୬
୬,୩୬,୪୪୭/- ଟଙ୍କା
ସୁନା:- ୦୨ ଗ୍ରାମ୍ ୦୦୦ମିଲିଗ୍ରାମ
ରୂପା:- ୨୩ ଗ୍ରାମ୍ ୧୦୦ମିଲିଗ୍ରାମ୍



ଭୁବନେଶ୍ୱର : ନବୀନ ନିବାସରେ ସ୍କୁଲ୍ ପିଲାମାନଙ୍କ ଗହଣରେ ୮୦ ତମ ସ୍ୱାଧୀନତା ଦିବସ ଉତ୍ସବ ପାଳନ କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ । (ଫଟୋ : ସମ୍ବାଦ କଳିକା)



ସମ୍ପାଦକୀୟ ପୃଷ୍ଠା-୪

THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-05 • 12-18th August 2026 • Bhubaneswar

ପଶ୍ଚିମ ଓଡ଼ିଶାରେ ଦାଦନ ଯନ୍ତ୍ରଣା... କେହି ଶବ ହୋଇ ଫେରୁଛି
ଆଉ କେତେ ଆଜି ବି ନିଖୋଜ : ୬ ବ୍ଲକ୍ ମୃତ୍ୟୁର 'ହଟ୍‌ସ୍ପଟ୍'

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଉତ୍କର୍ଷର ନୂଆ ଅଧ୍ୟାୟ : ପୂର୍ବତଟ ରେଳପଥର ସଫଳତା ଉପସ୍ଥାପନ କଲେ ମହାପ୍ରବନ୍ଧକ

**ଭୁବନେଶ୍ୱର,୧୬/୦୮ ନ୍ୟୁଜ ବ୍ୟୁରୋ**

୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୁରକ୍ଷା, ଯାତ୍ରୀ ସେବା, ମାଲ ପରିବହନ, ଭିତ୍ତିଭୂମି ବିକାଶ ଏବଂ କର୍ମଚାରୀ କଲ୍ୟାଣ କ୍ଷେତ୍ରରେ ପୂର୍ବତଟ ରେଳପଥର ପ୍ରମୁଖ ସଫଳତାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ପୂର୍ବତଟ ରେଳପଥ କ୍ରମାଗତ ନବମ ବର୍ଷ ପାଇଁ ଭାରତୀୟ ରେଳପଥର ସର୍ବାଧିକ ମାଲ୍ ଲୋଡିଂ ଜୋନ୍ ଭାବେ ନିଜର ସ୍ଥାନ ବଜାୟ ରଖିଛି । ୨୦୨୫-୨୬ରେ ଏହା ଐତିହାସିକ ୨୮୬.୨୬ ନିୟୁତ ଟନ୍ ମାଲ ଲୋଡିଂ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୦.୪୨ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି । ଯାତ୍ରୀ ପରିବହନ ୯୭.୭୧ ନିୟୁତକୁ ବୃଦ୍ଧି ପାଇଥିବା ବେଳେ ଉତ୍ପତ୍ତି ରାଜସ୍ୱ ୩୨,୮୩୭.୬୭ କୋଟିରେ ପହଞ୍ଚିଛି । ପୂର୍ବତଟ ରେଳପଥ ୧୨,୨୨୧.୮୧ କୋଟିର ପୁଞ୍ଜିଗତ ବ୍ୟୟ ବିନିଯୋଗ କରି ବଜେଟ୍ ଅନୁଦାନର ୧୦୫.୮୦ ପ୍ରତିଶତ ହାସଲ କରିଛି । ଏହାର ପରିଚାଳନା ଅନୁପାତ ୫୫.୧୪ ପ୍ରତିଶତ, ଯାହା ସମସ୍ତ ଜୋନାଲ୍ ରେଳପଥ ମଧ୍ୟରେ ଦ୍ୱିତୀୟ ସର୍ବୋତ୍ତମ । ଚଳିତ ଆର୍ଥିକ ବର୍ଷର ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୮୮.୩୬ ନିୟୁତ ଟନ୍ ପଣ୍ୟ ବୋଝେଇ , ୩୦.୪୯ ନିୟୁତ ଯାତ୍ରୀ ପରିବହନ ଏବଂ ୮,୨୨୮.୮୬ କୋଟି ରାଜସ୍ୱ ଅର୍ଜନ କରିଛି । ଋତୁକାଳୀନ ଯାତ୍ରୀ ଚାହିଦା ପୂରଣ ପାଇଁ ପୂର୍ବତଟ ରେଳପଥ ୪୬୩ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରିବା ସହିତ ନିୟମିତ ଟ୍ରେନ୍‌ଗୁଡ଼ିକରେ ୧,୫୦୧ଟି କୋଚ୍ ବୃଦ୍ଧି କରିଛି । ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ଭାୟା ସମ୍ବଲପୁର ସମେତ ୧୬ ଯୋଡ଼ା ନୂତନ ଟ୍ରେନ ଚଳାଚଳ କରିଛି । ବ୍ରହ୍ମପୁର-ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍‌କୁ ସାପ୍ତାହିକ ତିନି ଦିନରୁ ଦୈନିକ ସେବାକୁ ବୃଦ୍ଧି କରାଯାଇଛି । ଏଥିସହିତ ତିନି ଯୋଡ଼ା ଟ୍ରେନରେ ଏଲ୍‌ଏଚ୍‌ବି ରେକ୍ ପ୍ରଚଳନ କରାଯାଇଛି । ରଥଯାତ୍ରା ୨୦୨୬ ସମୟରେ ପୂର୍ବତଟ ରେଳପଥ ୩୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରି ପ୍ରାୟ ୧୩ ଲକ୍ଷ ଭକ୍ତଙ୍କୁ ପରିବହନ କରିଛି । ଏହି ସମୟରେ ଅତ୍ୟାଧୁନିକ ୨୪ ଘଣ୍ଟିଆ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର ମାଧ୍ୟମରେ ୩୫୦ଟି ସି.ସି. ଟିଭି କ୍ୟାମେରା, ରୋବୋଟିକ୍ ସିଷ୍ଟମ୍ ଏବଂ ଡ୍ରୋନର ନିରୀକ୍ଷଣ କରାଯାଇଥିଲା । ଏହା ମାଧ୍ୟମରେ ବାସ୍ତବ ସମୟରେ ଭିଡ଼ ନିରୀକ୍ଷଣ ଏବଂ ତ୍ୱରିତ ପ୍ରତିକ୍ରିୟା ସୁନିଶ୍ଚିତ କରାଯାଇଥିଲା । ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବତଟ ରେଳପଥରେ ୨୫ଟି ହଟ୍ ଆକ୍ସେଲ୍ ବକ୍ସ ଡିଟେକ୍ଟର ସ୍ଥାପନ କରାଯାଇଛି , ୪୯୬ କିଲୋମିଟର ଟ୍ରାକ୍‌ରେ ସୁରକ୍ଷା ବାଡ଼, ସୋଲାର୍ ପାୱାର୍ଡ ସି ସି ଟିଭି ନିରୀକ୍ଷଣ, ୧୪ଟି ରୋଡ଼ ଓଭରବ୍ରିଜ୍ ଏବଂ ୩୬ଟି ରୋଡ଼ ଅଣ୍ଡରବ୍ରିଜ୍/ ଲିମିଟେଡ୍ ହାଇଟ୍ ସବୱେ ସମ୍ପୂର୍ଣ୍ଣ କରାଯାଇଛି । ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଜଗଦଲପୁର-କିରଣ୍ଡୁଲ୍ ଏବଂ କୋରାପୁଟ-ସିଙ୍ଗାପୁର ରୋଡ୍ ଡବଲିଂ ପ୍ରକଳ୍ପର ବିଭିନ୍ନ ଅଂଶ କାର୍ଯ୍ୟକ୍ଷମ କରାଯାଇଛି । ୪୩.୭୯ ଟିକେଏମ୍ ରେଳ ବିଦ୍ୟୁତୀକରଣ ସମ୍ପନ୍ନ ହୋଇଥିବା ବେଳେ ବିଭିନ୍ନ ଡବଲିଂ ପ୍ରକଳ୍ପରେ ଟନେଲ୍ ବ୍ରେକଥ୍ରୁ ହାସଲ କରାଯାଇଛି । ଏଥିସହିତ ECoR DPWCS ସକ୍ଷମ ଦୀର୍ଘଦୂର ମାଲବାହୀ ଟ୍ରେନ୍ ପରିଚାଳନା କରିବାରେ ଦେଶର ପ୍ରଥମ ରେଳପଥ ହୋଇଛି ଏବଂ ଏହି ପ୍ରଣାଳୀ ମାଧ୍ୟମରେ ଏପର୍ଯ୍ୟନ୍ତ ୮୯୫ଟି ଟ୍ରେନ ପରିଚାଳିତ ହୋଇଛି । ପରିବେଶ ସୁରକ୍ଷା ଓ ଶକ୍ତି ସଂରକ୍ଷଣ ଦିଗରେ ପୂର୍ବତଟ ରେଳପଥ ୨,୮୭୪ଟି ସ୍ୱଚ୍ଛତା ଅଭିଯାନ ଆୟୋଜନ କରିଛି । ୭୨ଟି ହେଡ୍-ଅନ୍-ଜେନେରେସନ୍ ରେକ୍ ଏବଂ ୪୩୩ କିଲୋୱାଟ୍ ପିକ୍ ସୌର ପ୍ଲାଣ୍ଟ ମାଧ୍ୟମରେ ୪୮.୩୨ ଲକ୍ଷ ୟୁନିଟ୍ ସବୁଜ ଶକ୍ତି ଉତ୍ପାଦନ କରାଯାଇ ୩.୧୫ କୋଟି ସଞ୍ଚୟ କରାଯାଇଛି । ଯାତ୍ରୀ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ରେଳ ସୁରକ୍ଷା ବଳ ପକ୍ଷରୁ "ଡିଏସସି ଅର୍ଜୁନ" ନାମକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ସଞ୍ଚାଳିତ ରୋବୋଟିକ୍ ନିରୀକ୍ଷଣ ପ୍ରଣାଳୀ ମୁତୟନ କରାଯାଇଛି । ଅପରେସନ୍ 'ଜୀବନ ରକ୍ଷା' ଅଧୀନରେ ଆରପିଏଫ୍ ୨୮ ଜଣ ଯାତ୍ରୀଙ୍କ ଜୀବନ ରକ୍ଷା କରିବା ସହିତ ୪୭୧ ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିଛି । ପୂର୍ବ ତଟ ରେଳପଥର ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି, ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି, 'ଆଗରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସମର୍ପଣ ଏବଂ ସାମୂହିକ ପ୍ରୟାସ ସହିତ ଆମେ ଭାରତୀୟ ରେଳପଥ ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିବୁ ।' ସ୍ୱାଧୀନତା ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କ ପାଇଁ ପୁରସ୍କାର ବଣ୍ଟନ ଉତ୍ସବ, ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାହା ଏହି କାର୍ଯ୍ୟକ୍ରମକୁ ଉତ୍ସାହ ଓ ରଙ୍ଗିନତାରେ ଭରିଦେଇଥିଲା ।

